



◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-223 ◆SUNDAY ◆8 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୨୩ ◆ରବିବାର ◆୮ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

### ଘୁଞ୍ଚି ଘୁଞ୍ଚି ଯାଉଛି ମହାନଦୀ 'ପଦ୍ମ'

## ୫୦ ଶୁଣାଣି; ଫଳ ଶୂନ୍, ପୁଣି ତାରିଖ

■ ଭୁବନେଶ୍ୱର, ୭।୨ (ସମିସ): ଓଡ଼ିଶାବାସୀଙ୍କ ପାଇଁ 'ମହାନଦୀ' ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି । ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ଅର୍ଦ୍ଧଶତକୀୟ ଶୁଣାଣି ପରେ ବି କୌଣସି ନିର୍ଯ୍ୟାସ ବାହାରି ପାରିଲା ନାହିଁ। ଏପରିକି ଟ୍ରିବ୍ୟୁନାଲଙ୍କ ପକ୍ଷରୁ କୌଣସି ଅନ୍ତରୀଣ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇ ନାହିଁ। ଯାହାଫଳରେ ମହାନଦୀର ଭାଗ୍ୟ ଧୀରେ ଧୀରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଉଛି । ପୁଣି ଥରେ ଓଡ଼ିଶାକୁ ନ୍ୟାୟ ବଦଳରେ ମିଳିଛି ଆଉ ଏକ 'ତାରିଖ' ।


**ଫେବ୍ରୁଆରୀ ଶେଷ ସପ୍ତାହରେ କ୍ଷେତ୍ର ପରିଦର୍ଶନ କରିବେ ଟ୍ରିବ୍ୟୁନାଲ**

**ମାର୍ଚ୍ଚ ୧୪ ରେ ପରବର୍ତ୍ତୀ ଶୁଣାଣି**

ଆଜି(ଶନିବାର) ହୋଇଥିବା ୫୦ତମ ଶୁଣାଣିରେ ଆସନ୍ତା ଫେବ୍ରୁଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ କ୍ଷେତ୍ର ▶ପୃଷ୍ଠା-୭

### ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି

■ ଭୁବନେଶ୍ୱର, ୭।୨ (ସମିସ): ଛତିଶଗଡ଼ କବଳରୁ ମହାନଦୀକୁ ବଞ୍ଚାଇବା ପାଇଁ ବିଜେପି ସରକାରଙ୍କ



**ମହାନଦୀକୁ ବଞ୍ଚାଇବା ପାଇଁ ଆନ୍ଦୋଳନକୁ ଜୋରଦାର କରିବ ବିଜେଡି**

ଆନ୍ତରିକତାକୁ ନେଇ ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଶେଷକରି ଟ୍ରିବ୍ୟୁନାଲରେ ଶୁଣାଣି ବେଳେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ▶ପୃଷ୍ଠା-୭

### ଆମେରିକା-ଭାରତ ମଧ୍ୟରେ ବାଣିଜ୍ୟ ଚୁକ୍ତିର ରୂପରେଖ ଜାରି

## ୪୫ ଲକ୍ଷ କୋଟିର କାରବାର ଲକ୍ଷ୍ୟ

■ ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ଭାରତ-ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି । ଦୀର୍ଘ ଦିନ ଧରି ମୂଲଚାଲ ଏବଂ ବାଦବିବାଦ ପରେ ଦୁଇ ଦେଶ ଏହି ଅନ୍ତରୀଣ ଚୁକ୍ତିର ରୂପରେଖ (ଆଇଟିଏ)କୁ ଉପସ୍ଥାପନ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହା ଉପରେ ସ୍ୱାକ୍ଷର କରିଛନ୍ତି । ଶୁଳ୍କ ହ୍ରାସ, ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଏବଂ ଆର୍ଥିକ ସହଯୋଗକୁ ମଜବୁତ କରିବା ଏହି ବାଣିଜ୍ୟ ଚୁକ୍ତିର ଉଦ୍ଦେଶ୍ୟ । ଉଭୟ ଦେଶ ନିଜ ଯୋଗାଣ ଶୃଙ୍ଖଳକୁ ମଜବୁତ ଏବଂ ବାଣିଜ୍ୟକୁ ଅଧିକ ସୁରକ୍ଷିତ କରିବାକୁ ଚାହୁଁଥିବାବେଳେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ରୂପରେଖକୁ ଆମେରିକା-ଭାରତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଦିଗରେ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି । ଏ ନେଇ ଗତ ବର୍ଷ ଫେବୃଆରୀରୁ ଆଲୋଚନା ଆରମ୍ଭ ହୋଇଥିଲା । ଏହି ରାଜିନାମା ଉଭୟ ଦେଶ ମଧ୍ୟରେ ସନ୍ତୁଳନ ରଖିବା ସହିତ ଯୋଗାଣ ଶୃଙ୍ଖଳକୁ ଅଧିକ ମଜବୁତ କରିବ । ଏହି ଅନ୍ତରୀଣ ଚୁକ୍ତିରେ ଭାରତ ପ୍ରତିବଦ୍ଧତାର ଝଲକ ଦେଖିବାକୁ ମିଳିଛି । କୃଷି ଏବଂ ଡାଏରୀ କ୍ଷେତ୍ରକୁ ସଂରକ୍ଷଣ ଦିଆଯାଇଛି । ଦୁଇ ଦେଶ ୪୫ ଲକ୍ଷ କୋଟିର କାରବାର କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହା ବ୍ୟତୀତ ଆଜିଠାରୁ ଭାରତ ଉପରେ ଆମେରିକା ଲଗାଇଥିବା ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ହଟି ଯାଇଛି । ଆମେରିକା କମ୍ପାନୀ ପାଇଁ ଭାରତ ନିୟମ ସରଳ କରିବାକୁ ମଧ୍ୟ ପ୍ରତିଶ୍ରୁତି ▶ପୃଷ୍ଠା-୭



- **ଚାଷୀ, ମତ୍ସ୍ୟଜୀବୀଙ୍କୁ ବଡ଼ ଲାଭ ମିଳିବ: ପୀୟୁଷ ଗୋୟଲ**
- **ଭାରତୀୟ କୃଷି ଉତ୍ପାଦ ଉପରେ କୌଣସି ଶୁଳ୍କ ଲାଗିବନି**
- **ଜେନେଟିକାଲ ମୋଡିଫାଏଡ (ଜିଏମ) ଫୁଡ୍‌କୁ ଦିଆଗଲାନି ଅନୁମତି**
- **ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ଖୋଲିବ ୨୭.୧୮ ଲକ୍ଷ କୋଟିର ବଜାର**

### ଟି-୨୦ ବିଶ୍ୱକପ୍ ଆରମ୍ଭ

## ଭାରତ, ପାକିସ୍ତାନର ସଂଘର୍ଷପୂର୍ଣ୍ଣ ମୁକାବିଲା

■ ମୁମ୍ବାଇ/କଲମ୍ବୋ,୭।୨(ଏଜେନ୍ସି): ଭାରତ ଓ ପାକିସ୍ତାନର ସଂଘର୍ଷପୂର୍ଣ୍ଣ ମୁକାବିଲା ସହ ଭାରତ ଓ କଲମ୍ବୋରେ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଆଜିଠାରୁ ଆରମ୍ଭ ହୋଇଛି । ଆଜିର ରୋମାଞ୍ଚକ ଉଦ୍‌ଘାଟନୀ ମୁକାବିଲାରେ ପାକିସ୍ତାନ ୩ ୱିକେଟରେ ନେଦରଲାଣ୍ଡସକୁ ପରାସ୍ତ କରିଛି । ସେହିପରି ସିମରନ ହେଟମାୟର ଟୁର୍ଣ୍ଣାମେଣ୍ଟର ପ୍ରଥମ ଅର୍ଦ୍ଧଶତକ, ରୋମାରିଓ ସେଫର୍ଡଙ୍କ ପ୍ରଥମ ହ୍ୟାଟ୍ରିକ ସହ ୫ ୱିକେଟ ଅକ୍ତିଆର ବଳରେ ଓ୍ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି । ଆମେରିକା ବିପକ୍ଷରେ ଭାରତ ସଂଘର୍ଷପୂର୍ଣ୍ଣ ଖେଳ ଜାରି ରଖିଛି । ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଉଦ୍‌ଘାଟନ ଉତ୍ସବ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲାବେଳେ ଆଇସିସି ଅଧ୍ୟକ୍ଷ ଜୟ ଶାହ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟର ଆମ୍ବାସଡର ରୋହିତ ଶର୍ମା ଟ୍ରଫିର ଉନ୍ମୋଚନ କରିଥିଲେ ।




ମାର୍ଚ୍ଚ ୬ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ୫ଟି ଭେନ୍ୟୁରେ ୫୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଭାରତ ସହ ଉତ୍ତେଜନାମୂଳକ ସମ୍ପର୍କ ହେତୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳୁଛି । ଏହି ଦଳ ଭାରତ ସହ ଏଠାରେ ଫେବୃଆରୀ ୧୫ରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବୟକଟ କରିଛି । ପାକିସ୍ତାନକୁ ଖେଳାଇବା ଲାଗି ଆଇସିସି ଓ ଯୁଗ୍ମ ଆୟୋଜକ ଶ୍ରୀଲଙ୍କା ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ ଅବ୍ୟାହତ ରହିଛି ।

### ପାଣିପାଗର ଭିନ୍ନ ରୂପ

## ଯାଇନି ଶୀତ; ବଢ଼ିଲାଣି ତାପ

■ ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ସାରା ଦେଶରେ ପାଣିପାଗ ଏବେ ବଦଳିବାରେ ଲାଗିଛି । କିନ୍ତୁ ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ରୂପ ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ଶୀତ ଲାଗି ରହିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ତାପମାତ୍ରା ଏବେ ଠାରୁ ୩୦ ଡିଗ୍ରୀ ଟପିଗଲାଣି । ଏହାକୁ ନେଇ ଦେଶର ପାଣିପାଗ ଚିତ୍ରରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି ।



ମଧ୍ୟପ୍ରଦେଶରେ କିଛି ଦିନ ଧରି ତାପମାତ୍ରା ବଢ଼ିବା ପରେ ପୁଣି ଶୀତ ବୃଦ୍ଧି ପାଇବାରେ ଲଗିଛି । ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀକୁ ଖସି ଆସିଲାଣି । ରାଜ୍ୟରେ ସର୍ବାଧିକ ତାମାତ୍ରା ୨୫ ରହିଥିବା ବେଳେ ଭୋପାଳ, ଇନ୍ଦୋର ଓ ଗ୍ୱାଲିଅର ସମେତ ଅନେକ ସହରରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀରେ ରହିଛି । ଏପରିକି ଖଜୁରାହୋରେ ତାପମାତ୍ରା ▶ପୃଷ୍ଠା-୭

### ତାତିବ ଓଡ଼ିଶା

## ୧୫ ସୁଦ୍ଧା ୩୭ ଡିଗ୍ରୀ ଛୁଇଁବ ପାରଦ

■ ଭୁବନେଶ୍ୱର, ୭।୨ (ସମିସ): ଫେବ୍ରୁଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହେଲାଣି ସୂର୍ଯ୍ୟଙ୍କ ପ୍ରଖର କିରଣ । ରାତିରେ ଶୀତ ଯାଇନାହିଁ, କିନ୍ତୁ ଦିନରେ ତାତି ତାଉ ଦେଖାଇଲାଣି । ଫଳରେ, ଏବେଠାରୁ ତାପମାତ୍ରା ୩୪ଡିଗ୍ରୀ ଛୁଇଁଲାଣି । ବିଭିନ୍ନ ପାଣିପାଗ ମଡେଲର ଆକଳନ ଅନୁଯାୟୀ, ଆସନ୍ତା ୧୫ତାରିଖ ସୁଦ୍ଧା ରାଜ୍ୟର କିଛି ସ୍ଥାନରେ ବିଶେଷକରି, ଝାରସୁଗୁଡ଼ାରେ ତାପମାତ୍ରା ୩୭ଡିଗ୍ରୀ ଛୁଇଁବା ସହ ଭୁବନେଶ୍ୱରରେ ତାପମାତ୍ରା ୩୫ଡିଗ୍ରୀ ଛୁଇଁବାର ଆଶଙ୍କା ରହିଛି ।

ରାଜ୍ୟରୁ ବର୍ତ୍ତମାନ ଶୀତ ଛାଡ଼ୁଛି, ଖରା ବଢ଼ୁଛି । ବାୟୁମଣ୍ଡଳରେ ଆର୍ଦ୍ରତା ରହୁନାହିଁ । କେବଳ ଶୁଷ୍କବାୟୁ ପ୍ରବାହ ଯୋଗୁଁ ତାପମାତ୍ରା ବଢ଼ୁଛି । ▶ପୃଷ୍ଠା-୭



## ମୁମ୍ବାଇର ମେୟର ହେବେ ବିଜେପିର ରତୁ ତାୱେଡ଼େ



ମୁମ୍ବାଇ, ୭ ।୨(ଏଜେନ୍ସି): ମୁମ୍ବାଇର ମେୟର ଓ ଡେପୁଟି ମେୟର ନିର୍ବାଚନ ପାଇଁ ବିଜେପି ଓ ଶିବସେନା ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ବିଜେପିର ରତୁ ତାୱେଡ଼େ ଶନିବାର ମେୟର ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଶିବସେନା (ଶିନ୍ଦେ ଗୋଷ୍ଠୀ) ସଞ୍ଜୟ ଘାଡ଼ିଙ୍କୁ ଡେପୁଟି ମେୟର ପଦ ପାଇଁ ପ୍ରାର୍ଥୀ କରିଛି। ରତୁ ଓ ଘାଡ଼ି ନଗର ନିଗମ ସଚିବାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ଏହି ସମୟରେ ମନ୍ତ୍ରୀ ମଙ୍ଗଳ ପ୍ରଭାତ ଲୋଢାଙ୍କ ସମେତ ଅନେକ ବଡ଼ ନେତା ଉପସ୍ଥିତ ଥିଲେ। ମେୟର ନିର୍ବାଚନ ଫେବୃଆରୀ ୧୧ ମଧ୍ୟାହ୍ନ ୧୨ରେ ଆୟୋଜନ ହେବ। ଅନ୍ୟପଟେ ଶିବସେନା ଠାକ୍‌ରେ ଗୋଷ୍ଠୀ ମଧ୍ୟ ମେୟର ପଦ ପାଇଁ ପ୍ରାର୍ଥୀ ଛିଡ଼ା କରିବାର ସମ୍ଭାବନା ରହିଛି। ରତୁ ମେୟର ହେବା ଏକ ପ୍ରକାର ନିଶ୍ଚିତ ମନେ ହେଉଛି। ସେ ମୁମ୍ବାଇର ୮ମ ମହିଳା ମେୟର ହୋଇପାରନ୍ତି। ସେ ୧୩୨ ନଂ ୱାର୍ଡର କର୍ପୋରେଟର ଭାବେ ନିର୍ବାଚିତ ହୋଇଛନ୍ତି। ରତୁ ପୂର୍ବରୁ ୨୦୧୨ରେ ୧୨୭ ନଂ ୱାର୍ଡରୁ ପ୍ରଥମଥର ପାଇଁ କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୨୦୧୭ ଘାଟକୋପର ୱାର୍ଡର କର୍ପୋରେଟର ହୋଇଥିଲେ। ସେ ପୂର୍ବରୁ ମୁମ୍ବାଇ ନଗର ନିଗମର ଶିକ୍ଷା ସମିତିର ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇଛନ୍ତି। ଉଲ୍ଲେଖଥାଉ କି, ୨୨୭ ଆସନ ବିଶିଷ୍ଟ ବିଏମ୍‌ସି ନିର୍ବାଚନରେ ବିଜେପି ୮୯ଟି ଆସନ ଜିତି ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ସେହିପରି ବିଜେପିର ସହଯୋଗୀ ଶିବସେନା (ସିନ୍ଦେ)କୁ ୨୯ଟି ଆସନ ମିଳିଥିଲା।

## ଡ୍ରାଇଭରଙ୍କ ଯୋଗୁଁ ବର୍ତ୍ତିଗଲେ ୩୯ ଯାତ୍ରୀ

ହାଇଦରାବାଦ, ୭ ।୨(ଏଜେନ୍ସି): ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲ୍ଲାରେ କେସର ଟୋଲ ଗେଟ୍ ନିକଟରେ ଶୁକ୍ରବାର ସକାଳେ ଏକ ଘରୋଇ ବସ୍‌ରେ ହଠାତ ନିଆଁ ଲାଗିଥିଲା। ଏହି ବସଟି ହାଇଦରାବାଦରୁ ବିଜୟୱାଡ଼ା ଅଭିମୁଖେ ଯାତ୍ରା କରୁଥିଲା। ସୂଚନା ଅନୁଯାୟୀ, ବସର ପଛ ଭାଗରେ ଥିବା ଇଞ୍ଜିନରୁ ହଠାତ ଧୂଆଁ ବାହାରିବାକୁ ଲାଗିଥିଲା ଓ ଧୂଆଁ ଦେଖିବା ମାତ୍ରେ ଡ୍ରାଇଭର ନିଜର ଚତୁରତାର ଦେଖାଇ ବସକୁ ସଙ୍ଗେ ସଙ୍ଗେ ରାସ୍ତା କଡ଼ରେ ରୋକିଥିଲେ। ଏହାପରେ ସମସ୍ତ ୩୯ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ନିଆଁ ଏତେ ଭୟଙ୍କର ଥିଲା ଯେ, ଦେଖୁ ଦେଖୁ କିଛି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ବସ୍‌ଟି ଜଳି ପାଉଁଶ ହୋଇଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ କଠିନ ପରିଶ୍ରମ କରି ନିଆଁକୁ ଆୟତ କରିଥିଲେ। ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।

## କର୍ଣ୍ଣେଲ ସୋଫିଆଙ୍କୁ ପୁଣି କ୍ଷମା ମାଗିଲେ ମନ୍ତ୍ରୀ ବିଜୟ




ନୂଆଦିଲ୍ଲୀ, ୭ ।୨ (ଏଜେନ୍ସି): କର୍ଣ୍ଣେଲ ସୋଫିଆଙ୍କୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟ ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣିର ଦୁଇଦିନ ପୂର୍ବରୁ ମଧ୍ୟପ୍ରଦେଶର ଜନଜାତି କାର୍ଯ୍ୟମନ୍ତ୍ରୀ ବିଜୟ ଶାହା ପୁଣି ଥରେ କ୍ଷମା ପ୍ରାର୍ଥନା କରିଛନ୍ତି। ଏହାକୁ ମିଶାଇ ସେ ଚତୁର୍ଥଥର ପାଇଁ କ୍ଷମା ମାଗିଛନ୍ତି। ସେ ଶନିବାର ସାମାଜିକ ଗଣମାଧ୍ୟମରେ ଭିଡ଼ିଓ ପୋଷ୍ଟ କରି ନିଜର ପକ୍ଷ ରଖିଛନ୍ତି। ଭିଡ଼ିଓ ବାର୍ତ୍ତାରେ ସେ କହିଛନ୍ତି ଯେ, 'ମୁଁ ପୂର୍ବରୁ ଅନେକଥର କହିଛି ଯେ, କୌଣସି ମହିଳା ଅଧିକାରୀ, ଭାରତୀୟ ସେନା କିମ୍ବା ସମାଜର କୌଣସି ବର୍ଗକୁ ଅପମାନିତ କରିବା ମୋର ଉଦ୍ଦେଶ୍ୟ ନଥିଲା। ସେହି ଶବ୍ଦଗୁଡିକ ନିଶ୍ଚିତ ଭାବେ ମୋର ଭାବନାର ଅନୁରୂପ ନଥିଲା। ଦେଶପ୍ରେମର ଉତ୍ସାହ ଓ ଉତ୍ତେଜନା ମଧ୍ୟରେ ପାଟିରୁ ସେହି ଶବ୍ଦଗୁଡ଼ିକ ବାହାରିଯାଇଥିଲା। ମୁଁ ଅନ୍ତରରୁ କ୍ଷମା ମାଗୁଛି ବୋଲି ସେ କହିଛନ୍ତି। ଗତବର୍ଷ ମେ' ୧୧ରେ ଇନ୍ଦୋରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶାହା 'ଅପରେସନ ସିନ୍ଦୂର' ସମ୍ପର୍କରେ କହିବାକୁ ଯାଇ କର୍ଣ୍ଣେଲ ସୋଫିଆଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ବିବାଦୀୟ ବୟାନ ପାଇଁ ଶାହାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା ଓ ଏହା ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ଶୁଣାଣିର ଠିକ୍ ପୂର୍ବରୁ ନିଜ ପକ୍ଷକୁ ଦୁର୍ବଳ ନ କରିବା ପାଇଁ ଏହା ଶାହାଙ୍କର ଏକ ପ୍ରୟାସ ବୋଲି କୁହାଯାଉଛି।

## ଦେଶରେ ସ୍ତନ କର୍କଟ ମାମଲା ୧୩ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ, ୭ ।୨(ଏଜେନ୍ସି): ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ଉପରେ କର୍କଟ ରୋଗର ବିପଦ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ଶନିବାର ରାଜ୍ୟସଭାରେ ଏକ ଚିନ୍ତାଜନକ ତଥ୍ୟ ଉପସ୍ଥାପନ କରିଛନ୍ତି। ଦେଶରେ ୫ ବର୍ଷ ମଧ୍ୟରେ ସ୍ତନ କର୍କଟ ମାମଲା ଓ ଏଥିଯୋଗୁଁ ହେଉଥିବା ମୃତ୍ୟୁ ସଂଖ୍ୟାରେ ପ୍ରାୟ ୧୩ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୫ ସୁଦ୍ଧା ଏହି ମାମଲା ୨.୪୦ ଲକ୍ଷ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ତେବେ ମୃତ୍ୟୁହାର ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଓଭାରିଆନ କ୍ୟାନସର ସବୁଠାରୁ ବିପଜ୍ଜନକ ସାବ୍ୟସ୍ତ ହୋଇଛି ଓ ଏହାର ମୃତ୍ୟୁହାର ୬୧ ପ୍ରତିଶତ ହୋଇଥିବା ବେଳେ ସର୍ଭିକାଲ କ୍ୟାନସର ଓ ସ୍ତନ କର୍କଟର ମୃତ୍ୟୁହାର ଯଥାକ୍ରମେ ୫୪ ଓ ୪୩ ପ୍ରତିଶତ ରହିଛି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ସବୁଠାରୁ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ବିହାର ଓ ଛତିଶଗଡ଼ରେ କ୍ୟାନସର ଗ୍ରାଫ୍ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ଦୁଇ ରାଜ୍ୟରେ ନୂଆ ମାମଲା ପ୍ରାୟ ୨୧-୨୨ ପ୍ରତିଶତ ଓ ମତ୍ୟୁସଂଖ୍ୟାରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି।

# ଆମେରିକା ମାନିଲା: ପିଓକେ, ଅକ୍ସାଇ ଚୀନ୍ ବି ଭାରତର



ୱାସିଂଟନ, ୭ ।୨(ଏଜେନ୍ସି): ଭାରତ ଓ ଆମେରିକା ଶୁକ୍ରବାର ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଢାଞ୍ଚା ଘୋଷଣା କରିଛନ୍ତି। ଆମେରିକା ବାଣିଜ୍ୟ କାର୍ଯ୍ୟାଳୟ ଏହି ଘୋଷଣା ସହିତ ଏକ ଭାରତୀୟ ମାନଚିତ୍ର ସେୟାର କରିଛି। ଏହି ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଓ ଆକ୍ସାଇ ଚୀନ୍ (ଚୀନ ଅଧିକୃତ ଅଞ୍ଚଳ) ସମେତ ସମଗ୍ର ଜମ୍ମୁ ଓ କାଶ୍ମୀର ଅଞ୍ଚଳକୁ ଭାରତର ଅଂଶ ଭାବେ ଦର୍ଶାଇଛି। ଏହି ମାନଚିତ୍ର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆମେରିକା ପୂର୍ବରୁ ନିଜ ମାନଚିତ୍ରରେ ପିଓକେକୁ ଅଲଗା ଭାବେ ଦର୍ଶାଉଥିଲା। ସୂଚନାଯୋଗ୍ୟ ଯେ, ଅନ୍ତର୍ଜାତୀୟ ମଞ୍ଚ ଓ ପାଶ୍ଚାତ୍ୟ ଦେଶଗୁଡ଼ିକର ସରକାରୀ ନକ୍ସାରେ ମଧ ବିବାଦୀୟ ଅଂଶଗୁଡ଼ିକ ଅଲଗା ରଙ୍ଗ କିମ୍ବା 'ଡଟେଡ ଲାଇନ୍' ମାଧ୍ୟମରେ ଦେଖାଯାଇଥାଏ। ଏଥର ଟ୍ରମ୍ପ ପ୍ରଶାସନ ଜାଣିଶୁଣି ହେଉ କିମ୍ବା ଅଜାଣତରେ, ଏଭଳି ମାନଚିତ୍ର ସେୟାର କରିଛି ଓ ଏହା ଭାରତୀୟ ମାନଚିତ୍ରକୁ ସମ୍ପୂର୍ଣ୍ଣ ମାନ୍ୟତା ଦେଇଛି। ଭାରତ ସର୍ବଦା ଜମ୍ମୁ-କଶ୍ମୀରକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ମାନିଆସିଛି। ଉଲ୍ଲେଖଥାଉ କି, ଭାରତ ଓ ପାକିସ୍ତାନ ମଧ୍ୟରେ ପିଓକେ ବିବାଦ ଜମ୍ମୁ-କଶ୍ମୀର ସହିତ ଜଡ଼ିତ ସବୁଠାରୁ ପୁରୁଣା ବିବାଦ। ଏହା ୧୯୪୭ରୁ ଚାଲିଆସୁଛି ଏବଂ ଦୁଇ ଦେଶ ମଧ୍ୟରେ ଯୁଦ୍ଧ, ଉତ୍ତେଜନା ଓ କୂଟନୈତିକ ଲଢ଼େଇର କାରଣ ରହିଛି। ୧୯୪୭ରେ ଭାରତ ବିଭାଜନ ସମୟରେ ପାକିସ୍ତାନ ଜମ୍ମୁ-କଶ୍ମୀର ଉତ୍ତର ପଶ୍ଚିମ ଅଂଶକୁ କବ୍‌ଜାରେ ରଖିଥିଲା। ଏହାକୁ ପିଓକେ କୁହାଯାଏ। ସେହିପରି ୧୯୬୨ ଯୁଦ୍ଧରେ ଆକ୍ସାଇ ଚୀନ୍‌କୁ ଚୀନ୍ ଅଧିକାର କରି ନେଇଥିଲା। ଭାରତ ଏହାକୁ ଲଦାଖର ଅଂଶ ବୋଲି ମାନୁଥିବା ବେଳେ ଚୀନ ଏହାକୁ ନିଜ କବ୍‌ଜାରେ ରଖିଛି।

- ବାଣିଜ୍ୟ ଚୁକ୍ତି ପରେ ଭାରତୀୟ ମାନଚିତ୍ର ଜାରି କଲେ ଟ୍ରମ୍ପ
- ସାମାଜିକ ଗଣମାଧ୍ୟମରେ ଭାଇରାଲ

### ଇସ୍‌ଲାମାବାଦ୍ ସିଆ ମସ୍‌ଜିଦ୍ ବିସ୍ଫୋରଣ ଘଟଣା

# ନିଜ ଗାତରେ ପଡୁଛି ପାକିସ୍ତାନ



ଇସଲାମାବାଦ, ୭ ।୨(ଏଜେନ୍ସି): ରାଜଧାନୀ ଇସଲାମାବାଦ୍‌ର ସିଆ ମସଜିଦ୍ ବିସ୍ଫୋରଣ ମାମଲାରେ ପାକିସ୍ତାନ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଦୁଇ ଭାଇ ଓ ଜଣେ ମହିଳା ସାମିଲ ରହିଛନ୍ତି। ଏହି ତିନିଜଣ ଶୁକ୍ରବାର ଦିନ ମସଜିଦ୍‌ରେ ହୋଇଥିବା ଆତ୍ମଘାତୀ ମାମଲା ସହ ଜଡ଼ିତ ଥିବା କୁହାଯାଉଛି। ଏହି ଆକ୍ରମଣରେ ୩୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୭୦ ଜଣ ଆହତ ହୋଇଛନ୍ତି। ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଜଣକ ଖଦିଜା ଅଲ-କୁବ୍ରା ମସଜିଦ୍ (ଇମାମବାଡ଼ା) ମଧ୍ୟରେ ନିଜକୁ ଉଡ଼ାଇ ଦେଇଥିଲା। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ପଚରାଉଚରା କରାଯାଉଛି ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହି ଆକ୍ରମଣ ପଛରେ ଥିବା ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ରକୁ ପର୍ଦ୍ଦାଫାଶ କରିବାକୁ ଚେଷ୍ଟା କରୁଛନ୍ତି।

ଅପରପକ୍ଷରେ ଭାରତ ଏହି ଆକ୍ରମଣକୁ ନିନ୍ଦା କରିବା ସହ ପାକିସ୍ତାନ ଅଭିଯୋଗ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ବିଳମ୍ବିତ ରାତିରେ ଏକ ବିବୃତ୍ତି ଜାରି କରି କହିଛି ଯେ, ଏହି ଆକ୍ରମଣରେ ଭାରତର ହାତଥିବା ଦାବି ସମ୍ପୂର୍ଣ୍ଣ ଭିତ୍ତିହୀନ। ମନ୍ତ୍ରଣାଳୟ କହିଛି ଯେ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ, ପାକିସ୍ତାନ ନିଜ ସମସ୍ୟାର ସମାଧାନ ଖୋଜିବା ପରିବର୍ତ୍ତେ, ଅନ୍ୟମାନଙ୍କୁ ନିଜର ଅସୁବିଧା ପାଇଁ ଦୋଷାରୋପ କରୁଛି। ପାକିସ୍ତାନ ବାସ୍ତବରେ ନିଜକୁ ହିଁ ଧୋକା ଦେଉଛି। ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହି ବିସ୍ଫୋରଣ ତଥା ଆକ୍ରମଣ ପଛରେ ଭାରତ ଓ ଆଫଗାନିସ୍ତାନ ସାମିଲ ଅଛନ୍ତି ବୋଲି କହିଥିଲେ ଓ ଏହାର ଜବାବ ବିଦେଶ ମନ୍ତ୍ରଣାଳୟ ଦେଇଛି।

ଇସ୍‌ଲାମାବାଦ୍ ସିଆ ମସଜିଦ୍ ଘଟିଥିବା ବିସ୍ଫୋରଣ ପାଇଁ ଜଣାଶୁଣା ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍‌ଆଇଏସ୍) ନିଜକୁ ଦାୟୀ କରିଛି। ପାକିସ୍ତାନ ଅଧିକାରୀ ଓ ଗଣମାଧ୍ୟମଗୁଡ଼ିକର ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୩୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୬୦ରୁ ଅଧିକ ଆହତ ହୋଇଛନ୍ତି। ଆଇଏସ୍‌ଆଇଏସ୍ ତରଫରୁ କୁହାଯାଇଛି ଯେ, ଆକ୍ରମଣକାରୀ ପ୍ରଥମେ ମସଜିଦ୍‌ର ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲା ଏବଂ ପରେ ନିଜ ଆତ୍ମଘାତୀ ଜ୍ୟାକେଟ୍‌ରେ ବିସ୍ଫୋରଣ ଘଟାଇଥିଲା। ଜିହାଦୀ ଗୋଷ୍ଠୀଗୁଡ଼ିକ ଉପରେ ନଜର ରଖିଥିବା 'ଏସ୍‌ଆଇଟିଇ ଇଣ୍ଟେଲିଜେନ୍ସ ଗ୍ରୁପ୍' ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଏସ୍‌ଆଇଏସ୍ ପକ୍ଷରୁ ଦିଆଯାଇଥିବା ବୟାନରେ କୁହାଯାଇଛି ଯେ, ଆକ୍ରମଣକାରୀ ସିଆ ସମୁଦାୟର ପ୍ରାର୍ଥନା ସଭା ମଧ୍ୟରେ ଏହି କାଣ୍ଡ ଘଟାଇଥିଲା। ଫଳରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଶୁକ୍ରବାର ପ୍ରାର୍ଥନା ଅର୍ଥାତ ଜୁମା ନମାଜ ପାଠ ବେଳେ ହିଁ ବିସ୍ଫୋରଣ ଘଟିଥିଲା। ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି।

- ବିସ୍ଫୋରଣ ପାଇଁ ଆମେ ଦାୟୀ: ଆଇଏସ୍
- ମହିଳାଙ୍କ ସମେତ ୩ ଜଣ ଗିରଫ
- ଭାରତ ଦାୟୀ: ପାକିସ୍ତାନ
- ପାକିସ୍ତାନ ନିଜକୁ ଧୋକା ଦେଉଛି: ଭାରତ

## ୮ ବର୍ଷ ପରେ ମାଲେସିଆ ଗସ୍ତରେ ପ୍ରଧାନମନ୍ତ୍ରୀ



କ୍ୱାଲାଲମ୍ପୁର, ୭ ।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ସକାଳେ ଦୁଇ ଦିନିଆ ମାଲେସିଆ ଗସ୍ତ ପାଇଁ ପ୍ରସ୍ଥାନ କରିଛନ୍ତି। ମାଲେସିଆ ପ୍ରଧାନମନ୍ତ୍ରୀ ଦାତୋ ସେରି ଅନୱାର ଇବ୍ରାହିମଙ୍କ ନିମନ୍ତ୍ରଣ କ୍ରମେ ଏହି ଗସ୍ତ ଅନୁଷ୍ଠିତ ହେଉଛି। ମୋଦୀ ପ୍ରାୟ ୮ ବର୍ଷ ପରେ ମାଲେସିଆ ଯାଇଛନ୍ତି। ଏହାପୂର୍ବରୁ ସେ ୨୦୧୮ରେ ମାଲେସିଆ ଯାଇଥିଲେ। ଏହି ଗସ୍ତ ସମୟରେ, ମୋଦୀ ଆଜି ମାଲେସିଆରେ ରହୁଥିବା ଭାରତୀୟ ପ୍ରବାସୀ ଓ ବ୍ୟାପାରିକ ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ବୈଦେଶିକ ମନ୍ତ୍ରଣାଳୟର ସଚିବ ପି କୁମାରନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଏସିଆନ ଦେଶଗୁଡ଼ିକ ସହିତ ଭାରତର ସମ୍ପର୍କକୁ ଆହୁରି ମଜଭୂତ କରିବା ଓ ମାଲେସିଆ ସହିତ ସହଯୋଗ ବୃଦ୍ଧି କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଗସ୍ତରେ ୧୦ ବର୍ଷ ହେବ ମାଲେସିଆରେ ରହୁଥିବା ଫେରାର ଇସ୍‌ଲାମ ଧର୍ମ ପ୍ରଚାରକ ଜାକିର ନାଏକ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ସେ ସୂଚନା ଦେଇଛନ୍ତି। ଭାରତ ମଧ୍ୟ ପୂର୍ବରୁ ଅନେକଥର ଏହି ପ୍ରସଙ୍ଗ ଉଠାଇ ସାରିଛି। ମୋଦୀ ରବିବାର କ୍ୱାଲାଲମ୍ପୁରରେ ଭାରତ- ମାଲେସିଆ ସିଇଓ ଫୋରମର ୧୦ମ ବୈଠକରେ ଯୋଗ ଦେବେ। ଏଥିରେ ମାଲେସିଆର ବଡ଼ ବଡ଼ ଶିଳ୍ପପତି ଓ ବ୍ୟବସାୟିକ ନେତାମାନଙ୍କୁ ମୋଦୀ ଭେଟିବେ। ପୁଣି ଦ୍ୱିପାକ୍ଷିକ ସମ୍ପର୍କ ନେଇ ମୋଦୀ ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ସହ ସେ ଆଲୋଚନା କରିବେ। ଏହି ଆଲୋଚନାରେ ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ସେମିକଣ୍ଡକ୍ଟର ଓ ଡିଜିଟାଲ ଟେକ୍ନୋଲୋଜ, ଅକ୍ଷୟ ଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଭଳି ପ୍ରସଙ୍ଗ ସ୍ଥାନ ପାଇବ।

- ଜାକିର ନାଏକ ପ୍ରସଙ୍ଗ ଉଠାଇବେ
- ସିଇଓ ଫୋରମ୍‌ରେ ସାମିଲ ହେବେ

## ଭୋଟର ତାଲିକା ମାମଲାରେ କୋର୍ଟଙ୍କୁ ସୋନିଆଙ୍କ ଜବାବ



ନୂଆଦିଲ୍ଲୀ, ୭ ।୨(ଏଜେନ୍ସି): ନାଗରିକତା ମିଳିବା ପୂର୍ବରୁ ଭୋଟର ତାଲିକାରେ ନାମ ପଞ୍ଜିକୃତ କରିବା ମାମଲାରେ ସୋନିଆ ଗାନ୍ଧୀ କୋର୍ଟରେ ନିଜର ଜବାବ ଦାଖଲ କରିଛନ୍ତି। ଶନିବାର ରାଉଜ ଆଭେନ୍ୟୁ କୋର୍ଟରେ ଦିଆଯାଇଥିବା ଜବାବରେ ସେ କହିଛନ୍ତି ଯେ, ତାଙ୍କ ବିରୋଧରେ ଦାୟର ହୋଇଥିବା ପୁନର୍ବିଚାର ଆବେଦନଟି ସମ୍ପୂର୍ଣ୍ଣ ଭୁଲ ଓ ଆନୁମାନିତ ତଥ୍ୟ ଉପରେ ଆଧାରିତ। ଏହି ଆବେଦନଟି କେବଳ ସଂକୀର୍ଣ୍ଣ ରାଜନୀତି ଦ୍ୱାରା ପ୍ରେରିତ ଓ ଆଇନଗତ ଅପବ୍ୟବହାର ମାତ୍ର। ସ୍ୱତନ୍ତ୍ର ବିଚାରପତି (ସିବିଆଇ) ବିଶାଲ ଗାଗନେଙ୍କ କୋର୍ଟରେ ନିଜ ଓକିଲଙ୍କ ଜରିଆରେ ଦାଖଲ କରିଥିବା ଜବାବରେ ସୋନିଆ ଭାରତୀୟ ନାଗରିକତା ପାଇବା ପୂର୍ବରୁ ଭୋଟର ତାଲିକାରେ ସାମିଲ ହେବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିସହ ସେ ଆବେଦନକୁ ଖାରଜ କରିବାକୁ ଦାବି କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୨୧ରେ ହେବ। ପୁଣି ନାଗରିକତା ସମ୍ପର୍କିତ ମାମଲା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ଅଧିକାର ଭୁକ୍ତ ବୋଲି ସୋନିଆ ଉଲ୍ଲେଖ କରିଛନ୍ତି। ଭୋଟର ତାଲିକା ପ୍ରସ୍ତୁତ କରିବା ଓ ଏହାର ରକ୍ଷଣାବେକ୍ଷଣ କରିବା ନିର୍ବାଚନ କମିଶନଙ୍କ ଆଇନଗତ ଦାୟିତ୍ୱ। ଏଭଳି କ୍ଷେତ୍ରରେ ଯଦି କୌଣସି ବ୍ୟକ୍ତି ବ୍ୟକ୍ତିଗତ ଅଭିଯୋଗ ଉପରେ ଆପରାଧିକ ଅଦାଲତ ହସ୍ତକ୍ଷେପ କରନ୍ତି, ତେବେ ତାହା ଉଚିତ ହେବ ନାହିଁ। ଏହା ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ ଭାବେ ଗଣ୍ୟ ହେବ ବୋଲି ସୋନିଆ ତାଙ୍କ ଜବାବରେ ଉଲ୍ଲେଖ କରିଛନ୍ତି।

- ଭୋଟର ଲିଷ୍ଟ, ନାଗରିକତା ସରକାରଙ୍କ ବିଷୟ
- ବ୍ୟକ୍ତିଗତ ଅଭିଯୋଗ ଉପରେ କ୍ରିମିନାଲ କୋର୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଠିକ୍ ନୁହେଁ

## ଓବାମାଙ୍କୁ କ୍ଷମା ମାଗିବାକୁ ମନାକଲେ ଟ୍ରମ୍ପ



ୱାଶିଂଟନ, ୭ ।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୋସିଆଲ ମିଡିଆ ଆକାଉଣ୍ଟରୁ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଓ ତାଙ୍କ ପତ୍ନୀ ମିଶେଲ ଓବାମାଙ୍କ ଏକ ଭିଡ଼ିଓ ଡିଲିଟ୍ କରିଛନ୍ତି। ଏହି ଭିଡ଼ିଓରେ ଓବାମା ଓ ତାଙ୍କ ପତ୍ନୀଙ୍କୁ ଜଙ୍ଗଲରେ ପ୍ରାଇମେଟ୍ସ ଅର୍ଥାତ ମାଙ୍କଡ଼ ରୂପେ ଦର୍ଶାଯାଇଥିଲା। କିନ୍ତୁ ଟ୍ରମ୍ପ ଏବେ ଏ ନେଇ ସଫେଇ ଦେବାକୁ ଓ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ସେ କହିଛନ୍ତି ଯେ, ମୁଁ ଭିଡ଼ିଓର ପ୍ରାରମ୍ଭିକ ଅଂଶ ଦେଖିଥିଲି, ତାହା ଠିକ୍ ଥିଲା। ଏହାପରେ ଜଣେ ଷ୍ଟାଫ୍‌ଙ୍କ ପାଖକୁ ପଠାଇଥିଲି। ସେ ଏହି ସମ୍ପୂର୍ଣ୍ଣ ଭିଡ଼ିଓ ଦେଖିବାର ଥିଲା। ସେ କହିଛନ୍ତି ଯେ, ଷ୍ଟାଫ ଜଣକ ଭିଡ଼ିଓର ଶେଷ ଅଂଶ ଦେଖିବାକୁ ଭୁଲିଯାଇଥିଲେ, ଯେଉଁଥିରେ ଆପତ୍ତିଜନକ ତଥ୍ୟ ଥିଲା। ଏହା ଜାଣିବା ପରେ ସେ ତୁରନ୍ତ ଭିଡ଼ିଓକୁ ହଟାଯାଇଥିଲା। ଟ୍ରମ୍ପ ସ୍ପଷ୍ଟ ଭାବେ ଏ ନେଇ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ମୁଁ କୌଣସି ଭୁଲ କରିନାହିଁ। ତଥାପି ସେ ଭିଡ଼ିଓର ଏହି ବର୍ଣ୍ଣବୈଷମ୍ୟବାଦୀ ଅଂଶକୁ ନିନ୍ଦା କରିଛନ୍ତି। ହ୍ୱାଇଟ ହାଉସ୍ ତରଫରୁ କୁହାଯାଇଛି ଯେ, ଏହି ପୋଷ୍ଟ ଜଣେ କର୍ମଚାରୀଙ୍କ ଭୁଲ ଯୋଗୁଁ ଏହି ସେୟାର ହୋଇଥିଲା। ତେବେ ଏହି ଭିଡ଼ିଓ ନେଇ ଓବାମାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ଉଲ୍ଲେଖଥାଉ କି, ଟ୍ରମ୍ପ ସେୟାର କରିଥିବା ଅନେକ ପୋଷ୍ଟ ମଧ୍ୟରୁ ଏହା ଏକ ଥିଲା ଓ ଏଥିରେ ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଜାଲିଆତି ହୋଇଥିବା ଦାବି କରିଥିଲେ। ପ୍ରାୟ ଏକ ମିନିଟର ଏହି ଭିଡ଼ିଓରେ ଦର୍ଶାଯାଇଥିଲା ଯେ, ବ୍ୟାଲଟ ଗଣନା କରୁଥିବା କମ୍ପାନୀ 'ଡୋମିନିଅନ ଭୋଟିଂ ସିଷ୍ଟମ' ଟ୍ରମ୍ପଙ୍କ ବିରୋଧରେ ଗଡ଼ବଡ଼ କରିଥିଲା। ଭିଡ଼ିଓର ଶେଷ କିଛି ସେକେଣ୍ଡରେ ଓବାମା ଦମ୍ପତିଙ୍କ ମୁହଁକୁ ମାଙ୍କଡ଼ ଭଳି ଦେଖାଯାଇଥିଲା। ସେହି ସମୟରେ ବ୍ୟାକ୍‌ଗ୍ରାଉଣ୍ଡରେ 'ଦି ଲାୟନ୍ସ ସ୍ଲିପ ଟୁନାଇଟ୍' ବାଜୁଥିଲା। ଓବାମାଙ୍କ ନିକଟତର ତଥ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ବେନ ରୋଡ୍ସ ଏହାକୁ ନେଇ ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ଆମେରିକୀୟମାନେ ଓବାମା ଦମ୍ପତିଙ୍କୁ ମନେ ରଖିବେ, କିନ୍ତୁ ଟ୍ରମ୍ପଙ୍କୁ ଇତିହାସର କଳା ଅଧ୍ୟାୟ ରୂପେ ପଢ଼ାଯିବ।

- ଷ୍ଟାଫ୍‌ଙ୍କ ଭୁଲ୍ ଯୋଗୁଁ ଭିଡିଓ ସେୟାର ହୋଇଥିଲା
- ଓବାମା ଦମ୍ପତିଙ୍କୁ ମାଙ୍କଡ଼ ଭାବେ ଦର୍ଶାଯାଇଥିଲା

# ଏପ୍‌ଷ୍ଟିନ ଫାଇଲରେ ଅନିଲ ଅମ୍ବାନୀ, ସାମ୍ନାକୁ ଆସିଲା ଚାଟିଂ



ୱାସିଂଟନ, ୭ ।୨(ଏଜେନ୍ସି): ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ଫାଇଲରୁ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଆମେରିକା ନ୍ୟାୟ ବିଭାଗ ଯେଉଁ ଡକ୍ୟୁମେଣ୍ଟ ଜାରି କରିଛି, ସେଥିରେ ଏପଷ୍ଟିନ ସହିତ ଜଣାଶୁଣା ଭାରତୀୟ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମ୍ପର୍କିତ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏହି ଦସ୍ତାବିଜ୍‌ଗୁଡ଼ିକ ଏପଷ୍ଟିନ ଓ ଅନିଲଙ୍କ ମଧ୍ୟରେ ୨୦୧୭ରୁ ୨୦୧୯ ମଧ୍ୟରେ ହୋଇଥିବା କଥାବାର୍ତ୍ତା ବା ଚାଟ୍ ଜଡ଼ିତ। ଜଣାଶୁଣା ଆମେରିକୀୟ ବ୍ୟବସାୟିକ ନ୍ୟୁଜ ଏଜେନ୍ସି ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଏହି ଚାଟ୍‌ଗୁଡ଼ିକରେ ବ୍ୟବସାୟ, ବିଶ୍ୱ ପରିସ୍ଥିତି ଓ ମହିଳାମାନଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୭ ମାର୍ଚ୍ଚ ୯ରେ ଏହି ଚାଟ୍‌ରେ ଅନିଲ ଏପଷ୍ଟିନଙ୍କୁ ପଚାରିଥିଲେ ଯେ, କ'ଣ ପରାମର୍ଶ ଅଛି? ଏହାର ଉତ୍ତରରେ ଏପଷ୍ଟିନ ଲେଖିଥିଲେ- ସାକ୍ଷାତକୁ ମଜାଦାର କରିବା ପାଇଁ ଲମ୍ବା ସୁନେଲୀ କେଶଧାରୀ ମହିଳା ଭଲ ହେବ। ଏହାପରେ ଅନିଲ ଜବାବ ଦେଇଥିଲେ ଯେ, ଏହାକୁ ଆରେଞ୍ଜ ଅର୍ଥାତ ଯୋଗାଡ଼ କର। ଏପ୍‌ଷ୍ଟିନ ଫାଇଲରେ ଅନିଲଙ୍କ ନାମ ସାମ୍ନାକୁ ଆସିବା ପରେ ଭାରତରେ ଚର୍ଚ୍ଚା ଆରମ୍ଭ ହୋଇଛି। ଉଲ୍ଲେଖଥାଉ କି, ଏପଷ୍ଟିନ ଜେଲରେ ମୃତ୍ୟୁବରଣ କରିସାରିଛନ୍ତି। ସରକାରୀ ରିପୋର୍ଟ ଅନୁସାରେ ସେ ଆତ୍ମହତ୍ୟା କରିଥିବା ଦର୍ଶାଯାଇଛି।

ଏହି କଥାବାର୍ତ୍ତା ସେହି ସମୟର, ଯେତେବେଳେ ଏପଷ୍ଟିନଙ୍କୁ ୨୦୦୮ରେ ନାବାଳିକାଙ୍କ ସହ ଜଡ଼ିତ ଯୌନ ଅପରାଧ ମାମଲାରେ ଦଣ୍ଡ ମିଳିସାରିଥିଲା। ଏହା ସତ୍ତ୍ୱେ ଏପଷ୍ଟିନ ବିଶ୍ୱର ଅନେକ ପ୍ରଭାବଶାଳୀ ଓ ଶକ୍ତିଶାଳୀ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିଥିଲେ। ରେକର୍ଡ ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ପ୍ୟାରିସ ଓ ନ୍ୟୁୟର୍କରେ ଭେଟିବା ପାଇଁ ଯୋଜନା ହୋଇଥିଲା। ୨୦୧୯ ମେ'ରେ ଅନିଲ ଅମ୍ବାନୀଙ୍କ ନ୍ୟୁୟର୍କ ଗସ୍ତ ସମୟରେ ଏପଷ୍ଟିନ ତାଙ୍କୁ ମ୍ୟାନହାଟନ ସ୍ଥିତ ନିଜ ଘରକୁ ଡାକିଥିଲେ। ଯେଉଁଠାରେ ଦୁହେଁ ପରସ୍ପରକୁ ଭେଟିଥିଲେ। ଅନ୍ୟ କେତେକ ଇମେଲ୍‌ରୁ ଜଣାପଡ଼ିଛି ଯେ, ଉଭୟଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଯାତ୍ରା, ବିଜନେସ ମିଟିଂ ଓ ୱାର୍ଲ୍ଡ ଇକୋନୋମିକ ଫୋରମ କାର୍ଯ୍ୟକ୍ରମରେ ସମ୍ଭାବ୍ୟ ସାକ୍ଷାତକୁ ନେଇ ଆଲୋଚନା ହୋଇଥିଲା। ଏହି ଚାଟ୍‌ରେ ଡୋନାଲ୍ଡ ଟ୍ରମ୍ପ ଓ ହଲିଉଡ୍ ସହିତ ଜଡ଼ିତ ସନ୍ଦର୍ଭ ମଧ୍ୟ ରହିଛି। ଏହି କଥାବାର୍ତ୍ତାରେ ଏପଷ୍ଟିନ ପ୍ରିୟ ମହିଳାଙ୍କ ବିଷୟରେ ପଚାରିବାରୁ ଅନିଲ ହଲିଉଡ ଅଭିନେତ୍ରୀ ସ୍କାରଲେଟ୍ ଜୋହାନସନଙ୍କ ନାମ ନେଇଥିଲେ। ସେତେବେଳେ ରିଲାଏନ୍ସ ଏଣ୍ଟରଟେନମେଣ୍ଟ ତାଙ୍କ ସିନେମା 'ଘୋଷ ଇନ୍ ଦି ସେଲ' ସହ - ପ୍ରଯୋଜକ ଥିଲା। ଏହି ସମୟରେ ଅନିଲଙ୍କ ସମ୍ପତି ପ୍ରାୟ ୪୨ ବିଲିଅନ ଡଲାର ଆକଳନ କରାଯାଇଥିଲା ଓ ସେ ଫୋର୍ବସର ସବୁଠାରୁ ଧନୀ ତାଲିକାର ଷଷ୍ଠ ସ୍ଥାନରେ ରହିଥିଲେ। ତେବେ ଅନିଲଙ୍କ ପ୍ରତିନିଧି ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅନିଲଙ୍କୁ ବାଦ୍ ଦେଲେ ଅନେକ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବ ସେଲିବ୍ରିଟି ମଧ୍ୟ ଏପଷ୍ଟିନଙ୍କ ସମ୍ପର୍କରେ ଥିଲେ। ସେମାନେ ହେଉଛନ୍ତି ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ନିର୍ମାତା ମୀରା ନାୟର, ନିର୍ଦ୍ଦେଶକ ଅନୁରାଗ କାଶ୍ୟପ, ଅଭିନେତ୍ରୀ ନନ୍ଦିତା ଦାସ, ସ୍ୱାସ୍ଥ୍ୟଗୁରୁ ଦୀପକ ଚୋପ୍ରା।

# ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୧୫ ମାଓବାଦୀ

## ଓଡ଼ିଶାର ମାଓବାଦୀ ଆତ୍ମସମର୍ପଣ ପୁନର୍ବାସ ନୀତି ଦେଶରେ ସର୍ବୋତ୍ତମ: ଏଡିଜି



ରାୟଗଡ଼ା, ୭।୨ (ସମିସ): ମାଓ ସଂଗଠନକୁ ପୁଣି ଏକ ଶକ୍ତ ଧକ୍କା ଲାଗିଛି। ବାଶଧାରା-ଘୁମସର-ନାଗାବଳୀ ବାଘୁନା ମାଓ ଡିଭିଜନ୍‌ର ୧୫ଜଣ ସଶସ୍ତ୍ର ମାଓ କ୍ୟାଡର୍ ରାୟଗଡ଼ା ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏନେଇ ଜିଲ୍ଲା ଏସପି ସ୍ୱାତୀ ଏସ୍.କୁମାରଙ୍କ ନେତୃତ୍ୱରେ ମାଓବାଦୀଙ୍କ ଆତ୍ମସମର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରେ ଦୁଇଜଣ ରାଜ୍ୟ କମିଟି ମେମ୍ବର, ଜଣେ ଡିଭିଜନାଲ କମିଟି ମେମ୍ବର, ୫ଜଣ ଏରିଆ କମିଟି ମେମ୍ବର ଏବଂ ସାତଜଣ ପାର୍ଟି ମେମ୍ବର ରହିଛନ୍ତି। ସେମାନେ ହେଲେ, ଓଡ଼ିଶା ପୁଲିସ ସ୍କାନର୍‌ରେ ରହିଥିବା ବାଘୁନା ଡିଭିଜନ୍‌ର କୁଖ୍ୟାତ ମାଓବାଦୀ ନିରଂଜନ ରାଉତ ଓରଫ୍ ନିଖିଲ, ତାଙ୍କ ପତ୍ନୀ ରଶ୍ମିତା ଲେଙ୍କା ଓରଫ୍ ଅଙ୍କିତା, ବିକାଶ, ସୁନ୍ଦର, ପ୍ରଦୀପ, ରୋଶନୀ, ଅରୁଣା, ନନ୍ଦେ, ନିକିତା, କୁମାରୀ, ଦୀପକ, ରାକେଶ, ଲଳିତ, ରାଜେ, ମାଳତୀ ପ୍ରମୁଖ ରହିଛନ୍ତି। ଓଡ଼ିଶା ଆଣ୍ଟି ନକ୍ସଲ ଅପରେସନ୍ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଏଡିଜି ସଂଜୀବ ପଣ୍ଡା ଏହି ସୂଚନା ଦେଇଛନ୍ତି। ସମର୍ପଣ ବେଳେ ସେମାନେ ୨ଟି ଏକେ-୪୭ ରାଇଫଲ୍, ୫ଟି ଏସ୍‌ଏଲ୍‌ଆର୍ ରାଇଫଲ୍, ଗୋଟିଏ ଇନସାସ୍ ରାଇଫଲ୍, ଗୋଟିଏ ଲେଖାଁଏ ଥ୍ରି ନଟ୍ ଥ୍ରି, ଗୋଟିଏ କାରବାଇନ୍, ୩ଟି ଦେଶୀ ବନ୍ଧୁକ, ୫.୫୬ଏମଏମ ଇନସାସ୍ ବଲ୍ ୧୭ ରାଉଣ୍ଡ ଗୁଳି, ଥ୍ରି ନଟ୍ ଥ୍ରି ୪୨ ରାଉଣ୍ଡ ଗୁଳି, ୪ଟି ଏକେ-୪୭ ମାଗାଜିନ୍ ଭଳି ୧୪ଟି ବନ୍ଧୁକ ସହ ଗୁଳି, ମାଗାଜିନ୍ ଅସ୍ତ୍ରଶସ୍ତ୍ର ଏଡିଜିଙ୍କୁ ହସ୍ତାନ୍ତର କରିଥିଲେ। ଆତ୍ମସମର୍ପଣକାରୀଙ୍କୁ ଏଡିଜି ଶ୍ରୀ ପଣ୍ଡା ଫୁଲ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ମାଓ ଦମ୍ପତି ନିରଂଜନ ଓ ରଶ୍ମିତାଙ୍କୁ ବାଦ୍ ଦେଇ ଅନ୍ୟ ୧୩ଜଣ ଯାକ ଛତିଶଗଡ଼ର ବୋଲି ଜଣାଯାଇଛି। ଏମାନଙ୍କ ଉପରେ ୧କୋଟି ୯୮ ଲକ୍ଷ ୫୫ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା।

ଏହି ଅବସରରେ ଏଡିଜି ଶ୍ରୀ ପଣ୍ଡା କହିଥିଲେ ଯେ ଓଡ଼ିଶା ସରକାରଙ୍କ ମାଓବାଦୀ ଆତ୍ମସମର୍ପଣ ପୁନର୍ବାସ ନୀତି ସାରା ଭାରତବର୍ଷରେ ସର୍ବୋତ୍ତମ। ଯେଉଁ ମାଓବାଦୀମାନେ ବର୍ତ୍ତମାନ ସୁଦ୍ଧା ଆତ୍ମସମର୍ପଣ କରିନାହାନ୍ତି, ସେମାନେ ହିଂସା ଛାଡ଼ି ଓଡ଼ିଶା ପୁଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଜି (ଅପରେସନ୍) ଡ. ଦୀପକ କୁମାର, ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଏସଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଏସ୍‌ଡବ୍ଲ୍ୟୁଆର, କୋରାପୁଟ ଡିଆଇଜି ଡ. କନୱର ବିଶାଲ ସିଂ, ରାୟଗଡ଼ା ଏସ୍‌ପି ସ୍ୱାତୀ ଏସ.କୁମାର, କନ୍ଧମାଳ ଏସପି ହରୀଶ ବିସି, କଳାହାଣ୍ଡି ଏସପି ନାଗରାଜ ଦେବରାକୋଣ୍ଡା, ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ରାୟଗଡ଼ା ୪ର୍ଥ ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ଫିରୋଜ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କୋକସରା, ୭।୨ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍-ୱେର ବେହେରା ବିଦେଶୀ ମଦ ଦୋକାନ ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ,ଛତିଶଗଡ଼ ରାଜ୍ୟ ଟିକ୍ରାପଡାର ରମେଶ କାଶ୍ୟପ (୨୯) ଓ ସାବୁନଭାଡିର ଜ୍ୟୋତିଷ କାଶ୍ୟପ (୨୫)। ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କ ଉପରେ ମାଡ଼ି ଯିବାରୁ ଏହି ଅଘଟଣ ଘଟିଛି। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁସାରେ, ରମେଶ ଓ ଜ୍ୟୋତିଷ କୌଣସି କାମରେ ବେହେରା ଗ୍ରାମକୁ ଆସିଥିଲେ। ସେମାନେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବିଜୁ ଏକ୍ସପ୍ରେସ୍-ୱେରେ ଆମପାଣି ପଟୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଗୁରୁତରଜ୍ୟୋତିଷଙ୍କୁ ସ୍ଥାନୀୟଲୋକଉଦ୍ଧାରକରିଆମ୍ବୁଲାନ୍ସରେ ଧର୍ମଗଡ଼ ମେଡିକାଲକୁ ପଠାଇଥିଲେ। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୋକସରା ଥାନାଧିକାରୀ ସୁଜ୍ଞାନ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରମେଶଙ୍କ ଶବ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯାଇଥିବା ବେଳେ ଜ୍ୟୋତିଷଙ୍କ ଶବ ଧର୍ମଗଡ଼ ମେଡିକାଲରେ ରଖାଯାଇଛି। ସେମାନଙ୍କ ପରିବାରଲୋକ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି।

# ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଯୋଜନା

- ୮୦ରୁ ଅଧିକ ପ୍ରକଳ୍ପ, ନିଆଯିବ ୩୦ରୁ ଅଧିକ ପଲିସି ଇନିସିଏଟିଭ୍
- ଏବେ ବିସିପିପିଇଆର୍ ଅର୍ଥନୈତିକ ଆକାର ୨୨.୪ ବିଲିଅନ ଡଲାର
- ୨୦୪୭ ମସିହା ସୁଦ୍ଧା ୫୦୦ ବିଲିଅନ୍ ଡଲାରରେ ପହଞ୍ଚିବା ଲକ୍ଷ୍ୟ
- ଭାରତର ଅଭିବୃଦ୍ଧି ଆକାଶରେ ବିସିପିପିଇଆର୍ ଏକ ନୂତନ ତାରକା ଭାବେ ଦୃଶ୍ୟମାନ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୨(ସମିସ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପଅର୍ଥନୈତିକଅଞ୍ଚଳ(ବିସିପିପିଇଆର) ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିସିପିପିଇଆର୍ ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧି ଆକାଶରେ ଏହା ଏକ ନୂତନ ତାରକା ଭାବେ ଦୃଶ୍ୟମାନ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ, ସ୍ୱତନ୍ତ୍ରତା ରହିଛି। ଓଡ଼ିଶାରେ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭୁବନେଶ୍ୱର, ବାଣିଜ୍ୟ ପରମ୍ପରାରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦର ଭିତ୍ତିକ ବିକାଶରେ ପାରାଦ୍ୱୀପ ସର୍ବାଗ୍ରେ ରହିଛି। ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଞ୍ଚଳଗୁଡ଼ିକୁ ଆଧୁନିକ ଭିତ୍ତିଭୂମି ସହିତ ଯୋଡ଼ାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନ୍‌ଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍‌ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି। ଏହା ସହିତ ୩୦ରୁ ଅଧିକ ପଲିସି ଇନିସିଏଟିଭ୍ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୬-୨୭ ବଜେଟ୍‌ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନର ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର ରିଜିଅନ୍ ମଧ୍ୟ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆର୍‌ର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତିର ୧୯ ପ୍ରତିଶତ। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ ଆଜିର ଏହି ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ।

ଏହି ଅର୍ଥନୈତିକ ଯୋଜନାକୁ 'ନିତି' ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ନିତି' ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରକଳ୍ପ। ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ, ପ୍ରଥମ ୫ଟି ମଧ୍ୟରେ ବିସିପିପିଇଆର ସ୍ଥାନିତ ହୋଇଛି। ଏହି ରିଜିଅନର ଅଭିବୃଦ୍ଧି ହେଲେ ଏ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ। ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ। ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

'ନିତି' ଆୟୋଗର ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ କହିଥିଲେ ଯେ ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରହିଛି। ମୁମ୍ବଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ 'ନିତି' ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା। ଏହି ଯୋଜନା କେବଳ ଓଡ଼ିଶା ପାଇଁ ନୁହେଁ; ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

# ଧାନ ଭଳି ଅନ୍ୟ ଫସଲରେ ଇନପୁଟ୍ ସହାୟତା ଦାବି

ଭୁବନେଶ୍ୱର,୭।୨(ସମିସ): ଓଡ଼ିଶା ଧାନ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇସାରିଛି। ତେଣୁ ସରକାର ଧାନ ଚାଷ ବଦଳରେ ଅଣଧାନ ଚାଷ କରିବା ପାଇଁ ଚାଷୀଙ୍କୁ ବାରମ୍ବାର ପରାମର୍ଶ ଦେଉଛନ୍ତି। କିନ୍ତୁ ଅଣଧାନ ଚାଷ କରିବା ପାଇଁ ପାରିପାଶ୍ୱର୍ିକ ପରିବେଶ, ଉତ୍ପାଦନ କ୍ଷେତ୍ରରେ ଆବଶ୍ୟକ ଅର୍ଥ ବିନିଯୋଗ ଓ ଅନିୟମିତ ଜଳବାୟୁ ପରିବର୍ତ୍ତନରେ ଅର୍ଥକରୀ ଫସଲ ଉପରେ ପ୍ରଭାବ ପଡୁଛି। ତେଣୁ ରାଜ୍ୟ ଚାଷୀମାନଙ୍କୁ ଧାନ ଭଳି ଅନ୍ୟ ଫସଲରେ ମଧ୍ୟ ଇନପୁଟ୍ ସହାୟତା ପ୍ରଦାନ କରାଯାଉ ବୋଲି ରାଜ୍ୟ କିଷାନ କଂଗ୍ରେସ ଦାବି କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ ଚାଷୀଙ୍କ ଫସଲକୁ ବୁଲା ଗୋରୁଗାଈ ଏବଂ ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା ପାଇଁ ଆବଶ୍ୟକୀୟ ଅତ୍ୟାଧୁନୀକ ବୈଜ୍ଞାନିକ ଜ୍ଞାନକୌଶଳ ଦେବାରେ ସରକାରଙ୍କ ପକ୍ଷରୁ ସେପରି ଯୋଜନା ଓ ଭିତ୍ତିଭୂମି କରାଯାଇ ନାହିଁ। ଫଳରେ ଚାଷୀ ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟ ସରକାର ଧାନ କିଣାରେ କ୍ୱିଣ୍ଟାଲ ପ୍ରତି ଚାଷୀଙ୍କୁ ଯେପରି ଏମଏସପି ଉପରେ ୮୦୦ଟଙ୍କା ଇନପୁଟ୍ ସହାୟତା ରାଶି ଦେଉଛନ୍ତି ସେହିପରି ଅନ୍ୟ ଫସଲ ଯଥା- ମକା, କପା, ଚିନାବାଦାମ, ମୁଗ ବିରି, କୋଳଥ, ମାଣ୍ଡିଆ, ବାଜରା, ଆଳୁ, ହଳଦୀ, ଅଦା, ପୋଟଳ ପ୍ରଭୃତି ଅଧିକ ଅମଳକ୍ଷମ ଫସଲ କ୍ରୟ ସମୟରେ କ୍ୱିଣ୍ଟାଲ ପ୍ରତି ଚାଷୀଙ୍କୁ ନିର୍ଦ୍ଧାରିତ ସହାୟତା ରାଶି ଓ କ୍ଷେତରେ ଥିବା ଫସଲକୁ ବନ୍ୟଜନ୍ତୁ ଓ ପଶୁ ପକ୍ଷୀଙ୍କ ଦାଉରୁ ସୁରକ୍ଷିତ କରିବା ପାଇଁ ବିକଳ୍ପ ବ୍ୟବସ୍ଥା ଓ ସ୍ୱତନ୍ତ୍ର ଯୋଜନା କଲେ ଏଥିରେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସମ୍ପର୍କରେ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଦେଇଥିବା ପ୍ରକାଶ।

# ମହାନଦୀ ଉପରେ ମନ୍ତବ୍ୟ ଦେବା ପରିବର୍ତ୍ତେ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାନ୍ତୁ ଆଡଭୋକେଟ ଜେନେରାଲ: ବିଜେଡି

ଭୁବନେଶ୍ୱର,୭।୨(ସମିସ): ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମହାନଦୀ ଜଳ ବିବାଦ ମାମଲାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ। ମାତ୍ର ଏଯାବତ୍ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ। ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ହିଁ ଏକମାତ୍ର ରାସ୍ତା। ଓଡ଼ିଶାର ପକ୍ଷ ରଖିବା ପାଇଁ ଆଡଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ବିଜେଡି କହିଛି।

ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଆଜି ଜଳ ବିବାଦ ଟ୍ରିବ୍ୟୁନାଲରେ ହୋଇଥିବା ଶୁଣାଣିରେ ଆଡଭୋକେଟ ଜେନେରାଲଙ୍କ ଅନୁପସ୍ଥିତିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଶ୍ନ ଉଠାଇଥିଲେ। ଏହାର ଜବାବରେ ଆଡଭୋକେଟ ଜେନେରାଲ ଅତ୍ୟନ୍ତ ଖାମଖିଆଲ ଭାବେ କିଛି ମନ୍ତବ୍ୟ ଦେଇଥିଲେ। ତେଣୁ ଲଘୁ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହି ଆଡଭୋକେଟ ଜେନେରାଲ ମହାନଦୀ ଭଳି ସ୍ୱର୍ଶକାତର ପ୍ରସଙ୍ଗରେ ନିଜର ଆନ୍ତରିକତା ଓ ପ୍ରତିବଦ୍ଧତା ପ୍ରଦର୍ଶନ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

**କମ୍ପ୍ୟୁଟର୍ ସାର୍ଟିଫିକେଟ୍ ବୈଧତା**

# କମ୍ପାନୀ ପ୍ରେମରେ ସରକାର; ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ

- ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ଅଭିଯୋଗ
- ପ୍ରମାଣପତ୍ର ନୁହେଁ, ଦକ୍ଷତାକୁ ଗୁରୁତ୍ୱ ଦିଆଯାଉ

ଭୁବନେଶ୍ୱର, ୭।୨(ସମିସ): ଘରୋଇ କମ୍ପାନୀ ପ୍ରେମରେ ରାଜ୍ୟ ସରକାର। କମ୍ପ୍ୟୁଟର୍ ଶିକ୍ଷା ପାଇଁ ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଉଥିବାରୁ ଛାତ୍ରଛାତ୍ରୀମାନେ ଅକଳରେ ପଡ଼ିଛନ୍ତି। ରାଜ୍ୟରେ ଅନେକ କମ୍ପ୍ୟୁଟର୍ ଶିକ୍ଷାନୁଷ୍ଠାନ ରହିଥିବାବେଳେ ସରକାରୀ ଚାକିରି ପାଇଁ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍) ଅନୁମୋଦିତ ଶିକ୍ଷାନୁଷ୍ଠାନର ପ୍ରମାଣପତ୍ର ଆବଶ୍ୟକ ବୋଲି ସରକାର କହିଛନ୍ତି। ଗତ ୨୭ ତାରିଖରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ, ରାଜସ୍ୱ ବିଭାଗ ସଚିବ, ସମସ୍ତ ଜିଲ୍ଲାପାଳ, ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ସମେତ ଓଏସ୍‌ଏସ୍‌ସି ଓ ଓଏସ୍‌ଏସ୍‌ଏସ୍‌ସିକୁ ମଧ୍ୟ ଏନେଇ ଅବଗତ କରାଯାଇଛି। ଫଳରେ ରାଜ୍ୟର ଲକ୍ଷ ଲକ୍ଷ କମ୍ପ୍ୟୁଟର ପ୍ରଶିକ୍ଷଣ ନେଇଥିବା ଛାତ୍ରଛାତ୍ରୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ରାଜ୍ୟରେ ଅନେକ କମ୍ପ୍ୟୁଟର୍ ପ୍ରଶିକ୍ଷଣ ପାଇଁ ଶିକ୍ଷାନୁଷ୍ଠାନ ଖୋଲିଛି। ନିୟମ ଅନୁଯାୟୀ ସେମାନେ ସୋସାଇଟି ଆକ୍ଟ ଓ ଏମ୍‌ଏସ୍‌ଏମ୍‌ଇ ପଞ୍ଜିକରଣ କରି ଶିକ୍ଷାନୁଷ୍ଠାନ ଚଳାଉଛନ୍ତି। ରାଜ୍ୟର ସିଂହଭାଗ କମ୍ପ୍ୟୁଟର ସେଣ୍ଟର ଦୀର୍ଘ ବର୍ଷରୁ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଅନୁରୂପ ଭାବେ ଓକେସିଏଲ୍ କମ୍ପାନୀ ମଧ୍ୟ ରାଜ୍ୟରେ କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରଦାନ କରୁଛି। ଅର୍ଥାତ୍ ଏହି କମ୍ପାନୀଠାରୁ ଅନୁମୋଦନ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ହେଲେ ସରକାର କେବଳ ଘରୋଇ କମ୍ପାନୀ ଅନୁମୋଦିତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରର ସାର୍ଟିଫିକେଟ୍‌କୁ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ଲକ୍ଷଲକ୍ଷ ଯୁବକ ଯୁବତୀ ସୋସାଇଟି ଆକ୍ଟରେ ପଞ୍ଜିକୃତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇଛନ୍ତି। ଅନେକ ଛାତ୍ରଛାତ୍ରୀ ଏବେ ମଧ୍ୟ ପ୍ରଶିକ୍ଷଣ ନେଉଛନ୍ତି। ମାତ୍ର, ଓକେସିଏଲ୍ ଅନୁମୋଦିତ କମ୍ପ୍ୟୁଟର ସାର୍ଟିଫିକେଟ୍‌କୁ ସରକାର ବାଧ୍ୟତାମୂଳକ କଲେ ଏମାନଙ୍କ ଭବିଷ୍ୟତ କ'ଣ ହେବ ବୋଲି ପ୍ରଶ୍ନ ଉଠିଛି। ବାଧ୍ୟ ହୋଇ ସମସ୍ତେ ପୁନଃ କମ୍ପ୍ୟୁଟର୍ ପ୍ରଶିକ୍ଷଣ ପାଇଁ ବାଧ୍ୟ ହେବେ ଓ ଏହାର ଫାଇଦା ନେଇ କମ୍ପାନୀ ବ୍ୟାପକ ଫି' ନେବାର ଆଶଙ୍କା ରହିଛି। ଫଳରେ, ରାଜ୍ୟର ଯୁବକ ଯୁବତୀମାନେ ଆର୍ଥିକ ଶୋଷଣର ଶିକାର ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷେ, ଏକ ଘରୋଇ କମ୍ପାନୀର ଅନୁମୋଦନ କାହିଁକି ବାଧ୍ୟତାମୂଳକ କରାଯିବ ବା ଅଗ୍ରାଧିକାର ଦିଆଯିବ ବୋଲି ମଧ୍ୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ସେହିପରି ପ୍ରମାଣପତ୍ର ନୁହେଁ, ଦକ୍ଷତାକୁ ଗୁରୁତ୍ୱ ଦିଆଯାଉ ବୋଲି ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।


**ଭୟ ବଢ଼ାଇଲା ରିପୋର୍ଟ**

# ଶିମିଳିପାଳର ୪୧ ପ୍ରତିଶତ ବହ୍ନିପ୍ରବଣ

- ମାର୍ଚ୍ଚ-ଏପ୍ରିଲ୍ ସବୁଠୁ ଅଧିକ ସମ୍ବେଦନଶୀଳ
- ବଫର୍ ଜୋନ୍‌ରେ ବଢୁଛି ମନୁଷ୍ୟକୃତ ଅଗ୍ନିକାଣ୍ଡ
- ବର୍ଷା ଅଭାବ ଓ ତାପମାତ୍ରା ବୃଦ୍ଧି ବଢ଼ାଇଲା ଚିନ୍ତା

ବାରିପଦା, ୭।୨ (ସମିସ): ଫେବୃଆରୀ ଆରମ୍ଭରୁ ଦିନର ସର୍ବୋଚ୍ଚ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇଛି। ଗୋଟିଏପଟେ, ଦୀର୍ଘ ଦିନ ଧରି ବର୍ଷା ନ ହେବା ଏବଂ ଦିନର ତାପମାତ୍ରା ସ୍ୱାଭାବିକ ତୁଳନାରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବା ବନାଗ୍ନି ପାଇଁ ସତର୍କ ଘଣ୍ଟି। ଏହି ସ୍ଥିତି ଆଗକୁ ଆହୁରି ବଢ଼ିବାକୁ ଥିବାରୁ ଶିମିଳିପାଳରେ ଜଙ୍ଗଲ ନିଆଁକୁ ନେଇ ଭୟ ଆରମ୍ଭ ହୋଇଯାଇଛି। ଜଙ୍ଗଲ ନିଆଁ ଦୃଷ୍ଟିରୁ ରାଜ୍ୟର ସବୁଠୁ ସମ୍ବେଦନଶୀଳ ଭାବେ ପରିଚିତ ଶିମିଳିପାଳ ଜୈବମଣ୍ଡଳକୁ ନେଇ ପ୍ରକାଶ ପାଇଥିବା ଏକ ରିପୋର୍ଟ ଏହି ଭୟକୁ ଦ୍ୱିଗୁଣିତ କରିଛି।

ପ୍ରକାଶିତ ରିପୋର୍ଟରେ, ଶିମିଳିପାଳ ଜଙ୍ଗଲରେ ପାଖାପାଖି ୪୧ପ୍ରତିଶତ ଅଞ୍ଚଳ ବନାଗ୍ନିପ୍ରବଣ ବୋଲି କୁହାଯାଇଛି। ବନ ବିଭାଗ ପାଇଁ ଏହା ବଡ଼ ଆହ୍ୱାନ ସୃଷ୍ଟି କରିଛି। ପରିବେଶ ବିଜ୍ଞାନ ଓ ପ୍ରଦୂଷଣ ଗବେଷଣା ପତ୍ରିକା ପ୍ରକାଶିତ ରିପୋର୍ଟରେ ୨୦୧୨-୨୦୨୩ ମଧ୍ୟରେ ଶିମିଳିପାଳର ତଥ୍ୟକୁ ଅନୁଧ୍ୟାନ କରାଯାଇଛି। ଜଙ୍ଗଲ ମଧ୍ୟରେ ୨୩.୦୮ ପ୍ରତିଶତ ଅଞ୍ଚଳ ସମ୍ବେଦନଶୀଳ ଶ୍ରେଣୀରେ ଆସୁଥିବା ବେଳେ



୧୬.୧୯ ପ୍ରତିଶତ ଅଞ୍ଚଳ ମଧ୍ୟମ ସମ୍ବେଦନଶୀଳ ଓ ୧୮.୨୩ ପ୍ରତିଶତ ଅଞ୍ଚଳ ଅତିସମ୍ବେଦନଶୀଳ ଅଞ୍ଚଳ ରହିଛି। ତେବେ ଏଥିରେ ଅତି କମ୍ ଓ ନିମ୍ନ ସମ୍ବେଦନଶୀଳ ଶ୍ରେଣୀରେ ୪୨.୫ ପ୍ରତିଶତ କ୍ଷେତ୍ର ଆସୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ, ୨୦୨୧ରେ ଶିମିଳିପାଳରେ ହୋଇଥିବା ବନାଗ୍ନିକୁ ସବୁଠୁ ସମ୍ବେଦନଶୀଳ ବର୍ଷ ଭାବେ ଗଣନା କରାଯାଇଥିବା ବେଳେ ଶିମିଳିପାଳରେ ମୁଖ୍ୟତଃ ମାର୍ଚ୍ଚ ଓ ଏପ୍ରିଲ୍‌ରେ ୯୪.୭୨ ପ୍ରତିଶତ ଅଗ୍ନିକାଣ୍ଡ ଘଟିଛି। ମାର୍ଚ୍ଚରେ ୭୩.୪୨ ପ୍ରତିଶତ ଅଗ୍ନିକାଣ୍ଡ ଘଟିଥିବା ବେଳେ ବଫର୍ ଜୋନ୍‌ରେ ସର୍ବାଧିକ ଅଘଟଣ ଘଟୁଥିବା ରିପୋର୍ଟରେ କୁହାଯାଇଛି। ଏଥିପାଇଁ ମନୁଷ୍ୟକୃତ କାରଣକୁ ଦାୟୀ କରାଯାଇଛି।

ସାଧାରଣତଃ ମାର୍ଚ୍ଚ-ମେ' ମଧ୍ୟରେ ରାଜ୍ୟରେ ରହୁଥିବା ଜଳବାୟୁ ପରିସ୍ଥିତି ଜଙ୍ଗଲ ନିଆଁ ବ୍ୟାପିବା ପାଇଁ ସୁହାଇଥାଏ। ଏଥିସହ ପ୍ରାକ୍-ମୌସୁମୀ ଋତୁରେ ଗଛରୁ ଝଡୁଥିବା ଶୁଷ୍କପତ୍ର ମଧ୍ୟ ନିଆଁ ବ୍ୟାପିବାରେ ସହାୟକ ହୋଇଥାଏ। ବଜ୍ରପାତ ଭଳି ପ୍ରାକୃତିକ କାରଣ ମଧ୍ୟ ଅଗ୍ନିକାଣ୍ଡ ଘଟାଇଥାଏ।

ପ୍ରକାଶିତ ଜର୍ଣ୍ଣାଲର ଲେଖକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର୍ ମନୋରଞ୍ଜନ ମିଶ୍ର କହିଛନ୍ତି, ଶିମିଳିପାଳରେ ନିରନ୍ତର ଭାବେ ଘଟୁଥିବା ଅଗ୍ନିକାଣ୍ଡ ଜୈବ ବିବିଧତା ପାଇଁ ଆହ୍ୱାନ ପାଲଟିଛି। ଏହି ଘଟଣା ସାମାଜିକ-ଆର୍ଥିକ ପରିସ୍ଥିତି ଉପରେ ମଧ୍ୟ ପ୍ରଭାବ ପକାଇଛି। ଏହାର ନିରାକରଣ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପର ଅଭାବ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଗତ ଦଶନ୍ଧିରେ, ବଫର୍ ଜୋନ୍‌ରେ ସର୍ବାଧିକ ଅଗ୍ନିକାଣ୍ଡ ଘଟିଛି। ଗତ ୧୨ ବର୍ଷ ମଧ୍ୟରେ ମାନବୀୟ କାରଣ ଯୋଗୁଁ ମୋଟ ୯,୨୮୫ଟି ଅଗ୍ନିକାଣ୍ଡ ଘଟିଥିବା ସେ ଉଲ୍ଲେଖ କରିଛନ୍ତି।

୨୦୨୧ରେ ଶିମିଳିପାଳରେ ଜଙ୍ଗଲ ନିଆଁ ଘଟଣା ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା। ପରେ ଏହାର ନିରାକରଣ ପାଇଁ ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ସଚେତନ କରାଯିବା ସହ ସେମାନଙ୍କୁ ବନାଗ୍ନି ନିୟନ୍ତ୍ରଣରେ ନିୟୋଜିତ କରିଥିଲେ। ଏହାସହ ଗ୍ରୀଷ୍ମଋତୁ ପୂର୍ବରୁ ଜଙ୍ଗଲରେ କିପରି ବ୍ୟାପକ ଫାୟାର ଲାଇନ୍ କରାଯିବ, ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ଏ ସମ୍ପର୍କରେ ଏକାଧିକ ବୈଠକ କରିବା ସହ ବନାଗ୍ନି ସମୟରେ ଓଡ୍ରାଫ୍ ଯବାନଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ବନାଗ୍ନି ନିୟନ୍ତ୍ରଣ ପାଇଁ ଶିମିଳିପାଳରେ ବ୍ୟାପକ ଏଆଇ କ୍ୟାମେରା ସାଙ୍ଗକୁ ନିଆଁ ସ୍ପଟରେ ବନ କର୍ମଚାରୀଙ୍କୁ ପହଞ୍ଚାଇବା ପାଇଁ ଅତ୍ୟାଧୁନିକ ମୋଟର ଗାଡ଼ି ଶିମିଳିପାଳକୁ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ଶିମିଳିପାଳ କର୍ତ୍ତୃପକ୍ଷ ବନାଞ୍ଚଳ ଆଖପାଖ ଗାଁରେ ସଚେତନତା ଆରମ୍ଭ କରିଥିବା ବେଳେ ଫାୟାର ଲାଇନ୍ କାଟିବାକୁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ବାରିପଦା ସର୍କଲ୍ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ସମେତ ୭ଟି ବନ ଉପଖଣ୍ଡରେ ୭,୭୦୦ କିଲୋମିଟରରୁ ଅଧିକ ଫାୟାର ଲାଇନ୍ (ଅଗ୍ନିରୋଧ ରେଖା) ନିର୍ମାଣ କରାଯିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୭୦ଟି ଫାୟାର ସ୍କ୍ୱାଡ୍ ଗଠନ କରାଯାଇଛି। ସେଥିରେ ୫୬୫ଜଣ କର୍ମଚାରୀ ନିୟୋଜିତ ହେବେ। ଏହାସହ ବନକଲ୍ୟାଣ ସମିତି ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସାମିଲ ହେବେ। ସେମାନଙ୍କ ପାଇଁ ଅତି କମ୍‌ରେ ୬୫ଟି ଯାନ ଓ ପ୍ରାୟ ୧,୦୦୦ଟି ଫାୟାର ବ୍ଲୋୟର୍ ମେସିନ୍ ଓ ଏଆଇ କ୍ୟାମେରା ବ୍ୟବହାର କରାଯିବ। ଏହାବ୍ୟତୀତ, ବିଭିନ୍ନ ବିଭାଗକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଫାୟାର ବ୍ଲୋୟର୍ ବଣ୍ଟନ କରାଯାଇଛି।

**ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ**

# ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏବେ କୋମାରେ: ବିଜେଡି

ଭୁବନେଶ୍ୱର,୭।୨(ସମିସ): ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ବିଶ୍ୱବିଦ୍ୟାଳୟରେ ସରକାର ସ୍ଥାୟୀ କୁଳପତି ନିଯୁକ୍ତ କରିପାରୁ ନାହାନ୍ତି। କୁଳପତି ନିଯୁକ୍ତି କ୍ଷେତ୍ରରେ ଆଗକୁ ଚାଲିବା ପରିବର୍ତ୍ତେ ରାଜ୍ୟ ସରକାର ପଛକୁ ଚାଲୁଛନ୍ତି। ପୂର୍ଣ୍ଣକାଳୀନ କୁଳପତି ନଥିବାରୁ ଶିକ୍ଷା ବ୍ୟବସ୍ଥା ସଂକଟାପନ୍ନ ହୋଇପଡ଼ିଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଛନ୍ତି ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ। ଶଙ୍ଖ ଭବନରେ ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ସାହୁଙ୍କ ସମେତ ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ମଧ୍ୟ ଉଚ୍ଚଶିକ୍ଷାକୁ ଗୌରୀକ କରଣ କରିବାକୁ ଉଦ୍ୟମ କରୁଥିବା କହି କଡ଼ା ସମାଲୋଚନା କରିଛନ୍ତି।

ବିଧାୟକ ଶ୍ରୀ ସାହୁ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ କିଛି ଅସଙ୍ଗତିକୁ ଦୂର କରିବା ପାଇଁ ୨୦୨୦ରେ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆସିଥିଲା। ତତ୍କାଳୀନ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କ ପ୍ରସ୍ତାବକ୍ରମେ ଉଚ୍ଚଶିକ୍ଷା ବିଭାଗରେ ଅଧ୍ୟାପକ ନିଯୁକ୍ତ କରିବାକୁ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସସି)କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ବିଜେପି ସରକାରକୁ ଆସିବା ପରେ ୨୦୨୪ ଓ ୨୦୨୫ରେ ଦୁଇଥର ଆମେଣ୍ଡମେଣ୍ଟ ବିଲ୍ ଆଣିଛନ୍ତି। କୁଳପତି ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ମନୋନୟନ ନିୟମରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଯୋଗ୍ୟତା ଭିତିରେ ମନୋନୟନ କରାଯାଉଥିବା ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇ ପାରିବ ବୋଲି କୁହାଯାଇଛି। ଅର୍ଥାତ୍ ରାଜ୍ୟ



- ନୂତନ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଅନୁଯାୟୀ ନିଯୁକ୍ତିରେ ସ୍ୱଚ୍ଛତା ରହିବ ନାହିଁ
- ଶିକ୍ଷାକୁ ଗୌରୀକ କରଣ କରିବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର

ସରକାର ରାଜ୍ୟପାଳଙ୍କ ପାଖକୁ ତିନୋଟି ନାମ ପଠାଇବେ ଓ ତନ୍ମଧ୍ୟରୁ ରାଜ୍ୟପାଳ ଜଣଙ୍କୁ ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ମନୋନୟନ କରିବେ। ତେଣୁ ଏଥିରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। କେଉଁ ଆଧାରରେ ରାଜ୍ୟ ସରକାର ତିନି ଜଣଙ୍କୁ ବାଛିବେ, ସେନେଇ କୌଣସି ସ୍ପଷ୍ଟତା ନଥିବାରୁ କେବଳ ଗୌରୀକ ବିଚାରରେ ଥିବା ବ୍ୟକ୍ତିଙ୍କୁ ହିଁ ମନୋନୀତ କରାଯିବ ବୋଲି ସ୍ପଷ୍ଟ ଜଣାପଡୁଛି। ଏପରି ବ୍ୟବସ୍ଥାରେ, ନିରପେକ୍ଷ ନିଯୁକ୍ତି ଦେବା ସମ୍ଭବ ନୁହେଁ। କ୍ଷମତାକୁ ଆସିବାର ୧୮ ମାସ ପୂରିଥିଲେ ମଧ୍ୟ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି କରିପାରିଲେ ନାହିଁ। ତୁରନ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ କୁଳପତି ନିଯୁକ୍ତି ଦିଆଯାଉ ବୋଲି ଡ. ସାହୁ କରିଛନ୍ତି।

ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏବେ କୋମାରେ। ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପରେ ଗତ ଜୁଲାଇ ସୁଦ୍ଧା ନିଯୁକ୍ତି ସରିବା କଥା। ମାତ୍ର ରାଜ୍ୟ ସରକାରଙ୍କ ଅପାରଗତା ସ୍ୱଚ୍ଛତା ଅଭାବ କାରଣରୁ ଏହି ନିଯୁକ୍ତି ହୋଇ ପାରୁନାହିଁ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ରାଜ୍ୟ ସରକାର ଖାତିର ନ କରିବା ଦୁର୍ଭାଗ୍ୟଜନକ। ଏହାଛଡା, ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୬ଟି ଆସିଷ୍ଟାଣ୍ଟ ପ୍ରଫେସର, ୪୫୮ଟି ଆସୋସିଏଟ ପ୍ରଫେସର, ୨୬୧ ପ୍ରଫେସର ଓ ୨୩୨୫ ନନ୍ ଟିଚିଙ୍ଗ ପଦ ଖାଲି ପଡିଛି। ଫେବୃଆରୀ ଶେଷ ସୁଦ୍ଧା କୁଳପତି ନିଯୁକ୍ତି ନହେଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ସେହିପରି ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ ରାଜ୍ୟ ସରକାର ନାମ ଓ ରଙ୍ଗ ପରିବର୍ତ୍ତନରେ ବ୍ୟସ୍ତ ଅଛନ୍ତି। କୁଳପତି ନିଯୁକ୍ତି ସାରିବାକୁ ସମୟ ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ମଧ୍ୟ କୁଳପତି ନାହାନ୍ତି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ କରି ନ ପାରିବା କଥା ଓ କାମ ମଧ୍ୟରେ ଥିବା ପାର୍ଥକ୍ୟକୁ ପଦାରେ ପକାଇଛି।

## ହୃଦ୍‌ରୋଗ ପରୀକ୍ଷଣ ଶିବିର

**ଯାଜପୁର, ୭।୨(ସମିସ):** ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ମିଶନ ହସ୍ପିଟାଲ ଦୁର୍ଗାପୁରର ମିଳିତ ସହଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଜପୁରଠାରେ ଏକ ହୃଦ୍‌ରୋଗ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଡା. ଗୋପାଳଚନ୍ଦ୍ର ମଲ୍ଲିକ (ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ) ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଓ ଏହା ଦ୍ୱାରା ବହୁତ ପିଲା ଉପକୃତ ହେବେ ବୋଲି ସୂଚନା ଦେଇଥିଲେ।




ଶିବିରରେ ୦ରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ହୃଦ୍ ପରୀକ୍ଷଣ ହେବା ସହିତ ସେମାନଙ୍କର ଆବଶ୍ୟକ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମୋବାଇଲ ହେଲ୍‌ଥ ଟିମ୍‌ମାନଙ୍କ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଜପୁରକୁ ଅଣାଯାଇ ପିଲାମାନଙ୍କର ପରୀକ୍ଷଣ କରାଯାଇଥିଲା। ଦୁର୍ଗାପୁର ହସ୍ପିଟାଲରୁ ଡା. ହେମନ୍ତ କୁମାର ନାୟକ ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ୧୦୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କର ପରୀକ୍ଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମିଲନ କୁମାର ପଢ଼ିଆରୀ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲ୍ଲା ପରିଚାଳକ, ବିଭିନ୍ନ ବ୍ଲକ୍‌ର ଆୟୁଷ ଡାକ୍ତର ତଥା ଡା. ମନୋରଞ୍ଜନ ମିଶ୍ର, ଡା. ସୁଶାନ୍ତ ଦାସ, ଡା. ଜୟପ୍ରକାଶ ମିଶ୍ର, ଡା. ରାଜଶ୍ରୀ ପାଢ଼ୀ, ଡା. ମୋନାଲିସା ପ୍ରଧାନ, ନିଶା ମହାପାତ୍ର, ସ୍ୱାଗତିକା ରାଉତ, ମଳୟ ସାହାଣୀ, ମନୋଜ ଦାସ, ପ୍ରଦୀପ କୁମାର ବେହେରା, ଡା. ବିଶ୍ୱ ପ୍ରକାଶ ସାମନ୍ତ ଉପସ୍ଥିତ ରହି କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ମଲିଆ ଯଜ୍ଞପଡ଼ିଆ ସଫେଇ



**ସିଂହପୁର, ୭।୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଲିଆ ଯଜ୍ଞ ପଡ଼ିଆରେ ଯଜ୍ଞ ପରେ ପଡ଼ିଆ ଅଳିଆ, ଆବର୍ଜନାରେ ପରିବେଶ ଦୂଷିତ ହୋଇଯାଇଥିଲା। ଫଳରେ ଅଗ୍ରଣୀ ସେବା ସଂଗଠନ ଆମ ସେବା ପରିବାର ଟ୍ରଷ୍ଟ ପକ୍ଷରୁ ଆଜି ସନ୍ଧ୍ୟାରେ ବିଦ୍ୟାଳୟ ସମ୍ମୁଖ ପଡିଆ ସଫେଇ କରିଥିଲେ। ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ସେବା ଟ୍ରଷ୍ଟର ପରାମର୍ଶ ଦାତା ଅକ୍ଷୟ ସାମଲ, ଯୁବସମାଜସେବି ସୁଧାଂଶୁ ଶେଖର ଧଳ, ନାଟ୍ୟକାର ଖଗେଶ୍ୱର ସାହୁ, କୈଳାସ ବାରିକ, ରାଜେନ୍ଦ୍ର ନାରାୟଣ ସାହୁ, ପ୍ରମୋଦ ସାହୁ, ଅଲେଖ ବେହେରା ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ଥିଲେ।

## ବନ୍ଧ ତଳକୁ ଖସିଲା ଭ୍ୟାନ

**ପ୍ରୀତିପୁର, ୭।୨(ସମିସ):** ଲୁହାରଡ୍ ଲଦା ହୋଇଥିବା ଏକ ପିକଅପ୍ ଭ୍ୟାନ ରାସ୍ତା ତଳକୁ ଖସିପଡ଼ିବା ସହିତ ବିପଜ୍ଜନକ ଅବସ୍ଥାରେ ଲଟକି ରହିଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ଚନ୍ଦ୍ରମୁଁ ପଞ୍ଚାୟତର ମଲ୍ଲୀପୁର ନିକଟରେ ଏକ ପିକଅପ୍ ଭ୍ୟାନ ଓଡି୩୪ଡି ୯୫୪୪ ଅତି ବିପଦଜ୍ଜନକ ଅବସ୍ଥାରେ ଲଟକି ରହିଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ ଗାଡିଟି ଲୁହାରଡ ବୋଝେଇ ହୋଇଥିଲା। ରାସ୍ତା ଭୁଲି ଡ୍ରାଇଭର ସେ ଆଡକୁ ଚାଲିଯାଇଥିଲା। ଗାଡିକୁ ଫେରାଇବା ପାଇଁ ଚେଷ୍ଟା କରୁଥିବା ବେଳ ଗାଡିଟି ପ୍ରାୟ ୩୦ ମିଟର ତଳକୁ ଟାଣି ହୋଇ ଯାଇଥିଲା। ଭାରସାମ୍ୟ ହରାଇ ଡ୍ରାଇଭର ନିଜ ଜୀବନ ବଞ୍ଚାଇ ଡେଇଁ ପଡିଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନଥିବା ଜଣାପଡିଛି।

## କାଏମା ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର



**ଧର୍ମଶାଳା, ୭।୨(ସମିସ):** ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ବଡ଼ କାଏମା ପଞ୍ଚାୟତର କଲ୍ୟାଣ ମଣ୍ଡପ ଠାରେ ଆଜି ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ମିନତି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ୧୪ ନମ୍ବର ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, ବାରବାଟି ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଯୁବ ସଂଗଠକ ଅଭିଷେକ ରାଉତ, କାଏମା ସମିତିସଭ୍ୟ ଜଗନ ପଣ୍ଡା, ବିଜେପି କର୍ମୀ ଶିଶିର ମାହାଣ୍ତା, କାଏମା ପ୍ରଭାରୀ ସୁରେନ୍ଦ୍ର ନାୟକ, ବରିଷ୍ଠ ବିଜେପି ନେତା ମୁରଲୀ ପାଣ୍ଡବ, ସନ୍ତୋଷ ସେଠୀ, ସନ୍ତୋଷ ସାମଲ, ପ୍ରକାଶ ରାଉଳ, ଲୋକନାଥ ମହାନ୍ତି ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ। ଏହି ଶିବିରରେ ହାଇଟେକ୍ ମେଡିକାଲ କଲେଜର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗ ପରୀକ୍ଷା ରୋଗୀମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଔଷଧ ପ୍ରଦାନ କରାଯାଇଥିଲା। ଆଜିର ଶିବିରରେ ବିଶେଷ କରି ଚର୍ମ, ମଧୁମେହ, ରକ୍ତଚାପ, ଶିଶୁରୋଗ, ରୋଗୀମାନଙ୍କ ରୋଗ ପରୀକ୍ଷା କରାଯାଇ ୩ ମାସ ପାଇଁ ବିନା ମୂଲ୍ୟରେ ଟ୍ରଷ୍ଟ ପକ୍ଷରୁ ଔଷଧ ପ୍ରଦାନ କରାଯାଇଥିଲା। ଆଜିର ସ୍ୱାସ୍ଥ୍ୟ ଶିବିରରେ ଉଭୟ କାଏମା ଓ ଅଭୟପୁର ପଞ୍ଚାୟତରୁ ପାଖାପାଖି ୭୦୫ ଜଣ ରୋଗୀ ଉପସ୍ଥିତ ହୋଇ ସେମାନଙ୍କ ରୋଗ ପରୀକ୍ଷା କରାଇଥିଲେ।

### ପାଲଟପୁରରେ କ୍ୟାନ୍ସର କିଡ୍‌ନୀ ଆତଙ୍କ ଘଟଣା

# ପରୀକ୍ଷା ପାଇଁ ଗଲା ଓଭରହେଡ୍ ଟାଙ୍କି ପାଣି

**କୁଆଁଗୋଲା, ୭।୨(ସମିସ):**

ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପାଲଟପୁର ପଞ୍ଚାୟତକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯିବ। ଏଥିରେ ସମସ୍ତଙ୍କ ଘରକୁ ଟ୍ୟାପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦିଆଯିବ। ଏହା ସହିତ ପଞ୍ଚାୟତରେ ଏହି ପାଣି ବ୍ୟବହାର କରୁଥିବାରୁ ଆହୁରି କେତେ ଲୋକ ଆକ୍ରାନ୍ତ ହେବା

### ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ସମୀକ୍ଷା

ଆଶଙ୍କା ଦୃଷ୍ଟିରେ ରଖି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି ଯାଜପୁର ଜିଲ୍ଲାପାଳ ଆମ୍ବର କୁମାର କର। ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା ପରେ ବିଭିନ୍ନ ବିଭାଗକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ବିଭିନ୍ନ ବିଭାଗ ପକ୍ଷରୁ ଖୁବ ଜୋରସୋର ଭାବେ କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଆଜି ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ମଲିକ, ଜ୍ୟୋତିରଞ୍ଜନ ରାଉତ, ଦୀପକ କୁମାର



ସାହୁ, ଦୋଳଗୋବିନ୍ଦ ପଣ୍ଡା, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅମ୍ରିତା ପ୍ରିତମ ମଲ୍ଲ, ସିଏଚ୍‌ଓ ଜିନା ମଲିକ, ସ୍ଥାନୀୟ ଆଶା, ଅଙ୍ଗନବାଡି କର୍ମୀ ପ୍ରମୁଖ ପଞ୍ଚାୟତରେ କ୍ୟାନ୍ସର ଓ କିଡ୍‌ନୀ ରୋଗରେ ମୃତକ ପରିବାର ଏବଂ ଚିକିତ୍ସାରତ ରୋଗୀଙ୍କୁ ଭେଟି ରୋଗ ସମ୍ପର୍କରେ ପଚାରି ବୁଝିଥିଲେ। ସମସ୍ତଙ୍କର ତଦନ୍ତ ହେବା ପରେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଏହାପରେ ନିଷ୍ପତି ନିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ ସେହିପରି ନୀଳକଣ୍ଠପୁର ଏବଂ ସାତିବାଟି ଠାରେ ୨୦୧୯ ରୁ ୨ଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇ ପଡ଼ି ରହିଥିବାବେଳେ କୌଣସି କାର୍ଯ୍ୟକାରୀ ହେଉନଥିଲା। ବର୍ତ୍ତମାନ ୨ଟି ପ୍ରକଳ୍ପରେ ଗାଁ ରାସ୍ତାରେ ପାଣି ପାଇପ୍ ପକାଯାଉଥିବା ବେଳେ ଘରକୁ ଟ୍ୟାପ୍ ମଧ୍ୟ ସଂଯୋଗ ଆରମ୍ଭ ହୋଇଛି। ମେଗା ପ୍ରକଳ୍ପ ଠିକା ସଂସ୍ଥା ୨୦୨୧ରୁ କେବଳ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରି ଚାଲିଯାଇଥିଲା। ବର୍ତ୍ତମାନ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଯିବା, ୨ଟି ବୋରିଂ ଘର ନିର୍ମାଣ ଚାଲିଛି। ଆଜି ଓଭରହେଡ୍ ଟାଙ୍କି ନିକଟରେ ବାସଯାଇଥିବା ୨ଟି ବୋରିଂରୁ ପାଣି ବାହାର କରାଯାଇଛି। ଉକ୍ତ ପାଣିକୁ ପରୀକ୍ଷା ପାଇଁ ଲାବ୍ରୋଟାରି ପଠାଯାଇଛି। କାର୍ଯ୍ୟର ତଦାରଖ ପାଇଁ ପାନୀୟ ଜଳ ବିଭାଗ ଏସ୍‌ଇ ରୌପ୍ୟରଞ୍ଜନ ସାହୁ, ଏସ୍‌ଡିଓ ନିରଞ୍ଜନ ବେହେରା, ଜେଇ ସ୍ୱର୍ଣ୍ଣଲତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପାଣି ପାଇଁ ଦୀର୍ଘ ୬ ବର୍ଷ ହେବ ଲଢ଼େଇ ଜାରି ରହିଥିବା ସମସ୍ତ ଦସ୍ତାବିଜ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ପଞ୍ଚାୟତର ୧୨ ୱାର୍ଡରେ ୯ ହଜାର ଲୋକଙ୍କୁ ଟ୍ୟାପ ଯୋଗେ ସ୍ୱଚ୍ଛ ପାନୀୟ ଜଳଯୋଗାଣ, ସମସ୍ତଙ୍କର ମାଗଣା ସ୍ୱାସ୍ଥ୍ୟପରୀକ୍ଷା, ଆବଶ୍ୟକ ସ୍ଥଳେ ନଳକୂପ ଖନନ, କ୍ୟାନ୍ସର ଓ କିଡ୍‌ନୀ ରୋଗରେ ମୃତକ ପରିବାର ଏବଂ ପୀଡ଼ିତ ପରିବାରକୁ ସହାୟତା ଦାବି କରିଛନ୍ତି ସରପଞ୍ଚ ଲିପିକା ମଲିକ। ଯଦି ଏକ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ କରାନଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁନଶ୍ଚ ଧାରଣାରେ ବସିବାକୁ ସୂଚନା ଦେଇଛନ୍ତି। ଏହାରି ଭିତରେ ପୁଣି ଆସିଛି ନଳକୂପରୁ ଯାଇଥିବା ନମୁନାର ପରୀକ୍ଷା ରିପୋର୍ଟ। ଯାହାକି ସମସ୍ତଙ୍କୁ ଆର୍ଶ୍ଚଯ୍ୟ ଚକିତ କରିଦେବା ଭଳି। ପଞ୍ଚାୟତରୁ ମୋଟ ୮୨୭ ନମୁନା ମଧ୍ୟରୁ ଏଯାବତ ୩୬୦ ନଳକୂପ ରିପୋର୍ଟ ଆସିଛି। ଯେଉଁଥିରେ ୧୯୧ଟି ନଳକୂପରୁ ଲିଡ୍, କ୍ୟାଡ୍‌ମିୟମ, ଆସେନିକ, ମାଙ୍ଗାନିଜ, ଆଇରନ ଭଳି ବିଷାକ୍ତ ନମୁନା ରହିଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଡ଼ଚଣା, ୭।୨(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟ ଓ ବଡ଼ଚଣା ପଞ୍ଚାୟତ ସମିତି ସହଯୋଗରେ ଆଜି ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ଉଚ୍ଚ ବିଦ୍ୟାଳୟ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବଡ଼ଚଣା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୨୧୯ ଦିବ୍ୟାଙ୍ଗ ସେମାନଙ୍କ ନାମ ପଞ୍ଜିକୃତ କରିଥଲେ। ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ନ ଥିବା ବ୍ୟକ୍ତିମାନଙ୍କୁ ବିଭିନ୍ନ ବିଭାଗର ଡାକ୍ତର ମାନେ ଉପସ୍ଥିତ ରହି ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଯାଞ୍ଚ କରିଥିଲେ। ଉପଯୁକ୍ତ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ସହ ବିଭିନ୍ନ ଆବଶ୍ୟକୀୟ ଉପକରଣ



ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମୋଟ୍ ୨୧୯ ଜଣ ଦିବ୍ୟାଙ୍ଗ ବିଭିନ୍ନ ବିଭାଗରେ ସେମାନଙ୍କର ନାମ ପଞ୍ଜିକୃତ କରିଥଲେ। ସେଥି ମଧ୍ୟରେ ଶାରୀରିକ ଅକ୍ଷମତା ୪୮ ଜଣ, ଅସ୍ଥିଶଲ୍ୟ ୧୧୪ ଜଣ, ଦୃଷ୍ଟିବାଧିତ ୧୮ ଜଣ, ଶ୍ରବଣ ବାଧିତ ୪୮ ଜଣ, ଔଷଧ ବିଭାଗରେ ୭ ଜଣ ଦିବ୍ୟାଙ୍ଗ ସେମାନଙ୍କ ନାମ ପଞ୍ଜିକୃତ କରିଥଲେ। ଏହି ଶିବିରରେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଦର୍ପଣ ଅତିରିକ୍ତ ତହସିଲଦାର, ଧାନମଣ୍ଡଳ ଗ୍ରାମ ପଞ୍ଚାୟତ ସରପଞ୍ଚ ନବଦୀପ ନାୟକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଭିନ୍ନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

**ଯଖପୁରା, ୭।୨(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ମାଣତିରା ପଞ୍ଚାୟତ କେନ୍ଦୁଡିପ ଗ୍ରାମର କେଏନ୍ ବ୍ରହ୍ମଚାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କେନ୍ଦୁଡିପ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତିନି ଦିନ ଧରି ଅନୁଷ୍ଠିତ କ୍ରୀଡାର ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଜଳଧର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନାରାୟଣ ପରିଡ଼ା, ନିର୍ମଳ ଚନ୍ଦ୍ର ବେହେରା, ବଳରାମ ଆଏଚ, ଯଖପୁରା କ୍ଲଷ୍ଟରର ମୁଖ୍ୟ କୁଳମଣି ମୁଦୁଲି, ମାଣତିରା କ୍ଲଷ୍ଟର୍ ମୁଖ୍ୟ ସୁରେନ୍ଦ୍ର କୁମାର ବାରିକ, ଅର୍ଜୁନ କୁମାର ପରିଡ଼ା, ମଦନ ମୋହନ ପରିଡା, ଅଜୟ ପାଳ, ମାୟାଧର ନାଥ, ସୁବାସ ବାରିକ ଓ ସାମ୍ବାଦିକ ଦିଲ୍ଲୀପ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୀତଳ ଶା, ପୁଷ୍ପାଞ୍ଜଳି ବେହେରା, ସଂଘମିତ୍ରା ଓଝା, ପ୍ରମୋଦ କୁମାର ସାହୁ, ହୀରାବତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। କୁଳମଣି ମୁଦୁଲି ମଞ୍ଚ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଦଶରଥପୁର, ୭।୨(ସମିସ):** ଦଶରଥପୁର ଗାୟତ୍ରୀ ଚେତନା କେନ୍ଦ୍ର ତରଫରୁ ତିନିଦିନ ଧରି କଳସ ଶୋଭାଯାତ୍ରା, ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମମତା ସାହୁ, ପଦ୍ମିନୀ ଦାସ, ଅନିତା ସୁତାର, ସୁଜାତା ଦାସ ନେତୃତ୍ୱରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଦଶରଥପୁର କଠାଗୋଲ ନିକଟ ବୈତରଣୀ ଘାଟରୁ କଳସରେ ପାଣି ଉଠାଯାଇ ଏକ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳୀକୁ ଅଣାଯାଇଥିଲା। ଦ୍ୱିତୀୟ ଦିବସରେ ସୂର୍ଯ୍ୟକାନ୍ତ ବିଶ୍ୱାଳ, ମାନସ କୁମାର ସାମଲ, ରବୀନ୍ଦ୍ର ପୋଥାଳ, ନରେନ୍ଦ୍ର ପୋଥାଳ, ବସନ୍ତ ବିଶ୍ୱାଳ, ସୁଧାକର ଦାସ ଓ ବାବାଜୀ ବେହେରାଙ୍କ ସହାୟତାରେ ଯଜ୍ଞକାର୍ଯ୍ୟ ସଞ୍ଚାଳନ ହୋଇଥିଲା। ସନ୍ଧ୍ୟାରେ ଉମାକାନ୍ତ ଧଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଦଶରଥପୁର ଥାନାଧିକାରୀ ଶରତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଚମ୍ପାଇପାଳ ସରପଞ୍ଚ ହିମାଂଶୁ ଶେଖର ନାୟକ ଏବଂ ଦଶରଥପୁର ଗାୟତ୍ରୀ ଅନୁଷ୍ଠାନର ପ୍ରତିଷ୍ଠାତା ଖଗେଶ୍ୱର ଦାସ ଯୋଗଦେଇ ଗାୟତ୍ରୀ ମାତାଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ତିମ ଦିବସରେ ମାଳିକା ପ୍ରବଚକ ପ୍ରମୋଦ ପୃଷ୍ଟି ଗାୟତ୍ରୀ ଯଜ୍ଞ ସମ୍ପର୍କରେ ଆଲୋଚନା କରିବା ସହ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। ଗୁରୁଜୀ ବିରେନ୍ଦ୍ର ଦାସ, ଦିପାଞ୍ଜଳି ସାହୁ ଓ ଅର୍ପିତା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଆଦିବାସୀ ପରିବାର

**ପାଣିକୋଇଲି, ୭।୨(ସମିସ):** ପାଣିକୋଇଲି ଥାନା ଅର୍ନ୍ତଗତ ପଥରପଦା ପଞ୍ଚାୟତ ଖସାଗଡିଆ ଗ୍ରାମ (ଓଚିନ୍ଦା ଅଲେଖ ମଠ) ନିକଟରେ ଆଦିବାସୀ ପରିବାରରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛି। ପ୍ରକାଶଯେ ମଠ ପାଶ୍ୱର୍ରେ ଅନେକ ଆଦିବାସୀ ପରିବାର ଘର କରି ରହିଛନ୍ତି। ରସିକ ମୁଣ୍ଡା ନାମକ ଜଣେ ବ୍ୟକ୍ତି ମଧ ସେଠାରେ ଘର କରି ରହୁଥିଲା। ଆଜି ମଧ୍ୟାହ୍ନରେ ହଠାତ ଉକ୍ତ ଘରେ ନିଆଁ ଲାଗିଥିଲା। ହେଲେ ନିଆଁ ଲାଗିବାର କୌଣସି କାରଣ ଜଣା ପଡିନଥିଲା। ଦୀର୍ଘ ଦିନ ହେବ ବର୍ଷା ନହେବା ସହିତ ନୁଆଁଣିଆ ଚାଳଘର ସଂଗେ ସଂଗେ ହୁତୁହୁତୁ ହୋଇ ଜଳିଥିଲା। ଖବରପାଇ ବୈତରଣୀରୋଡ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ ହେଁ ସେତେବେଳକୁ ସମସ୍ତ ଆସବାସ ପତ୍ର ପୋଡିଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## 'ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା' ଆଲୋଚନାଚକ୍ର

**ବଡ଼ଚଣା, ୭।୨(ସମିସ):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ 'ବିକଶିତ ଭାରତ -୨୦୪୭ ପାଇଁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ନିରୁପମା ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ତଥା ବିଷୟ ବିଶେଷଜ୍ଞ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳ ର




ପ୍ରଫେସର୍ ବିମଳ ଚରଣ ସ୍ୱାଇଁ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ନିରୁପମା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଶ୍ରାବଣୀକନ୍ୟା ସ୍ୱାଗତିକା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷା ସମ୍ମାନର ଛାତ୍ରୀ ସୃଷ୍ଟି ଶୋଭନା ବାରିକ, ମଧୁସ୍ମିତା ସେଠୀ, ପ୍ରିୟଙ୍କା ଜେନା, ଶାହିର ପରବିନ୍, ସରିତା ମଞ୍ଜରୀ ସନ୍ଦର୍ଭ ପାଠ କରିଥିଲେ। ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି, ଶାନ୍ତନୁ ରାଉତରାୟ, ହରି ନାରାୟଣ ସାହୁ, ପ୍ରିତମ ମିଶ୍ର, ଡ. ଦୀପକ୍ ମିଶ୍ର, ଅଧ୍ୟାପିକା ରଞ୍ଜିତା ସ୍ୱାଇଁ, ସରିତା ସେଠୀ, ସସ୍ମିତା ବେହେରା, ସସ୍ମିତା ପରିଡ଼ା, ଡ. ଅମ୍ବିକା ତ୍ରିପାଠୀ ସମେତ ବିଭାଗୀୟ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ସ୍କୁଟିକୁ ଧକ୍କା ଦେଲା ପିକ୍‌ଅପ୍

**ପାଣିକୋଇଲି, ୭।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ଡ଼ାଇଭର୍ସନ ନିକଟରେ ଏକ ପିକଅପଭ୍ୟାନ ଧକ୍କାରେ ଜଣେ ସ୍କୁଟି ଆରୋହୀ ଆହତ ହୋଇଛନ୍ତି। ପ୍ରକାଶଯେ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ଅର୍ଥଙ୍ଗା ଗ୍ରାମର ଦିବାକର ମଲ୍ଲିକ(୫୮) ଏକ ସ୍କୁଟିରେ ପାଣିକୋଇଲି ପଟୁ ଯାଉଥିବା ବେଳେ ପଛପଟୁ ଏକ ଦ୍ରୁତଗାମୀ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦିବାକର ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ନିକଟସ୍ଥ ଏକ ବେସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ କରାଇଥିଲେ।

## ଜାତୀୟ ମେଧାବୃତ୍ତି ପାଇଲେ ଅର୍ପିତା

**ବଡ଼ଚଣା, ୭।୨(ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଦର୍ପଣୀଗଡ ସ୍ଥିତ ଲାଲ ବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ସାହୁ ଜାତୀୟ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଦର୍ପଣୀ ଗଡ଼ ଗ୍ରାମର



ଅଶୋକ କୁମାର ସାହୁ ଓ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ଝିଅ ଅର୍ପିତା ଜଣେ ମେଧାବୀ ଛାତ୍ରୀ ଭାବରେ ବିଦ୍ୟାଳୟ, ଜିଲ୍ଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

# ବଡ଼ଚଣାରେ ବିଜେଡିର ମିଶ୍ରଣ ପର୍ବ

**ବଡ଼ଚଣା, ୭।୨(ସମିସ):**

ବଡ଼ଚଣା ଗ୍ରାମର ଯୁବକମାନଙ୍କ ଦ୍ୱାରା ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାଂଗଠନିକ ବୈଠକରେ ବଡ଼ଚଣାର ଅନେକ ଯୁବ ସଙ୍ଗଠକମାନେ ବିଜେପି ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବଡ଼ଚଣା ପଞ୍ଚାୟତ ସଭାପତି ବିଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେଡି ନେତା ପ୍ରକାଶ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ବିଜୁ ଜନତା ଦଳରେ ଯୋଗଦାନ କରିଥିବା କର୍ମୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ମିଶ୍ରଣ ପର୍ବରେ ରଞ୍ଜନ ବେହେରା,



ଦେବେନ୍ଦ୍ର ଦାସ, ଯଦୁନାଥ ବିଶ୍ୱାଳ, ନିରଞ୍ଜନ ଲେଙ୍କା, କୈଳାସ ରାଉତ, ମାନସ ସାହୁ, ତାପସ କୁମାର ସାହୁ, ଲିଟୁ ଲେଙ୍କା, ସୁଶାନ୍ତ ଧଳ, ପ୍ରଦୀପ କୁମାର ନାୟକ, ନିରଞ୍ଜନ ବେହେରା, ଶଶୀଭୂଷଣ ନାୟକ, ସରୋଜ କୁମାର ନାୟକ, ରବୀନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଅନେକ ବିଜେପି ଦଳର ଆଗୁଆ କର୍ମକର୍ତ୍ତା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜିଲ୍ଲା ଉପସଭାପତି ଜ୍ଞାନରଞ୍ଜନ ସାହୁ, ପ୍ରାକ୍ତନ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ, ଜିଲ୍ଲା ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ନୀଳକଣ୍ଠ ବରାଳ, ବିନୟ ପୃଷ୍ଟି, ସଂଗ୍ରାମ ମହାନ୍ତି, ଧୁଳେଶ୍ୱର ଦାସ, ପବନେଶ୍ୱର ଜେନା, ପ୍ରଦୀପ୍ତ ବଳ, ଗୋପାଳ କିସ୍କୋ, ପ୍ରସନ୍ନ ବଳ, ବୁଧିରାମ ବିଶ୍ୱାଳ, ଉମେଶ ଚନ୍ଦ୍ର ବଳ, ସିଦ୍ଧାର୍ଥ ଆଚାର୍ଯ୍ୟ, ସୁଜିତ ସାହୁ, ଏସ୍‌ପି ଆନନ୍ଦ ସିଂ, ବଟକୃଷ୍ଣ ବଳ, ପ୍ରଦୀପ୍ତ ବଳ, ହିମାଂଶୁ ସାହୁ, ସୁଜିତ କୁମାର ସାହୁ, ରାଜେନ୍ଦ୍ର ସାହୁ, କୈଳାସ ସାହୁ, ସତ୍ୟବ୍ରତ ବଳ, ଲକ୍ଷ୍ମୀଧର ବଳ, ବିଭୁଦତ୍ତ ବଳ, ବିଶ୍ୱଜିତ ସାହୁ, ନଗେନ୍ଦ୍ର ସାହୁ, ତ୍ରିଲୋଚନ ବଳ, ପବିତ୍ର ଆଚାର୍ଯ୍ୟ, ବିଦ୍ୟାଧର ସ୍ୱାଇଁଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଧର୍ମଘଟ ସଫଳ କରିବାକୁ ଆହ୍ୱାନ

**ଧର୍ମଶାଳା, ୭।୨(ସମିସ):** କେନ୍ଦ୍ରୀୟ ଶ୍ରମିକ ସଂଗଠନର ୧୨ ଫେବ୍ରୁଆରୀ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟ ଆହ୍ୱାନକୁ ସଫଳ କରିବା ପାଇଁ ମିଳିତ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ପ୍ରସ୍ତୁତି ବୈଠକ ଧର୍ମଶାଳା ଅହଲ୍ୟାବାଇ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ବିରୋଧୀ କାର୍ଯ୍ୟକୁ ସରକାର ପ୍ରତ୍ୟାହାର କରିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ଜନ ବିରୋଧୀ ବିଦ୍ୟୁତ ବିଲ, ବିହନ ବିଲ, ରାଷ୍ଟ୍ରୟତ ଉଦ୍ୟୋଗ ବିକ୍ରି ବନ୍ଦ କରିବା, ଦେଶ ବିରୋଧୀ ଆମେରିକା ସହ ବାଣିଜ୍ୟ ଚୁକ୍ତି ରଦ୍ଦ କରିବା ସମେତ ୮ ଦଫା ଦାବି ନେଇ ୧୨ ଫେବୃୟାରୀ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ସ୍ଥିର ହୋଇଥିଲା। ଧର୍ମଶାଳା ହାଟ ପଡିଆ ନିକଟସ୍ଥ ରାଣୀ ଅହଲ୍ୟା ବାଇ ଡାକ ବଙ୍ଗଳା ଠାରେ ଆୟୋଜିତ ବୈଠକରେ ଏଚ୍‌ଏମଏସ ଜିଲ୍ଲା ସଭାପତି ପ୍ରଦୀପ ଦାସେ ସଭାପତିତ୍ୱ କରିଥିଲେ। ଏଥିରେ ମାତୃଶକ୍ତି ଶ୍ରମିକ ସଙ୍ଘର ସଭାପତି ପରମାନନ୍ଦ ସେଠୀ, ଏଚଏମଏସର ରାଜ୍ୟ ମହିଳା ନେତ୍ରୀ ପାକିଜା ବେଗମ, ହନୁମାନ ଶ୍ରମିକ ସଙ୍ଘର ସଭାପତି ଅଜୟ ସାହୁ, ପତିତପାବନ ଶ୍ରମିକ ସଙ୍ଘର ସଭାପତି ରୁନୁ ଲାଲା, ମହମ୍ମଦ ଇସଲାମ, ପ୍ରଦୀପ ଦାସ, ପ୍ରଭାକର ଦେହୁରୀ, ଭାନୁମତି ପ୍ରଧାନ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ଦେଶର ଶ୍ରମଜୀବୀ, ଶ୍ରମିକ, କୃଷକ, କୃଷି ଶ୍ରମିକ, ମହିଳା ଯୁବଛାତ୍ରଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ ଚଳାଇଥିବା ସେମାନେ କହିଛନ୍ତି। ମା' ଅମରେଶ୍ୱରୀ ଶ୍ରମିକ ସଙ୍ଘର ସଭାପତି ଲୋକନାଥ ପଲେଇ ଧନ୍ୟବାଦ ଦେଇଥିଲେ।

# ଆଣ୍ଟେଇଛି ଧାନ କିଣା ବ୍ୟବସ୍ଥା

## ମଣ୍ଡି ବୁଲିଲେ ଉପଜିଲ୍ଲାପାଳ



**ବିଞ୍ଝାରପୁର/ପ୍ରୀତିପୁର, ୭।୨(ସମିସ)**

ବିଞ୍ଝାରପୁର ବ୍ଲକର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଛନ୍ତି ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ । ଆଜି ପୂର୍ବାହ୍ନରେ ଯାଜପୁର ଉପଜିଲ୍ଲାପାଳ ଚିକଣା, ଘଣ୍ଟିଆଳି, ଅରେଇ ଆଦି ସ୍ଥାନରେ ଥିବା ଧାନ ମଣ୍ଡିକୁ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି । ବିଞ୍ଝାରପୁର ବ୍ଲକରେ ୧ ଲକ୍ଷ ୪୬ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଟୋକନ ବ୍ୟବସ୍ଥା ହୋଇଥିବା ବେଳେ ଅଦ୍ୟାବଧି ମାତ୍ର ୪୬ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି । ମିଲରମାନଙ୍କ ମନମାନି ପାଇଁ ଅଧିକାଂଶ ସ୍ଥାନରେ ଧାନ ଉଠିପାରୁନଥିବା ଚାଷୀ ଅଭିଯୋଗ କରିଥିଲେ । ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ମିଲର ମାନେ ଧାନ କ୍ରୟରେ ବିଳମ୍ବ ନକରିବାକୁ ଉପଜିଲ୍ଲାପାଳ କହିବା ସହିତ ପ୍ରତ୍ୟେକ ଧାନ ମଣ୍ଡିକୁ ନୋଡାଲ ଅଫିସର ଓ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଗସ୍ତ କରି କିଭଳି ଚାଷୀଙ୍କ ଠାରୁ ସୂଚାରୁ ଭାବେ ଧାନ କିଣାଯିବ ସେନେଇ ବ୍ୟବସ୍ଥା କରିବାକୁ ତାଗିଦ କରିଛନ୍ତି । ଯଦି ଅଧିକାରୀ ମାନଙ୍କ ଅବହେଳାରୁ ଧାନ କିଣାରେ ଅନିୟମିତତା ନଜରକୁ ଆସେ ତେବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଚାଷୀଙ୍କ ଠାରୁ କଟ୍‌ନୀ ଛଟ୍‌ନୀ କରାଯାଉଥିବା ପ୍ରଶ୍ନର ଉତ୍ତରରେ ଉପଜିଲ୍ଲାପାଳ କହିଛନ୍ତି ଉପଯୁକ୍ତ ପ୍ରମାଣ ସହିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉପଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ତହସିଲଦାର ସାରସ୍ୱତ ସାହୁ, ଯୋଗାଣ ଅଧିକାରିଣୀ ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସିପିଆଇ ପକ୍ଷରୁ ଦାବିପତ୍ର ପ୍ରଦାନ



**ଦଶରଥପୁର, ୭।୨(ସମିସ):** ଧାନ କିଣାରେ ଅବ୍ୟବସ୍ଥା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ୩୧୦୦ଟଙ୍କା କୁଣ୍ଟାଲ ପ୍ରତି ମୂଲ୍ୟରେ ସମସ୍ତ ଚାଷୀର ଧାନ କ୍ରୟ କରିବା ଆଦି ୧୨ଟି ଦାବିକୁ ନେଇ ସିପିଆଇ ପକ୍ଷରୁ ଆନ୍ଦୋଳନ କରାଯାଇଛି । ଦଶରଥପୁର ବ୍ଲକ କାଟିଆ ଛକରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଫାଟକ ନିକଟରେ ପହଞ୍ଚିଥିଲେ । ବର୍ଷିୟାନ କୃଷକ ନେତା ସନାତନ ତ୍ରିପାଠୀଙ୍କ ସଭାପତିତ୍ୱରେ ବ୍ଲକ ମୁଖ୍ୟ ଫାଟକ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଆଞ୍ଚଳିକ କମିଟିର ସମ୍ପାଦକ ଏସ୍ ଶତପଥୀ, ଜିଲ୍ଲା ସହ ସମ୍ପାଦକ ଅଭୟ କୁମାର ପଣ୍ଡା, ବିଜୟ କୁମାର ନାୟକ, ଚୌଧୁରୀ ଜେନା, ଶିକ୍ଷକ ନେତା ନିରଞ୍ଜନ ବିଶ୍ୱାଳ, ଦୁର୍ଯ୍ୟୋଧନ ବାରିକ, ସୁରେନ୍ଦ୍ର ମଲ୍ଲିକ, ମଳୟ କୁମାର ପଣ୍ଡା ଉଦବୋଧନ ଦେଇଥିଲେ । ରାଧେଶ୍ୟାମ ରାଉତ, ଲକ୍ଷ୍ମୀକାନ୍ତ ବାରିକ, ପୁରସ୍ତମ ବେହେରା, ବନମାଳୀ ଦାସ, ପ୍ରାଣକୃଷ୍ଣ ଦଳାଇ, ବଂଶୀଧର ଦାସ, ପୂର୍ଣ୍ଣ ଜେନା, ବିଷ୍ଣୁ ଚରଣ ଦାସ, ରମେଶ ବେହୁରାଙ୍କ ସମେତ ଶତାଧିକ କୃଷକ, କ୍ଷେତ ମଜଦୁର, ମହିଳା, ଯୁବ, ଛାତ୍ରଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶେଷରେ ଏକ ପ୍ରତିନିଧି ଦଳ ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ଜରାଶ୍ରମରେ ପାଳିଲେ ସଙ୍ଘର ବାର୍ଷିକ ଉତ୍ସବ

**ବ୍ରହ୍ମବରଦା, ୭।୨(ସମିସ):** ରସଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତ ଠାରେ ଥିବା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୧୬ତମ ବାର୍ଷିକ ଉତ୍ସବ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ପତିଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ଗୃହ ସାହାପଡ଼ା ବ୍ରହ୍ମବରଦା ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ମହମ୍ମଦ ଇବ୍ରାହିମ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପଦ୍ମନାଭ ସାହୁ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପାଢ଼ୀ, ଯୁବନେତା ପ୍ରଦୀପ ଦାସ, ପ୍ରଫୁଲ୍ଲ ଗିରି ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ବ୍ରହ୍ମବରଦା ଓ ବନ୍ଧଡିହ ଅଞ୍ଚଳର ଡାକ୍ତରୀ ପାଠ ଅଧ୍ୟୟନ କରୁଥିବା ଅନୁପମା ବାରିକ ଓ ପତିତପାବନ ବେହେରାଙ୍କୁ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ ଜରାଶ୍ରମର ସଭାପତି ସତ୍ୟସୁନ୍ଦର ସାହଙ୍କୁ ମଧ୍ୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜରାଶ୍ରମର ୧୪ଜଣ ମହିଳା ଓ ୧୧ଜଣ ପୁରୁଷଙ୍କୁ ସଙ୍ଘ ପକ୍ଷରୁ ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି ସଭାରେ ସଙ୍ଘର ସଭାପତି ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁକବି ଡା. ରାଜକିଶୋର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ ଏବଂ ଜାବିର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ । ସଙ୍ଘର ସଭାପତି ଅକ୍ତର ହୁସେନ ଖାଁ, ସଦସ୍ୟ ନାରାୟଣ ଦାସ, ନିମାଇଁ ଚରଣ ଦାସ, ତ୍ରିଲୋଚନ ମହାପାତ୍ର, ବିଷ୍ଣୁଚରଣ ସାହୁ, ବାଇଧର ସାହୁ, ତଜମୁଲ ହୁସେନ, ଡ. ଅବଦୁଲ ରୋପ ଖାଁ, ଶହିଦ ଅଲ୍ଲୀ, ଜଗବନ୍ଧୁ ଶତପଥି ଏବଂ ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟରେ ସହଯେଗ କରିଥିଲେ ।

## ଧରମପୁର ବିଦ୍ୟାଳୟର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




**ମଙ୍ଗଳପୁର, ୭।୨(ସମିସ):** ଦଶରଥପୁର ବ୍ଲକ କୟାଁ ଧରମପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ଏବିଓ ନୃସିଂହ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ କୟାଁ ପଞ୍ଚାୟତର ସମିତିସଭ୍ୟ ରୋଶନ ଦାସ, ସମ୍ମାନିତ ଅତିଥି ଭାବେ ଜୟଚଣ୍ଡୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ଦାଶ, କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଶାସନ ନାୟକ, ଲୋକନାଥ ଦାସ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାମଲ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ଶିକ୍ଷକ ଅମିତ ମହାପାତ୍ର, ଦୁଃଶାସନ ସେଠୀ, ରଜନୀ ରାଣୀ ସାହୁ ବାର୍ଷିକ କ୍ରୀଡ଼ାଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ତାପସ ରଣା, ପ୍ରିୟଦର୍ଶିନୀ ସାମଲ, ନରେଶ ଦାସ ବିଚାରକ ରୂପେ ଯୋଗ ଦେଇଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦାନଗଦି, ୭।୨(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଗହିରପାଟ୍ନଳି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷ ବିନୋଦ ବିହାରୀ ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ଜୋନ୍ ଅଧକ୍ଷ ଦିଲ୍ଲୀପ କୁମାର ସାହୁ, ଦାନଗଦି ବ୍ଲକ ବିଡିଓ ପ୍ରଦୀପ କୁମାର ସେଠୀ, ବିଜେପି ଜିଲ୍ଲା ସମ୍ପାଦକ ସୁଧାଂଶୁ ଶେଖର ଭଞ୍ଜ, ରାଣୀପଡ଼ା ସରପଞ୍ଚ ଗୀତାଞ୍ଜଳି ବେହେରା, ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ପୁହାଣ ସହିତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ମଧୁପୁର ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

**ମଧୁବନ, ୭।୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତସ୍ଥିତ ମଧୁପୁର ମହାବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଏହି କଲେଜର ପୂର୍ବତନ ଅଧକ୍ଷ ଡ. ରମାକାନ୍ତ ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଏହି କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲ । ସଂସ୍କୃତି ବିଭାଗର ଅଧ୍ୟାପକ ବିନୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମକୁ ଶୁଭାଶିଷ ନାୟକ, ବିଷ୍ଣୁପ୍ରିୟା ମଲିକ ଓ ରୋହିଣୀ ଗମାଙ୍ଗ ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ସଂସ୍କୃତି ସପ୍ତାହର ଚାମ୍ପିୟନ ଯୁକ୍ତ ୨ର ଶ୍ରୀକାନ୍ତ ଲେଙ୍କା ଓ ଯୁକ୍ତ ୩ର ଅସିୟା ସାହୁ ଏବଂ ଅନ୍ୟ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ମାନପତ୍ର ପୁରସ୍କାର ପ୍ରଦାନ କରିଥିଲେ । ଅଧ୍ୟାପକ ଡ ସତ୍ୟପ୍ରିୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନ୍ୱେଷଣ ପରିବାର ପକ୍ଷରୁ ନରନାରାୟଣ ସେବା



**ଯାଜପୁର, ୭।୨(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର କୋର କମିଟିର ଅଧକ୍ଷ ସେକ୍ ଅବଦୁଲ୍ ସାଜିଦ ଙ୍କ ଜନ୍ମଦିନ ଅବସରରେ ମେଡିକାଲ ଛକ ନିକଟରେ ପଥଚାରୀମାନଙ୍କୁ ଅନ୍ନ ଯଜ୍ଞ ମାଧ୍ୟମରେ ନାରନାରାୟଣ ସେବା ପ୍ରଦାନ କରାଯାଇଥିଲା । ଏହି ମହତ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ପ୍ରବଚକ ଅଧିକାରୀ ନବକିଶୋର ଦାସ, ସମାଜସେବୀ ଟୁନି ସାହୁ, ସମାଜସେବୀ ସ୍ୱଦେଶ ପଟ୍ଟନାୟକ, କାଉନସିଲର ମାନସ ଗୋବିନ୍ଦ ପତି ପ୍ରଥମେ ଶୁଭାରମ୍ଭ କରି ପଥଚାରୀମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଉପସଭାପତି ସୁବାସ ଚନ୍ଦ୍ର ଦେବତା, ସହ ସମ୍ପାଦିକା ଶକୁନ୍ତଳା ବେହେରା, କୋର୍ କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ସୂର୍ଯ୍ୟକାନ୍ତ ସେଠୀ, କୋଷାଧକ୍ଷ ଜିତେନ୍ଦ୍ର ନାଥ ରାଉତ, ସହ ସଙ୍ଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ରଜତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ନାୟକ, କିଶୋର କୁମାର ଦାସ, ଗୌତମ ମହାରଣ୍ୟ, ସଦସ୍ୟ ମାମାଲୀ ସାହୁ, ରଶ୍ମି ସାହୁ, ମୁସ୍ତରି ବେଗମ, ଅନୱାର ଅଲ୍ଲୀ, ସରଫରାଜ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ । ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




**ଧର୍ମଶାଳା, ୭।୨(ସମିସ):** ଜାରକାସ୍ଥିତ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଯୁକ୍ତ ୩ ଶ୍ରେଣୀର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ 'ଆତ୍ମ ସୁରକ୍ଷା ଶିବିର' ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିର ରେ ମୋଟ ୭୨ ଜଣ ଛାତ୍ରୀ ଅଂଶଗ୍ରହଣ କରିବେ । ଏହି ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ସଂଯୋଜିକା ଭାବେ ସସ୍ମିତା ରାଉତରାୟ, ଅଧ୍ୟାପିକା, ଇଂରାଜୀ ବିଭାଗ ଥିବା ବେଳେ ଟ୍ରେନର ଭାବେ ସୁଶ୍ରୀ ଜ୍ୟୋସ୍ନାମୟୀ ୮ ଦିନ ଧରି ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ କଳା କୌଶଳ ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରୀ ମାନଙ୍କୁ ପ୍ରଦାନ କରିବେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ମାନେ ସହଯୋଗ କରିଥଲେ ।

## ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ ସମୀକ୍ଷା

# ଜିଲ୍ଲାରେ ୧୫୧ଟି ମାଟ୍ରିକ ପରୀକ୍ଷା କେନ୍ଦ୍ର




**ଯାଜପୁର, ୭।୨(ସମିସ):** ଚଳିତ ବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଏବଂ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ବିଭାଗର ସଚିବ, ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଯୋଗ ଦେଇଥିଲେ । ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ କିପରି ଶାନ୍ତିଶୃଙ୍ଖଳାର ସହ ବିନା କୌଣସି ବିଭ୍ରାଟରେ କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ମୋଟ ୧୦ଟି ନୋଡାଲ କେନ୍ଦ୍ର ଏବଂ ୧୫୧ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଯୁକ୍ତ ଦୁଇ ପରୀକ୍ଷା ପାଇଁ ଯାଜପୁର ଜିଲ୍ଲାରେ ମୋଟ ୭ଟି ପରୀକ୍ଷା ପରିଚାଳନା ହବ୍ ସହ ୫୬ଟି ପରୀକ୍ଷା କେନ୍ଦ୍ର ଏହି ସମସ୍ତ ପରୀକ୍ଷା କେନ୍ଦ୍ରଗୁଡିକୁ ଏକ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନିରୀକ୍ଷଣ କରାଯିବ । ପରୀକ୍ଷା ପରିଚାଳନା ହବଗୁଡିକରେ ସିସିଟିଭି ସ୍ଥାପନ କରାଯାଇଛି । ପ୍ରଶ୍ନପତ୍ର ଯେପରି ଲିକ୍ ନ ହୁଏ, ସେ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ପରୀକ୍ଷା କେନ୍ଦ୍ରଗୁଡିକରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ ନିୟୋଜିତ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷାର୍ଥୀ ଏବଂ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କର୍ମଚାରୀ କୌଣସି ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ମୋବାଇଲ ପରୀକ୍ଷା ହଲ୍ ଭିତରକୁ ନେଇପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏହି ଆଭାସୀ ବୈଠକରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସହ ବିଭିନ୍ନ କଲେଜ ଅଧକ୍ଷମାନେ ଉପସ୍ଥିତ ଥିଲେ ।

## ମଦ୍ୟପ ଡ୍ରାଇଭରଙ୍କ ଗାଡ଼ି ଧକ୍କାରେ ଯୁବକ ମୃତ

**ମଙ୍ଗଳପୁର, ୭।୨(ସମିସ):** ମଦ୍ୟପ ଡ୍ରାଇଭରଙ୍କ ଗାଡି ଧକ୍କାରେ ଚାଲିଗଲା ଏକ ନିରୀହ ଜୀବନ । କାର୍ ଚଢ଼େଇ ନେଇଗଲା ୨୫ବର୍ଷୀୟ ଯୁବକଙ୍କ ଜୀବନ । ବାଇକରେ ଫେରୁଥିଲେ ଦୁଇ ସାଙ୍ଗ । ପଛପଟୁ ସିଧା ଗାଡ଼ି ଚଢ଼େଇଦେଲା ମଦ୍ୟପ ଡ୍ରାଇଭର । ଏମିତି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ଭୁବନେଶ୍ୱର ଧଉଳି ଥାନା ଅଧୀନସ୍ଥ ବଡ଼ଧାନପୁର ଠାରେ । ସୂଚନା ଅନୁସାରେ ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ କସବା ଗ୍ରାମର ଚକ୍ରଧର ମହାରଣାଙ୍କ ଏକମାତ୍ର ପୁତ୍ର ଚନ୍ଦ୍ରକାନ୍ତ ମହାରଣା (୨୫) ବାଇକ୍‌ରେ ସେ ଓ ତାଙ୍କ ସାଙ୍ଗ (ଗଞ୍ଜାମ) ଗତ ୪ତାରିଖ ରାତିରେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ କାରଟି ସିଧା ପଛପଟୁ ବାଡେଇଦେଇଥିଲା । କିଛି ବୁଝିବା ଆଗରୁ ଚାଲିଗଲା ନିରୀହ ଚନ୍ଦ୍ରକାନ୍ତଙ୍କ ଜୀବନ ଓ ତାଙ୍କ ସାଙ୍ଗ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଧଉଳି ଥାନା ଅଧିକାରୀ ଖବର ପାଇ ଘଟଣା ସ୍ଥଳକୁ ଯାଇ ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ମେଡିକାଲ ପଠାଇଥିବା ବେଳେ ଡାକ୍ତର ଚନ୍ଦ୍ରକାନ୍ତଙ୍କୁ ମୃତ ଘୋଷଣା କରିଥିଲେ । ଚନ୍ଦ୍ରକାନ୍ତଙ୍କ ବିୟୋଗରେ ଶୋକର ଗ୍ରାମରେ ଛାୟା ଖେଳି ଯାଇଛି । ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ ।

## ଜାତୀୟ ରଗ୍‌ବି ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ଦଶରଥପୁର, ୭।୨(ସମିସ):** ଦିଲ୍ଲୀ ସ୍ଥିତ ତ୍ୟାଗରାଜ ସ୍ପୋର୍ଟସ କମ୍ପେ୍ଲକ୍ସ ଷ୍ଟାଡିୟମରେ ଜାତୀୟ ଉଚ୍ଚ ବିଦ୍ୟାଳୟ ରଗବି ଫୁଟବଲ ଚାମ୍ପିଅନସିପ ପାଇଁ ଓଡ଼ିଶା ଉଚ୍ଚ ବିଦ୍ୟାଳୟ ଶିକ୍ଷା ବିଭାଗ ଦଳରେ ଯାଜପୁର ଜିଲ୍ଲାର ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସାଇଶ୍ରୀ ସତ୍ୟବ୍ରତ ସାହୁ ଓ ଶୁଭ୍ରଜିତ୍ ମହାପାତ୍ର ସ୍ଥାନ ପାଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି । ତାଙ୍କର ଏହି ସଫଳତାରେ ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅଧକ୍ଷ ଡ.କାହ୍ନୁଚରଣ ମିଶ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀପ୍ରିୟା ପୃଷ୍ଟି, କୈଳାଶ ସେନାପତି, ସୁରେଶ କୁମାର ପାଢ଼ୀ, ମନୋରଞ୍ଜନ କର, ଅମ୍ରିତ୍ ତ୍ରିପାଠୀ, ଅମିତାଞ୍ଜଳି ନନ୍ଦ, ସ୍ନେହମୟୀ ତ୍ରିପାଠୀ, ବିଭୁଦତ୍ତ ପଣ୍ଡା, ସୁନୀତା ହୋତା, ଶର୍ମିଷ୍ଠା ଦାସ, ବନିତା ତରାଇ ପ୍ରମୁଖ ଯୋଗଦେଇ ଦୁଇ ଜଣ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିରଜା ପ୍ରାସାଦ ଦାସ, ଶରତ ସାହୁ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ୍ ଟୁଡୁ, ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଓ ତାଙ୍କ କୋଚ୍ ବିଶାଲ ଚୌଧୁରୀଙ୍କ ସମେତ ବହୁ କ୍ରୀଡାବିତ୍ ଶୁଭେଚ୍ଛା ଜଣାଇଛନ୍ତି ।

## ଚଷାଖଣ୍ଡ-ପାଲଟପୁର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର

# ଜିଲ୍ଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

**ମଙ୍ଗଳପୁର, ୭।୨(ସମିସ)**



ସରକାର ରାସ୍ତା ଘାଟର ଉନ୍ନତି କରଣ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେତେକ ସ୍ଥାନରେ ଦୁର୍ନୀତିଗ୍ରସ୍ତ ଠିକାଦାର ଓ ବେପରୁଆ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ସରକାରଙ୍କ ଯୋଜନା ଗୁଡିକର ସଫଳ ରୂପାୟନ ହୋଇପାରୁନଥିବା ଦେଖିବା ପାଇଁ ମିଳିଛି । ଏପରିକି କୋଟି କୋଟି ଟଙ୍କାରେ ନିର୍ମିତ୍ତ ପ୍ରକଳ୍ପ ଗୁଡିକ ଅଳ୍ପ ଦିନ ମଧ୍ୟରେ ନଷ୍ଟ ହୋଇଯାଉଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି । ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତସ୍ତ ଚଷାଖଣ୍ଡ -ପାଲଟପୁର ଭାୟା ମୁରାରୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କ୍ଷେତ୍ରରେ । ଦୀର୍ଘଦିନ ହେବ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣ ପାଇଁ ଅବଧି ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତା କାର୍ଯ୍ୟ ଶେଷ ହୋଇପାରିନାହିଁ । ପିଚୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଭାବେ କରାଯାଇ ଥିବାରୁ ଅଳ୍ପ ଦିନ ମଧ୍ୟରେ ଉକ୍ତ ସ୍ଥାନରୁ ପିଚୁ ଗୁଡିକ ଉଠିଯିବ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ଯେଉଁ ପିଚୁ କାର୍ଯ୍ୟ କରାଯାଉଛି ପିଚୁର ଫାଷ୍ଟ କୋଟ୍‌ରେ ଯେଉଁ ନିୟମ ଆଧାରରେ ପିଚୁ କାର୍ଯ୍ୟ କରାଯିବାର ନିୟମ ରହିଛି ସେହି ନିୟମକୁ ଉଲ୍ଲଙ୍ଘନ କରି ଠିକାଦାର ଜଣକ ବଡ଼ ଚିପ୍ସରେ ପିଚୁ କାର୍ଯ୍ୟ କରିଥିବା ବେଳେ ଜନସାଧାରଣ ତଥା ବିଭାଗୀୟ ଅଧିକାରୀ ମାନଙ୍କୁ ଠକିବା ପାଇଁ ସଙ୍ଗେ ସଙ୍ଗେ ଫାଷ୍ଟ କୋଟ ପିଚୁ ଉପରେ ସେକେଣ୍ଡ କୋଟ ପିଚୁ କାର୍ଯ୍ୟ କରାଯାଇ ଥିବା ନେଇ ଅଭିଯୋଗ ହୋଇଛି । ସେହିପରି ମୁରାରୀପୁର ଗାଁ ଭିତରେ ଯେଉଁ ଫେବର ଇଟାରେ ରାସ୍ତା କାର୍ଯ୍ୟ କରାଯାଇଛି ସେଥିମଧ୍ୟରୁ ଅଧିକାଂଶ ସ୍ଥାନରେ ରାସ୍ତା ଗୁଡିକ ଦବିଯିବା ସହ ଫେବର ଇଟା ଗୁଡିକ ବାହାରି ଯାଇଥିବା ଦେଖିବା ପାଇଁ ମିଳିଛି । ସେହିପରି ଫେବର ରାସ୍ତା ଦୁଇ ପାର୍ଶ୍ୱରେ କରାଯାଇ ଥିବା ଢଳେଇ ବିମ ଗୁଡିକ ମଧ୍ୟ ଅଧିକାଂଶ ସ୍ଥାନରେ ଭାଙ୍ଗି ଯିବା ସହ ରାସ୍ତାରେ ସମାନତା ନଥିବା ଦେଖିବା ପାଇଁ ମିଳିଛ । ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ଠିକାଦାରଙ୍କ ବିରୋଧରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ ଜନସାଧାରଣ ମାନଙ୍କ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦେଉନଥିବା ବେଳେ ଠିକାଦାରଙ୍କୁ ସୁରକ୍ଷା ଯୋଗେଇ ଦେଉଛନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଏଠାରେ ପ୍ରକାଶ ଥାଉକି ରାସ୍ତାର ଅଧିକାଂଶ ସ୍ଥାନରୁ ଫେବର ଇଟା ଗୁଡିକ ଉଠିଯିବା ସହ ରାସ୍ତା ଭାଙ୍ଗି ରାସ୍ତା ଉପରେ ଘାସ ଉଠିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ତଦନ୍ତରେ ଯାଉଥିବା ସମୟରେ ସେମାନଙ୍କ ଦୃଷ୍ଟିରେ ପଡୁନି କିପରି ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ଅଧିକାରୀ ମାନେ ମୋଟା ଅଙ୍କରେ ପିସି ନେଇ ଠିକାଦାରଙ୍କୁ ସୁରକ୍ଷା ଯୋଗାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଖୁବଶୀଘ୍ର ଯାଜପୁର ଜିଲ୍ଲାପାଳ ଉକ୍ତ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜିଲ୍ଲାପାଳଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି ।

ସୃଜନିକା

ସକାଳ
THE SAKALA
www.sakalaepaper.com

## ଦୁଇଟି ଡାଏରି ଗଳ୍ପ





ଡ. ସୁରେଶ ଛୋଟରାୟ

### ଅବସର -୧

ମାଘର ଜାଡ଼। ଡାହା ଫୁଙ୍ଗୁଳା ଦେହ। ଥୁରୁଥୁରୁ ଶୀତକୁ ବାଣୀଫଟା ଗୋଡ଼। ମୁଣ୍ଡରେ ଠେକା। ତା' ଉପରେ ଝୁଟିକଟା କଳେଇ ଦି'ବିଡ଼ା। ସା'ନ୍ତ ଛୋଟେଇ ଛୋଟେଇ ଖଳାବାଡ଼ିକୁ ପଶନ୍ତି। ଭୁସ୍‌ଭାସ୍ କଳେଇ ଖାଲି କରି ଠେକା ଭିଡ଼ା ଗାମୁଛାକୁ ଦେହରେ ବେଢ଼େଇ ଡଗଡ଼ଗ ହୋଇ ପୁଣି ଫେରନ୍ତି ଧାନଜମିକୁ। ଏମିତି କଳେଇବୁହା ଜାରି ରହେ। ରାତି ଦୁଇ, ତିନି ଘଡ଼ି ଅଥବା ସବୁ କଳେଇ ଶେଷ ହେବା ଯାଏ। କେବେ କେମିତି ସା'ନ୍ତବୋଉ ସା'ନ୍ତଙ୍କୁ ଆକଟ କରି କୁହେ - "ଥାଉ ହେ, କାଲି ଆଣିବ। ଦେଖୁନ, ମାଘର ଶୀତକୁ ବାହାରେ ହାଲପା ପବନ ବୋହୁଛି। ଗହୀର ମଝିରେ ଦେହ ଥରି ଯାଉଥିବ।"

ସେ କିନ୍ତୁ କାହା କଥା ଶୁଣନ୍ତି ନାହିଁ। ଆଜିର କାମ ଆଜି। ସା'ନ୍ତ ବୋଉ ଅଧିକ ଝିଁଘାସି ହେଲେ ସା'ନ୍ତ ଖୁବ୍ ଶାନ୍ତଭାବେ କହିବେ – ପୁଷ ମାସର ପରିଶ୍ରମ ସାରା ବରଷକ ଅମଳ। ନ' ହେଲେ ବର୍ଷ ତମାମ ଖାଇବା କ'ଣ?

ଦୀପକ ପିଲାଦିନୁ ତାଙ୍କୁ ଦେଖି ଆସୁଛି। ରାତିଦିନ ଖୁବ୍ ମେହନତ କରନ୍ତି ସା'ନ୍ତ ବାପା। ସେ କେବେ ଥକି ପଡ଼ନ୍ତି ନାହିଁ। ବିଶ୍ରାମ ନିଅନ୍ତି ନାହିଁ। ଲକ୍ଷ୍ୟ ତାଙ୍କର କାର୍ଯ୍ୟ ଶେଷ କରିବାକୁ ହେବ। ଅଥଚ ତାଙ୍କର ଏକମାତ୍ର ପୁଅ ସାଗର ଭାଇ ଗାଁ ସାରା ବୁଲି ତାସ ଖେଳିବା କିମ୍ବା ଚଢ଼େଇ ଧରିବା ଭଳି ଅନେକ ଫାଲ୍‌ତୁ ପିଲାଳିଆ କାମରେ ସାରା ଦିନର ସମୟ କାଟନ୍ତି। ତଥାପି ସା'ନ୍ତ ବାପା କିଛି କହନ୍ତି ନାହିଁ। ଏ ବର୍ଷ ଏକ୍‌ମାସ ଛୁଟିରେ ଘରକୁ ଆସି ସେଇ ପୁରୁଣା ଦୃଶ୍ୟ ଦେଖି ଦୀପକ ତାଜୁବ। ଘରେ ଭେଣ୍ଡା ପୁଅ ଥାଉଥାଉ ବୟସର ଅପରାହ୍ଣରେ ସେ ଖଟୁଥିବା ବେଳେ ଅଧା ପାଠୁଆ ପୁଅ ବାହାରେ ବୁଲି ଅୟସ କରୁଛି। କିଛି କହିଲେ, ସାଗର ଭାଇ ଅଜବ କଥା କହିବ - ପୋଷିବାକୁ ଯଦି ତାକତ ନାହିଁ, ଜନ୍ମ କରିବ କାହିଁକି। ତାଙ୍କୁ କିଏ କି ଉତ୍ତର ଦେବ? ସାଗର ଭାଇ ଏମିତି ଗୋଟାଏ ହୁଣ୍ଡାଗୁଣ୍ଡା ପ୍ରକୃତିର ଲୋକ।

ସା'ନ୍ତ ବାପା ଆଗ ଅପେକ୍ଷା ଏବେ ବୟସ ଭାରରେ ଖୁବ୍ ଦୁର୍ବଳ ଦେଖା ଯାଉଛନ୍ତି। ସେ ଆମ ପଡ଼ୋଶୀ। ସର୍ବଦା ଆମ ସୁଖ, ଦୁଃଖରେ ଥାଆନ୍ତି। ଭାରି ସ୍ନେହୀ ମଣିଷ। ଦୀପକ ଗାଁକୁ ଆସିଲେ, ସେ ବୋଉକୁ ତାଙ୍କ କଥା ଆଗେ ପଚାରେ। ଆଜି କାହିଁକି ଦେଖୁ ଦେଖୁ ତା' ମନରେ ପ୍ରଶ୍ନଟିଏ ଉଙ୍କି ମାରିଲା। ବାପାଙ୍କଠୁ ସେ ବୟସରେ ବଡ଼। ବାପା ଶିକ୍ଷକତାରୁ ଦଶ ବର୍ଷ ହେବ ଅବସର ନେଲେଣି। ଶ୍ୱାସ ଯୋଗୁ ସେ ଘରୁ ବାହାରକୁ ବିଶେଷ ବାହାରନ୍ତି ନାହିଁ। ବାପାଙ୍କଠାରୁ ସା'ନ୍ତ ବାପା ବୟସରେ ପ୍ରାୟ ଚାରି ବର୍ଷ ବଡ଼। ଅଥଚ ତାଙ୍କର ଏଯାଏ ଅବସର ଘୋଷଣା ହେଉ ନାହିଁ। ଦୀପକକୁ ଭାରି ଦୁଃଖ ଲାଗିଲା। ସେ ଦିନେ ପାଖକୁ ଆସି ପଚାରିଲା - ସା'ନ୍ତ ବାପା, ତୁମର କ'ଣ ଏମିତି ସବୁଦିନ ଖଟୁଥିବା କାମରୁ ଅବସର ନେବିନି? କେବେ ନେବ? ସା'ନ୍ତ ବାପା ଘଡ଼ିଏ ରହି ଆକାଶକୁ ଚାହିଁ କହିଲେ - "ପୁଅ ଯେବେ ରୋଜଗାରକ୍ଷମ ହୋଇଯାଏ, ବାପା ଅବସର ନେଇଥାଏ।" ଦୀପକ ବୁଝିଗଲା, ଥରେ ଚାହିଁଲା ସା'ନ୍ତଙ୍କ ଆଡ଼କୁ ଯେମିତି ଆଜି ସେ ଜଣେ ନୂଆ ଲୋକକୁ ଦେଖୁଛି। ସା'ନ୍ତଙ୍କୁ ନୁହେଁ। ■



### ଅବସର -୨

ଦୀପକ ସପ୍ତାହେ ହେବ ଭୁବନେଶ୍ୱର ଫେରି ଆସିଲାଣି ଅଥଚ ସା'ନ୍ତ କଥା ସେ ମନରୁ ଭୁଲି ପାରୁନି। ବୟସର ଅପରାହ୍ଣରେ କେତେ ଅସହାୟ ମଣିଷ! ପୁଅ କ'ଣ ସତରେ ବୁଝିପାରୁନି। ତାକୁ ଦିନେ ଏମିତି ସମୟ ଦେଇ ଆଗକୁ ଯିବାକୁ ହେବ। ସେ ସମୟ ଆସୁଛି। ଦୀପକ ମନଟା ଖୁବ୍ ଭାରାକ୍ରାନ୍ତ ଲାଗିଲା। ଦୀପକ ରହିଥିବା ଭଡ଼ାଘରର ମାଲିକ ଶୁଭକାନ୍ତ ବାବୁ ସରକାରୀ ଚାକିରି କରନ୍ତି ଏବଂ ଏକ ବିଦେଶୀ କମ୍ପାନୀରେ ତାଙ୍କ ସ୍ତ୍ରୀ। ଦୁଇଟି ପିଲା। ଗୋଟିଏ ସ୍କୁଲ ଗଲାଣି। ସାନଟି ଚାଲି ଶିଖିଲାଣି। ଆସନ୍ତାକୁ ପ୍ଲେ' ସ୍କୁଲ ଯିବ। ଛୋଟ ସଂସାର। କେବଳ ଛୁଟି ଦିନ ବ୍ୟତୀତ ଉଭୟଙ୍କ ଚାକିରି ସମୟ ଏମିତି ଦୀପକ ସହିତ ପ୍ରାୟ ଦେଖା ହୁଏନି। ଘରେ ପିଲାମାନଙ୍କ ଯତ୍ନ ନେବାକୁ ଶୁଭକାନ୍ତଙ୍କ ବୋଉ ଗାଁରୁ ଆସି ଅଛନ୍ତି। ଲୋଟଣି ପାରା ପରି ସେ ସାରା ଦିନ କାମରେ ଲାଗିଥାଆନ୍ତି। ତାଙ୍କୁ ପ୍ରାୟତଃ ବାହରକୁ ବାହାରିବା ଦେଖା ଯାଏନି। ଛୋଟ ପିଲାଙ୍କ ଜଞ୍ଜାଳ ସାଙ୍ଗକୁ ପୁଅ ବୋହୂଙ୍କ ପାଇଁ ରୋଷେଇ ଓଗେର ନିଜ ହାତରେ କରନ୍ତି। ତାଙ୍କୁ ଦେଖିଲେ ଦୀପକ ବୋଉକଥା ମନେ ପକାଏ। ବୋଉ ପରି ଶୁଭକାନ୍ତଙ୍କ ବୋଉଙ୍କ ବୟସ, ଅବସ୍ଥା ଏକାପରି। ଅଣ୍ଟା ସାମାନ୍ୟ ନଇଁ ଆସିଲାଣି। ମାତ୍ର ବିଶ୍ରାମ ନାହିଁ। ଦୀପକ ସେଇଥିପାଇଁ ଶ୍ରଦ୍ଧାକୁ ନିଜ ଚାକିରି ସ୍ଥାନକୁ ଆଣିପାରୁନି କାରଣ ବୋଉର ବୟସ ଭାର ଆଉ କାମକୁ ଆଗଭର ହେଉନି। ପୁଣି ବାପାଙ୍କ ଦାୟିତ୍ୱ।

ଦିନେ ଖରା ବେଳେ ଦୀପକର ଭାରି ଇଚ୍ଛା ହେଲା ମାଉସୀଙ୍କ ସହିତ ଦେଖା ହୋଇ ଦି'ପଦ କଥାହେବ। ଦେଖା କରିବାକୁ ଘର ଭିତରକୁ ଚାଲିଗଲା। ଦିନ ତିନିଟା ବାଜିଲାଣି। ମାଉସୀ ନିଜ ପାଇଁ ଗୋଟିଏ ଥାଳିରେ ଖାଇବା ଆଣି ଥୋଇଲା ବେଳକୁ ସାନ ଛୁଆଟା କାନ୍ଦଣା ଶୁଣି ତାକୁ କୋଳକୁ ନେଇ ସେଇଠି ବସିଛନ୍ତି। ଦୀପକ ଏ ଦୃଶ୍ୟ ଦେଖି ତାଜୁବ। ଆପେ ଆପେ ତା' ପାଟିରୁ ବାହାରି ଆସିଲା – "ମାଉସୀ ମୁଁ ଛୁଆକୁ ଧରୁଛି, ଆପଣ ଖାଇ ନିଅନ୍ତୁ। ଦିନ ଆସି କେତେ ହେଲାଣି ଦେଖନ୍ତୁ, ଅଥଚ ଆପଣ ଏ ଯାଏ ଖାଇନାହାଁନ୍ତି।"

ମାଉସୀ କହିଲେ - "ମୋର ଦେହ ଭଲ ନାହିଁ। ଖାଇବାକୁ ଇଚ୍ଛା ହେଉନି। ତା'ଛଡ଼ା କାମରୁ ଫୁରସତ କାହିଁ?"

ଦୀପକ କହିଲା – "ଆପଣ ମୋ' ବୋଉ ବୟସ ସହିତ ପ୍ରାୟ ସମାନ। ଆଉ ଆପଣ କେତେ ଦିନ କାମ କରିବେ। ଏଣିକି ଅବସର ନେବା ଦରକାର। ଆପଣ କଣ ଅବସର ନେବେନି?" ମାଉସୀ ଖୁବ୍ କଷ୍ଟରେ କହିଲେ - "ଅବସର ମଶାଣିକୁ ଯିବାପରେ ମିଳିବ ପୁଅ।"

ଦୀପକ କହିଲା – "ମୁଁ ଆଜି ଶୁଭକାନ୍ତ ବାବୁଙ୍କୁ କହିବି ଅନ୍ତତଃ ଘର କାମ ପାଇଁ ଲୋକଟିଏର ବ୍ୟବସ୍ଥା କରିବେ। ଆପଣ ଏ ବୟସରେ କାମ କରିବା ସମ୍ଭବ ନୁହେଁ।"

ମାଉସୀ ପଣତ କାନିରେ ଝାଳୁଆ ମୁହଁଟା ପୋଛି କହିଲେ – "ମୋ ଶୁଭ ମନା କରିବନି। କିନ୍ତୁ...?" ■

ଚିତ୍ରକଳ୍ପ
ନବୀନାବାଗ, ଖୋର୍ଦ୍ଧା ୭୫୨୦୫୫
ମୋ: ୯୪୩୭୦୩୩୩୫୨

## କୃତ୍ରିମ ବୁଦ୍ଧିମତ୍ତାର ସ୍ରୋତରେ!



ସତ୍ୟନାରାୟଣ ଗନ୍ତାୟତ

ପ୍ରାକୃତିକ
ଆଉ କେବେ ହୋଇ ପାରିଛି ଯେ?
କର୍ମ ଆଦରି ତ'
ସହି ଆସୁଛି ଯାବତ ଦୁଃଖ
କେବେ ହେଁ ନ ହୋଇ ବିମୁଖ
ବରଂ ମିଛ ହସ
ମୁହଁରେ ମୋ' ମାଖି ଦେଇ
ଦିଶିଛି ହସକୁରା ବାହାରକୁ
ଅଲାଜୁକ ପଣ ମୋର ନେଇ!

ହଁ
ମୋ ବୁଦ୍ଧି ଓ ବିବେକ
ସଙ୍ଖାଳି ହୋଇଥିଲେ ସିନା
କେବେ ଅତୀତରେ
ହେଲେ ସମୟ ଅସମୟ ହୋଇ
ଛଳ ବଳ କଉଶଳ ତା' ଲଗାଇ
ସବୁ କିଛି
ଛଡ଼ାଇ ନେବା ଆଗୁ ମୋଠୁ
ନିଜେଇ ରୁନ୍ଧି ଦେଲି ବୁଦ୍ଧିକୁ
ବେକ ମୋଡ଼ି
ଫୋପାଡ଼ି ଦେଇଚି ବିବେକକୁ ମୋ!

ଏବେ ଗୋଟାପଣେ କୃତ୍ରିମ ମୁଁ
ମୋ ଭିତର ମୋ' ବାହାର
କାୟ ମନ ବାକ୍ୟ
ସବୁ କିଛି ଯଦିଓ ମୋର
ମୁଁ କିନ୍ତୁ ଆଉ ରହିନି
ହୋଇ ଏକା ମୋ ନିଜର!

ତେଣୁ ତ'
ଏଣିକି ସମଝୋତା କରି ନେଲି
ଅର୍ଖ ନୂଆ ପଣ ନାଁରେ
କୃତ୍ରିମତା ମେଞ୍ଚେ ମାଖି
ମୋତେ ଦେଖାଇ ହେଉଥିବା
ସେଇ ସମୟ ସାଥିରେ
ଆପଣାଇ ନେଇଚି
ନିଜକୁ ସମର୍ପି ଦେଇ ତା ହାତରେ
ନିହାତି ପ୍ରାକୃତିକ ଭାବରେ!

ଏଣିକି ସବୁ କିଛି ମୋ
କୃତ୍ରିମ କୃତ୍ରିମ
ସଜାଡୁଚି ନିଜକୁ ଭାସିବାକୁ
ସମୟ ଭିଆଇ ଚାଲିଥିବା
କୃତ୍ରିମ ବୁଦ୍ଧିମତ୍ତାର ଏଇ
ବେଳୁ ବେଳ ପ୍ରଖର ସ୍ରୋତରେ!! ■

'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା- ୭୬୫୦୦୧
ମୋ: ୯୪୩୭ ୯୦୯୭୭୫





କେ. ଶ୍ୟାମବାବୁ ଦୋରା

## ଜଣାଣ

ସେ ଶଙ୍ଖକ୍ଷେତ୍ରକୁ
ଶଙ୍ଖକ୍ଷେତ୍ର ବୋଲି ଲେଖି ପାରିଲା ନାହିଁ

ଶଙ୍ଖ ଜାଗାରେ ସେ ଦେଖିଲା
ଶବ, ଶାମୁକା, ବାଲି, କଙ୍କଡ଼ା, କାଦୁଅ, କାଗଜ
ଇତ୍ୟାଦି।

ସେ ହତୋତ୍ସାହିତ ହେଲା
ସେ ତା' ଅକ୍ଷରମାନଙ୍କୁ ପରୀକ୍ଷା କରିବା ପାଇଁ ଚାହିଁଲା
ଗୋଟେ ଅକ୍ଷରକୁ ଓଲଟାଇ ଦେଇ ଦେଖିଲା ତା' ପଛର କୁତ୍ସିତ ବିପଣନକୁ
କାହାକୁ ସିଧା କଲା ତ କାହାକୁ ତେଢ଼ା
ସେ ସେମାନଙ୍କର ଧୈର୍ଯ୍ୟକୁ ମାପିଲା
ନମନୀୟତାକୁ ପରଖିବାକୁ ଯାଇ
ଗୋଟ ଅକ୍ଷରକୁ ଟାଣି ଧରିଲା ରବର ପରି
କାହାକୁ ଚକ୍ରୀ ପରି ଗୋଲ୍ ଗୋଲ୍ ଘୁରେଇଲା
ସ୍ଥିରତାକୁ ବୁଝିବାର ଆଶାରେ
ତା' ଅକ୍ଷରମାନେ ତାକୁ ମନେ ହେଲେ
ଅମାନିଆ, ଉଦ୍-ଭ୍ରାନ୍ତ, ଅଶ୍ଳୀଳ।

ସିଂହାସନ ତା'ର ପ୍ରିୟ ନଥିଲା
ତଥାପି ସିଂହଦ୍ୱାର ଦେଇ ସେ ପ୍ରବେଶ କଲା ଭିତରକୁ
ଓ ବିଗ୍ରହମାନଙ୍କ ଆଖି ଦେଇ ତା' ନିଜକୁ ଦେଖିଲା
ତା' ଜାଗାରେ କିଏ ଥିଲା କେଜାଣି
ସେ ବିସ୍ମିତ ଓ ବିହ୍ୱଳ ହେଲା
ଓ ଡାକ ପକାଇଲା – ମହାବାହୁ...!

ଏ ପଦକ ଉଚ୍ଚାରଣ ମାତ୍ରକେ ସେ ଊର୍ଦ୍ଧ୍ୱମୁଖୀ ହେଲା
ତା' ମୁଣ୍ଡ ଉପରେ ଥିଲା ମାଟି
ତଳେ ଆକାଶ।

'ଗୋଟେ ବୋଲି ଖପୁରି
ବାକି ସବୁ କୁଆ' ବୋଲି ଲେଖିଥିବା କବିଙ୍କୁ ସେ
ଉପହାର ଦେଲା ନିଜର ଆଖି
ଓ କହିଲା - ମହାଭାଗ,
କୁଆମାନେ ସୁଖରେ ଅଛନ୍ତି ଯଦି ଥାଆନ୍ତୁ
ହେଲେ ପାରାମାନେ ଘୁମୁରୁ ଥାଆନ୍ତୁ ମନ୍ଦିର ଉପରେ
ସୁଉଚ୍ଚରେ
ଚିରକାଳ।

ତା' ଅକ୍ଷରମାନେ ସଂଜତ ଓ ସଂଭ୍ରମ ହେଲାବେଳକୁ
ତା'ର ଜଣାଣଟିଏ ଲେଖିବାକୁ ଇଚ୍ଛା ହେଲା
ତେବେ ଏତେବେଳକୁ ତାକୁ ଲାଗିଲା ଯେ'
ସିଏ ନିଜେ ହିଁ ଗୋଟେ ଜଣାଣ
ଶବ୍ଦ, ଭାବ, ଧ୍ୱନି, ସୁର, ତାଳ, ଲୟ, ଛନ୍ଦ...


କିଏ ଜଣେ ତାକୁ ଗାଇଲା
ଗାଉ ଗାଉ ସେ ଆରଜଣକ
ଏକା ସାଙ୍ଗରେ ନିଃଶେଷ
ଓ ଥିବାପଣରେ ଉଚ୍ଛୁଳି ଉଠିଲା
ମୁହାଣ ପରି! ■

ଶୋଭା କିଡସ୍ ଆଣ୍ଡ କସ୍‌ମେଟିକ୍ସ
ଜନାନା ହସପିଟାଲ ରୋଡ
ବ୍ରହ୍ମପୁର - ୭୬୦୦୦୧
ମୋ : ୭୦୦୮ ୯୨୩୨୯୬

## ପୁସ୍ତକ ପରିଚୟ

### ଜହ୍ନରାତିର ପଚାଶ କବିତା

ରବିପ୍ରିୟ ଦାଶ





ନରଗଡ଼, ଜିଲ୍ଲା: ଖୋର୍ଦ୍ଧା
ପିନ୍: ୭୫୨୦୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ମଣିଷ ହୃଦୟର ସ୍ୱତଃସ୍ଫୂର୍ତ୍ତ ଆବେଗ କବିତାର ରୂପ ନିଏ। ହୃଦୟର ଅମାପ ଭାବାବେଗ ପ୍ରସ୍ଫୁଟିତ ହୋଇଛି ରବିପ୍ରିୟ ଦାଶଙ୍କ 'ଜହ୍ନରାତିର ପଚାଶ କବିତା' ପୁସ୍ତକରେ। ଏହି ପୁସ୍ତକର 'ମିଳିଲାନି ସ୍ୱପ୍ନପୁରୀ, 'ଦେଖିଲିନି ବ୍ରାହ୍ମଣ୍ଡ ସୁନ୍ଦରୀ', 'ଚିତ୍ରଲେଖାର ସ୍ୱପ୍ନ', 'ଏଇମିତି ପ୍ରତିଶ୍ରୁତି', 'ତିନ୍ତିବାକୁ ବାକିଅଛି ଆଖିପତା', 'ବିଶ୍ୱାସର ଫଟୋଚିତ୍ର', 'ସଞ୍ଚିତ ଲୁହ', 'ଦ୍ୱିତୀୟ ସ୍ୱର୍ଗ', 'ଯନ୍ତ୍ରଣା ବି ହଜିଯାଏ ପ୍ରେମର ବନ୍ୟାରେ' କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେହିପରି 'ଭାରାକ୍ରାନ୍ତ ଜହ୍ନରାତି'ରେ ଜହ୍ନରାତିକୁ ନେଇ ୫୦ଟି ମନଛୁଆଁ କବିତାରେ ରହିଛି। ଜହ୍ନ କାହା ପାଇଁ ମାମୁଁ, କାହା ପାଇଁ ପ୍ରେମିକା। ଜହ୍ନ କେତେବେଳେ ମନରେ ଆଶା ଓ ସ୍ୱପ୍ନର ମଞ୍ଜି ବୁଣି ଦିଏ, ପୁଣି କେବେକେବେ ଯୌବନ ଛାତିର ନିଃସଙ୍ଗ ସ୍ପନ୍ଦନ ପାଲଟି ଯାଏ। ଏହି ପୁସ୍ତକର ଅନେକ କବିତାରେ ମଣିଷର ଅନାବିଳ ପ୍ରେମ, ମାନବୀୟ ସମ୍ବନ୍ଧ, ପ୍ରକୃତି ପ୍ରୀତି ଅତି ରମଣୀୟ ଭାବେ ଫୁଟି ଉଠିଛି। 'ଜହ୍ନରାତିର ପଚାଶ କବିତା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ମୂର୍ଚ୍ଛିତ ମୋକ୍ଷ

ବଦ୍ରି ମିଶ୍ର




ଜଗନ୍ନାଥ ରଥ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୨୫ ଟଙ୍କା

ଈଶ୍ୱରୀୟ ସତ୍ତାକୁ ଅନୁଭବ କରିବା ଏକ ମହନୀୟ ଉପଲବ୍ଧି। ମୋକ୍ଷ କେହି କେବେ ଦେଖି ନାହାନ୍ତି। ସମାଜର ଅନେକ ନକାରାତ୍ମକ ଚରିତ୍ର ଭିତରେ ମଧ୍ୟ ଥାଏ ମହନୀୟ ଭାବ। ସେଇ ଚରିତ୍ରମାନଙ୍କ ଆବେଗ, ପ୍ରେମ, ତ୍ୟାଗ, ସମର୍ପଣ ବେଳେବେଳେ ଆଶ୍ଚର୍ଯ୍ୟ ଚକିତ ଓ ଭାବବିହ୍ୱଳ କରେ। ସେଇଭଳି କିଛି ଚରିତ୍ରଙ୍କ ମହନୀୟତା ଅତି ଚମତ୍କାର ଭାବେ ପ୍ରକାଶ ପାଇଛି ଗାଳ୍ପିକ ବଦ୍ରି ମିଶ୍ରଙ୍କ 'ମୂର୍ଚ୍ଛିତ ମୋକ୍ଷ' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ ପ୍ରତିଟି ଗପ ଭିତରେ ରହିଛି ମଣିଷକୁ ଭଲ ପାଇବାର ପ୍ରବଣତା, ସାଧାରଣ ମଣିଷ ଭିତରେ ଥିବା ଅସାଧାରଣ ଚେତନା। ରହସ୍ୟମୟ ଜୀବନର ଅନେକ ଜଟିଳ କଥା କାହାଣୀ ମାଧ୍ୟମରେ ବେଶ୍ ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି ଗଳ୍ପଗୁଡ଼ିକରେ। 'ଭିନ୍ନ ଏକ ଇନ୍ଦ୍ରଦ୍ୟୁମ୍ନ', 'ବେପଥୁ ବୈରାଗ୍ୟ', 'ଅର୍ଚ୍ଚନାର ମହାମନ୍ତ୍ର', 'ଅବ୍ୟର୍ଥ ଅନ୍ଧାର', 'ବିସ୍ତାରିତ ବିସର୍ଗ', 'ମୂର୍ଚ୍ଛିତ ମୋକ୍ଷ', 'ଅବିଲୁପ୍ତ ଅତୀତ', 'ବିଭୋର ବର୍ଣ୍ଣମାଳା' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ପ୍ରତିଟି ଗପର ଆଙ୍ଗିକ ଓ ଆତ୍ମିକ ଭାବ ଚମତ୍କାର ହୋଇଛି। ନକାରାତ୍ମକ ମଣିଷ ଭିତରେ ମଧ୍ୟ ଗାଳ୍ପିକ ଖୋଜିଛନ୍ତି କିଛି ସକାରାତ୍ମକ ଚିନ୍ତାଧାରା। ଗପଗୁଡ଼ିକର ନିଆରା କାହାଣୀ, ଚମତ୍କାର ଚରିତ୍ର ଚିତ୍ରଣ, ସରଳ ଓ ବୋଧଗମ୍ୟ ଭାଷା ପାଠକମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ। ■

## ସଂସ୍କାର ଆନ୍ଦୋଳନ ଓ ବିପ୍ଳବିନୀ କୁନ୍ତଳା



ଡ. ପ୍ରଫୁଲ୍ଲ କୁମାର ସାହୁ

ଅମୃତ ଅନ୍ୱେଷାର କବି କୁନ୍ତଳା କୁମାରୀ ସାବତ। ବିଭୁପ୍ରାଣତାର ଏକ ହିରଣ୍ମୟ ଅଙ୍ଗୀକାର। ଜୀବନ ବଞ୍ଚିବାର ଅବଧି (୧୯୦୦-୧୯୩୮) ଅଳ୍ପ ହେଲେ ବି ତାଙ୍କ ସର୍ଜନଶୀଳ ପ୍ରତିଭାର ପ୍ରଚଣ୍ଡ ଘୂର୍ଣ୍ଣି ଆଗରେ ହାରମାନିଛି ମୃତ୍ୟୁ। "ମରିବାକୁ ଜନ୍ମି ନାହିଁ ଭବତରୁ ଡାଳରେ, ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ" - ତାଙ୍କର ଏହି ଦର୍ଶନ ଆଗରେ ବିବଶ ହୋଇଛି କାଳ। ସମୟର କଷଟି ପଥରରେ ଶୁଦ୍ଧ ସୁବର୍ଣ୍ଣଗାର ପରି ଅଲିଭା ହୋଇରହିଛି ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ବ୍ୟକ୍ତିତ୍ୱର ଔଜ୍ଜଲ୍ୟ ଓ ପ୍ରତିଭାର ଦ୍ୟୁତି। ପୈତୃକ ଘର ଥିଲା ଖୋର୍ଦ୍ଧା। ବିଚ୍ଛିନ୍ନାଞ୍ଚଳ ବସ୍ତର ଜିଲ୍ଲା ଅନ୍ତର୍ଗତ ଜଗଦଲପୁରରେ ଜନ୍ମ। ବାଲ୍ୟ ଓ କୈଶୋର କଟିଲା ସୁଦୂର ବର୍ମାରେ। ୧୪ ବର୍ଷ ଯାଏ ପଢ଼ିଲେ ଓ ବଢ଼ିଲେ ସମ୍ପୂର୍ଣ୍ଣ ଅଣଓଡ଼ିଆ ପରିବେଶରେ। ମାତ୍ର ସବୁ ପ୍ରତିକୂଳତା ସତ୍ତ୍ୱେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଅତୁଟ ରହିଲା ତାଙ୍କ ଗଭୀର ଭଲପାଇବା।

ନିଜ ମାଟିର ବାସ୍ନା ଓ ନିଃଶ୍ୱାସକୁ ନୈବେଦ୍ୟ କରି ସେ ଗଢ଼ିଛନ୍ତି କବିତାର କୋଠଘର। ଐଶ୍ୱୀ ଚେତନା, ପ୍ରକୃତି ପ୍ରେମ ଓ ସ୍ୱଦେଶ ପ୍ରୀତି-ଏହି ସମନ୍ୱିତ ଭାବଧାରାକୁ ନେଇ ତାଙ୍କ ଯାତ୍ରା 'ଅଞ୍ଜଳି'ରୁ ଆରମ୍ଭ ହୋଇ ଲମ୍ବିଛି 'ଓଡ଼ିଆଙ୍କ କାନ୍ଦଣା' ପର୍ଯ୍ୟନ୍ତ। ଜୀବନ ଓ ଜଗତ ପ୍ରତି ଅକୁଣ୍ଠ ସ୍ନେହ, ଶ୍ରଦ୍ଧା ଓ ମମତ୍ୱବୋଧ ନେଇ ସେ ଖୋଜିଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ରହସ୍ୟ। 'ଅଞ୍ଜଳି' (୧୯୨୨) କେବଳ ଅନ୍ତହୀନ ଅନ୍ୱେଷାର କାବ୍ୟିକ ଉଦ୍‌ଭାସ ନୁହେଁ, ଏହା ଈଶ୍ୱରଙ୍କ ଚରଣ ତଳେ ତାଙ୍କ ଶ୍ରଦ୍ଧା, ପ୍ରେମ ଓ ଭକ୍ତିର ଏକ ଅଞ୍ଜଳି ଭରା ନିବେଦନ।

'ଉଚ୍ଛ୍ୱାସ' (୧୯୨୪)ରେ ତରଙ୍ଗାୟିତ ହୋଇଛି ପ୍ରକୃତି ପ୍ରେମ ଓ ମାନବୀୟ ଭାବ ସମ୍ବେଦନାର ଉଚ୍ଛ୍ୱାସ। ଏହା କବିଙ୍କ ଅତୀନ୍ଦ୍ରିୟ ଚେତନାର ଏକ ନନ୍ଦନ ସର୍ଜନା। ଅସହଯୋଗ ଆନ୍ଦୋଳନ ପୃଷ୍ଠଭୂମିରେ ସେ ଲେଖିଛନ୍ତି ଆହ୍ୱାନ' (୧୯୩୦), ଯାହାର ସ୍ୱର ଏତେ ଅଗ୍ନିମୟ ଥିଲା ଯେ ପ୍ରକାଶ ପାଇବା ମାତ୍ରେ ତାକୁ ବାଜ୍ୟାପ୍ତି କଲେ ଇଂରେଜ ସରକାର। 'ସ୍ଫୁଲିଙ୍ଗ' ତାଙ୍କ ଜାତୀୟବାଦୀ ଚେତନାର ଅନ୍ୟ ଏକ ଇସ୍ତାହାର ଏବଂ ତା'ର ଆବେଦନ ଆହ୍ୱାନଠାରୁ ଆହୁରି ଅନ୍ତର୍ଭେଦୀ।

ଜୀବନର ବିବିଧ ବର୍ଣ୍ଣାଳୀକୁ ଭାବ, ଆବେଗ ଓ ଶବ୍ଦର ଷୋଡ଼ଶ ଶୃଙ୍ଗାର ଭିତରେ ତୋଳି ଧରିବାର ନାନ୍ଦନିକ ପ୍ରୟାସରୁ ଜନ୍ମ ନେଇଛି (୧୯୩୬) କବିତା ଗୁଚ୍ଛ 'ଓଡ଼ିଆଙ୍କ କାନ୍ଦଣା'। ଗୀତିକବିତା ସମାହାର 'ପ୍ରେମ ଚିନ୍ତାମଣି' (୧୯୩୦)ରେ ପ୍ରେମର ଶୁଦ୍ଧ ସମର୍ପଣ ଭାବ ନେଇ କବି ଊର୍ଦ୍ଧ୍ୱଗ ସ୍ତରକୁ ଯାଇଛନ୍ତି ଏବଂ ଅନୁଭବିଛନ୍ତି ବିଭୁପ୍ରେମର ଅନିର୍ବଚନୀୟ ପୁଲକ। କୁନ୍ତଳା କୁମାରୀଙ୍କ କାବ୍ୟ ଚେତନା ହେଉଛି ଭକ୍ତିଯୋଗ ଓ କର୍ମଯୋଗର ଏକ ଅପୂର୍ବ ରସାୟନ। ତାଙ୍କ ଦୃଷ୍ଟିରେ ଶେଫାଳି କ୍ଷୁଦ୍ର ଓ ସ୍ୱଳ୍ପାୟୁ ହେଲେ ବି ତା'ର ଆତ୍ମାଫୁଲ ଅମଳିନ। ଏଥିରେ ସେ ଅନୁଭବ କରିଛନ୍ତି ଅତୀନ୍ଦ୍ରିୟ ଚେତନାର ନୈସର୍ଗିକ ଶୋଭା। ଅଜ୍ଞାତ ପ୍ରିୟସତ୍ତାର ସ୍ପର୍ଶ ପୁଲକରେ ଥରି ଉଠିଛି କବିଙ୍କ ହୃଦୟତନ୍ତ୍ରୀ।

ଜାଗି ଉଠିଛି ଅମୃତ ଅଭୀପ୍ସା। ନୟନରୁ ଝରିପଡ଼ିଛି ଟୋପାଟୋପା ଆନନ୍ଦାଶ୍ରୁ। ଜାଗତିକ ଚେତନାର ଊର୍ଦ୍ଧ୍ୱକୁ ଉଠି କ୍ଷୁଦ୍ର ଜୀବନରେ ଅମରତ୍ୱର ରହସ୍ୟ ଖୋଜିଛନ୍ତି ଏବଂ ସେହି ଅମୃତ ଆକାଂକ୍ଷାକୁ ବାଙ୍ମୟ ରୂପ ଦେବାକୁ ଯାଇ ଗାଇଛନ୍ତି "ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି, ତେଣୁ ଆଶାବହି ଦିନ କାଟେ ଆରେ ଗଙ୍ଗଶିଉଳି।"

କେବଳ କବି ଭାବରେ ନୁହଁନ୍ତି, ଉପନ୍ୟାସ ସୃଷ୍ଟିରେ ମଧ୍ୟ ତାଙ୍କର ସିଦ୍ଧି ଈର୍ଷଣୀୟ। କୁସଂସ୍କାର ଓ ଅନ୍ଧବିଶ୍ୱାସ ଭିତରେ ବୁଡ଼ି ରହିଥିବା ଗୋଟିଏ ଜାତିକୁ ବାଟ କଢ଼େଇ ନେବା ପାଇଁ ବ୍ୟାସକବି ଫକୀର ଯେଉଁ ପ୍ରୟାସ ଆରମ୍ଭ କରିଥିଲେ, ତା'ର ସମ୍ଭାବନାପୂର୍ଣ୍ଣ ସ୍ୱପ୍ନମୟତାକୁ ଶବ୍ଦରେ ସାକାର କରିବା ପାଇଁ କବି କୁନ୍ତଳା କୁମାରୀ ଗଢ଼ି ଦେଇଛନ୍ତି ଏକ ଭିନ୍ନ ଉଚ୍ଚତାର କଥା କୋଣାର୍କ। ପ୍ରଚଳିତ ସମାଜ ବ୍ୟବସ୍ଥାରେ ସୁସ୍ଥ ଜୀବନ ଚିତ୍ର ଖୋଜିବାକୁ ଯାଇ ଦେଖିଛନ୍ତି ନାରୀ ପୁରୁଷ ମଧ୍ୟରେ ଏକ ଭାରସାମ୍ୟହୀନ ବ୍ୟବଧାନ। ତା'ର ପ୍ରତିବାଦରେ ମୁଖର ହୋଇ ଉଠିଛି ଲେଖନୀ। ବୈପ୍ଳବିକ ଦୃଷ୍ଟିଭଙ୍ଗୀ ନେଇ ବିନ୍ୟସ୍ତ କରିଛନ୍ତି ନାରୀ ଅସ୍ମିତା ଭିନ୍ନ ଭିନ୍ନ ଦିଗ। ତାଙ୍କ ଦୃଷ୍ଟିରେ ନାରୀ ଦିବ୍ୟ ଶକ୍ତିର ଅଧିକାରିଣୀ, ଯିଏ ଛୁଇଁଦେଲେ ପଥର ବି ପାଲଟିଯାଏ ମଣି। ଅଥଚ ଆମ ସୁଦୀର୍ଘ ସାଂସ୍କୃତିକ ପରମ୍ପରାରେ ନାରୀ କେବେ ସମତୁଲ ଜୀବନ ବଞ୍ଚି ନାହିଁ ବରଂ ବଞ୍ଚିଛି ନିହାତି ଏକ ଅବହେଳିତ ଜୀବନ। ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥାରେ ସେ ଯୁଗଯୁଗ ଧରି ସହିଛନ୍ତି ଅପବାଦ, ଲାଞ୍ଛନା ଓ ନିର୍ଯାତନା। ତାଙ୍କ ଭ୍ରାନ୍ତି, ନଅତୁଣ୍ଡୀ, କାଳୀବୋହୂ, ପରଶମଣି, ରଘୁଅରକ୍ଷିତ ଆଦି ଉପନ୍ୟାସରେ ରହିଛି ତା'ର ଅବିକଳ ଚିତ୍ର। ଏଥିରେ ବାଲ୍ୟବିବାହ, ବିଧବା ବିବାହ, ଅସ୍ପୃଶ୍ୟତା ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି ଏବଂ ନାରୀକୁ ତା'ର ଅଧିକାର ଓ ମର୍ଯ୍ୟାଦା ଫେରେଇ ଦେବା ପାଇଁ ସଚେତନ ଭାବରେ ଆୟୋଜନ କରିଛନ୍ତି ଏକ ସଂସ୍କାରଧର୍ମୀ ଚିତ୍ରଶାଳା।

ପ୍ରଚଣ୍ଡ କର୍ମ ପ୍ରେରଣାରେ ସେ ଥିଲେ ଏକ ସ୍ଫୁଲିଙ୍ଗମୟୀ ଆଗ୍ନେୟ ଆଭା। ଜଣେ ବିପ୍ଳବିଣୀ। କାଳୀବୋହୂ (ଲକ୍ଷ୍ମୀ) ଭଳି ବେଦନା ଜର୍ଜରିତ ବାଲ୍ୟ ବିଧବାଙ୍କ ଉଦ୍ଦେଶ୍ୟରେ ସେ ଯେଭଳି ସଂସ୍କାରସ୍ନାତ ମୁକ୍ତି ଚେତନାର ଫଳକ ତୋଳି ଧରିଛନ୍ତି, ସେଭଳି ସାହସିକ ପଦକ୍ଷେପ ଦେଖିବାକୁ ମିଳେନି ସମସାମୟିକ ଅନ୍ୟ କୌଣସି ସାହିତ୍ୟ ସ୍ରଷ୍ଟାଙ୍କ ଲେଖାରେ। 'କନକଲତା' ଉପନ୍ୟାସରେ ନନ୍ଦକିଶୋର ବଳ ସମାଜର ପ୍ରଥାବଦ୍ଧତା ବିରୋଧରେ ଲଢ଼ିବା ପାଇଁ ବିଧବା ଉମା ମନରେ ସାହସ ଭରିଦେଇ ପାରିନାହାନ୍ତି, ବରଂ ତାକୁ ମାରିଦେଇଛନ୍ତି ବିସୂଚିକାରେ। ସମାଜ ଭୟରେ ଧୋବୀକୁ ସନେଇ (ଶାନ୍ତି) ସହିତ ବିବାହ ଦେବାକୁ ସାହସ ବାନ୍ଧି ପାରିନାହାନ୍ତି କାହ୍ନୁଚରଣ ମହାନ୍ତି। ସଂସ୍କାରକ ଗୋଦାବରୀଶ ମହାପାତ୍ରଙ୍କ ଉମା ଓ ଗଉରୀ (ବିଦ୍ରୋହିଣୀ) ମଧ୍ୟ ଅଟକି ଯାଇଛନ୍ତି ବିପ୍ଳବର ସ୍ଲୋଗାନ ପାଖରେ। ଏମାନେ ସମସ୍ତେ ବାଲ୍ୟବିଧବା ପ୍ରତି କେବଳ ସମବେଦନା ଶୁଣେଇନ୍ତି, କିନ୍ତୁ କେହି ଦେଖେଇ ନାହାଁନ୍ତି ସାମାଜିକ କୁସଂସ୍କାର ଭିତରୁ ମୁକୁଳି ଆସିବାର ରାସ୍ତା। ଏହି ପରିପ୍ରେକ୍ଷୀରେ ବିପ୍ଳବ ଆଣିଛନ୍ତି କବି କୁନ୍ତଳା କୁମାରୀ। ଦଶବର୍ଷ ବୟସରେ ବିଧବା ହୋଇଥିବା 'କାଳୀବୋହୂ'କୁ ସେ ଆତ୍ମହତ୍ୟାର ରାସ୍ତା ଦେଖେଇ ନାହାଁନ୍ତି କି ଓଷା, ବ୍ରତ ହବିଷ ଓ ଏକାଦଶୀ ଭିତରେ ଜଳିବାକୁ ଦେଇ ନାହାଁନ୍ତି ସାରା ଜୀବନ। ସମାଜର ସବୁ ଅଡ଼ା ଆକଟକୁ ଅତିକ୍ରମ କରି ଲକ୍ଷ୍ମୀ ପାଠ ପଢ଼ିଛି ଓ ଜଣେ ପ୍ରଗତିଶୀଳ ଯୁବକକୁ ବିବାହ କରି ବାଲ୍ୟବିଧବାଙ୍କ ପାଇଁ ସୃଷ୍ଟି କରିଛି ନୂଆ ପରିଚୟ। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ମହତାବ ଛକ, ଭଦ୍ରକ
ମୋ: ୬୩୭୧୬୪୨୪୬୪

## କେନ୍ଦ୍ରୀୟ ବଜେଟ୍ - ୨୦୨୬-୨୭କୁ ନେଇ ସାମ୍ବାଦିକ ସମ୍ମିଳନୀ

# ବଜେଟ୍ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୭।୨(ସମିସ): ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ଅଟେ। ଏହି ବଜେଟ୍, ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ

**'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ବଜେଟ୍, ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବ**

ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ ବୋଲି ମତବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ ଯୋଗଦେଇ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭କୁ 'ବିକଶିତ ଭାରତ' ଗଠନର ଏକ ବଳିଷ୍ଠ ଆଧାର ବୋଲି ଅଭିହିତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ଏହି ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬.୮ ପ୍ରତିଶତରୁ ୭.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି




ମୋଦୀ ସରକାରରେ ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢିଛି। ମୁଦ୍ରା ସ୍ଥିତି ନିୟନ୍ତ୍ରଣ ହୋଇଛି ବୋଲଲି ସେ କହିଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଥିଲେ ଯେ ଚଳିତ ବଜେଟରେ ଆଗାମୀ ୫ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଏବଂ ୪୦,୦୦୦ କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ କରାଯାଇଛି। ଶ୍ରମ-ଭିତ୍ତିକ ବୟନ ଶିଳ୍ପ ଏବଂ ଖଦି-ହସ୍ତଶିଳ୍ପର ବିକାଶ ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଅଭିଯାନ ଘୋଷଣା କରାଯାଇଛି। ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ ଗଠନ କରାଯାଇଛି। ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' (ଶିକ୍ଷାରୁ ନିଯୁକ୍ତି ଓ ଉଦ୍ୟୋଗ) ମାନକ କମିଟି ଗଠନର ପ୍ରସ୍ତାବ ଦିଆଯାଇଛି। ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଓ ୫୦୦ କଲେଜରେ 'ଏଭିଜିସି' (ଆନିମେସନ୍, ଗେମିଂ) ଲ୍ୟାବ୍ ପ୍ରତିଷ୍ଠା ହେବ। ଛାତ୍ରୀମାନଙ୍କୁ ଷ୍ଟେମ ଶିକ୍ଷାରେ ସହାୟତା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ରୀନିବାସ ନିର୍ମାଣ କରାଯିବ। ବଜେଟରେ ଭିତ୍ତିଭୂମି ବିକାଶ ପାଇଁ ବ୍ୟୟବରାଦକୁ ୧୧ ଲକ୍ଷ କୋଟିରୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ଦେଶର ପ୍ରଗତି ପଥକୁ ପ୍ରଶସ୍ତ କରିବ। ଦେଶରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ସହ ପର୍ଯ୍ୟଟନର ବିକାଶ ପାଇଁ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ଗଠନ କରାଯିବ ବୋଲି ସେ କହିଥିଲେ।

ଏହି ବଜେଟରେ 'ପୂର୍ବୋଦୟ' ଯୋଜନା ମାଧ୍ୟମରେ ଓଡ଼ିଶାକୁ ଦେଶର ବିକାଶର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ପାଇଁ ରେକର୍ଡ ସଂଖ୍ୟକ ୧୦,୯୨୮ କୋଟି ଟଙ୍କାର ରେଳ ବଜେଟ୍ ଅନୁଦାନ ପ୍ରଦାନ କରାଯାଇଛି, ଯାହା ୨୦୦୯-୧୪ ର ହାରାହାରି ଅନୁଦାନ ତୁଳନାରେ ପ୍ରାୟ ୧୩ ଗୁଣ ଅଧିକ। ଅପରପକ୍ଷରେ ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳ ଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ଜଳପଥର ବିକାଶ ଏବଂ ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେଇଯିବ। ଓଡ଼ିଶାର ପ୍ରାୟ ୧୫ ଲକ୍ଷ କେନ୍ଦୁପତ୍ର ଶ୍ରମିକ ଓ ଜନଜାତି ଭାଇଭଉଣୀଙ୍କ ଜୀବନରେ ଏହି ବଜେଟ୍ ଏକ ବଡ଼ ପରିବର୍ତ୍ତନ ଆଣିବ। କେନ୍ଦୁପତ୍ର ଉପରେ ଟିକସ ୫ ପ୍ରତିଶତରୁ ୨ ପ୍ରତିଶତକୁ ହ୍ରାସ କରାଯିବା ଦ୍ୱାରା ସମ୍ବଲପୁରଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଶ୍ରମିକମାନେ ଉପକୃତ ହେବେ। ଉପକୂଳବର୍ତ୍ତୀ ଅଞ୍ଚଳରେ ନଡ଼ିଆ, କାଜୁ ଓ କୋକୋ ଚାଷ ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସରକାରଙ୍କ ଗରିବ ଓ ଚାଷୀ କଲ୍ୟାଣର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଥିଲେ।

## ହୀରାକୁଦ ବନ୍ଧାଞ୍ଚଳରେ ବିପଜ୍ଜନକ ଷ୍ଟଣ୍ଟ

# ଚେତାବନୀ ଦେଇ ଛାଡ଼ିଲା ପୁଲିସ

ସମ୍ବଲପୁର, ୭।୨(ସମିସ): ହୀରାକୁଦ ଡ୍ୟାମ୍‌ର ବୁର୍ଲାପଟେ ରାଇଟ୍ ଡାଇକରେ ଯୁବକମାନଙ୍କ ଦ୍ୱାରା ଦ୍ରୁତ ଗତିରେ ଏବଂ ଅସାବଧାନତାପୂର୍ଣ୍ଣ ଭାବରେ ଗାଡ଼ିଚାଳନା, ସାଧାରଣ ରାସ୍ତା ଅବରୋଧ କରିବା ଏବଂ ଟ୍ରାଫିକ୍ ବ୍ୟବସ୍ଥାରେ ବାଧା ସୃଷ୍ଟି କରିବା ସମ୍ପର୍କିତ ଭିଡିଓ ଗତକାଲି ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବେପରୁଆ ଗାଡ଼ିଚାଳନା କରି ରାସ୍ତା ଅବରୋଧ କରିବା ସହ ବିପଦ ମଧ୍ୟ ସୃଷ୍ଟି କରିଥିଲେ। ଏନେଇ ବୁର୍ଲା ଥାନା ପୁଲିସ କେସ୍ ନଂ. ୫୬ / ୬-୨-୨୦୨୬ ଦଫା ୨୮୧/୨୮୫/୩(୫) ବିଏନ୍ଏସ୍/ ଆର.ଡବ୍ଲୁ. ଏସଇସି ୧୮୪/୨୦୧ ମୋଟର ଭେହିକିଲ ଆକ୍ଟରେ ଗାଡ଼ିଚାଳକମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଦୁଇଟି ଗାଡ଼ି ମଧ୍ୟ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ସେମାନେ ନିଜ ଦୋଷ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିବା ପରେ ସେମାନଙ୍କୁ ଚେତାବନୀ ଦେଇ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

# କୁଆଡ଼େ ଗଲା ଅତିରିକ୍ତ ୫ କିଲୋ ଚାଉଳ

ଭୁବନେଶ୍ୱର,୭।୨(ସମିସ): ରାଜ୍ୟରେ ଡିସେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୋଟ ୯୯ ଲକ୍ଷ ୨୫ ହଜାର ୯୨୧ ପରିବାରର ରାସନ ହିତାଧିକାରୀଙ୍କୁ ପ୍ରତି କାର୍ଡ ପିଛା ମାସକୁ ଅତିରିକ୍ତ ୫ କିଲୋ ଚାଉଳ ପ୍ରଦାନ କରାଯିବ। ଏହି ଚାଉଳ ବଣ୍ଟନ ପାଇଁ ୮୬୪.୫୯ କୋଟି ଟଙ୍କାର ପ୍ରସ୍ତାବ ରହିଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତ ବିଧାନସଭା ଅଧିବେଶନରେ ସୂଚନା ଦେଇଥିଲେ। ମାତ୍ର ଧାର୍ଯ୍ୟ ତାରିଖ ଯାଇ ୨ ମାସ ସରିବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ଯୋଗାଇପାରି ନାହାନ୍ତି। ଅତିରିକ୍ତ ଚାଉଳ ବଣ୍ଟନ ନେଇ ଯୋଗାଣ

**■ ବିଧାନସଭାରେ ଘୋଷଣା କରିଥିଲେ ମନ୍ତ୍ରୀ**
**■ ଗୋଦାମରେ ଗଚ୍ଛିତ, ହିତାଧିକାରୀ ନିରାଶ**
**■ ଦୁଇଟି ପର୍ଯ୍ୟାୟରେ ୩୦ ଜିଲ୍ଲା ପାଇଁ ହୋଇଥିଲା ଘୋଷଣା**

ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଏକାଧିକ ମନ୍ତ୍ରୀ ଶ୍ରେୟ ନେଇଥିଲେ। ରାଜ୍ୟର ରାସନକାର୍ଡରେ ଚାଉଳ ପାଉଥିବା ପ୍ରାୟ ୩ କୋଟି ୨୫ ଲକ୍ଷ ହିତାଧିକାରୀ ଅତିରିକ୍ତ ଚାଉଳ ପାଇବାକୁ ଆଶା ବାନ୍ଧି ବସିଥିଲେ। ମାତ୍ର ଏହି ଆଶା ଆଶାରେ ରହିଯାଇଛି।

ମୁଖ୍ୟତଃ କେନ୍ଦ୍ର ସରକାର ରାଜ୍ୟରୁ ଚାଉଳ ଉଠାଉ ନ ଥିବାରୁ ଏହି ସମସ୍ୟାର ସମାଧାନ ସ୍ୱରୂପ ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ବାଣ୍ଟିବାକୁ ସରକାର ଯୋଜନା କରିଥିଲେ। କାରଣ କେନ୍ଦ୍ର ସରକାର ଚାଉଳ ଉଠାଉ ନ ଥିବାରୁ ରାଜ୍ୟରେ ଗୋଦାମଗୁଡ଼ିକରେ ଦୀର୍ଘ ଦିନ ହେବ ଚାଉଳ ଗଚ୍ଛିତ ରହିଛି। ଏହାସହିତ ଚଳିତ ବର୍ଷର ମଧ୍ୟ ଖରିଫ ଧାନ ସଂଗ୍ରହ ଜାରି ରହିଛି ଓ ଏହା କିଛି ଦିନ ମଧ୍ୟରେ ଚାଉଳରେ ପରିଣତ ହେଲେ ଏହି ପରିମାଣ ଆହୁରି ବଢ଼ିବ। ତେଣୁ ଏହା ପୂର୍ବରୁ ଚାଉଳ ବାଣ୍ଟି ଗୋଦାମ ଖାଲି କରିବାକୁ ଯୋଜନା କରିଥିଲେ। ମାତ୍ର କେଉଁ ପରିସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ ହୋଇପାରୁ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଥମେ ଗତ ଅଗଷ୍ଟ ମାସରେ ରାଜ୍ୟ ସରକାର ଏହି ଘୋଷଣା କରିବା ପରେ ଦୁଇଟି ପର୍ଯ୍ୟାୟରେ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଅତିରିକ୍ତ ଚାଉଳ ବଣ୍ଟନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ପ୍ରକ୍ରିୟା ହୋଇଥିବା ସତ୍ତ୍ୱେ ଜିଲ୍ଲାଗୁଡ଼ିକୁ କେବେଠୁ ଚାଉଳ ଦିଆଯିବ ସେନେଇ ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କ ପାଖରେ କୌଣସି ସୂଚନା ନାହିଁ।

ଅନ୍ୟପଟେ କିଛି ଦିନ ତଳେ ବିଜେଡି ବିଧାୟକ ଅରୁଣ ସାହୁ ଅତିରିକ୍ତ ୫ କିଲୋ ଚାଉଳ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ସେ କହିଥିଲେ ବର୍ତ୍ତମାନ ଗୋଦାମରେ ଚାଉଳ ଗଚ୍ଛିତ ରହିଛି। ଏହି ଚାଉଳ ନଷ୍ଟ ହେଉଛି। ରାସାନ କାର୍ଡରେ ଏବେ ମୁଣ୍ଡ ପିଛା ୫ କିଲୋ ଚାଉଳ ମିଳୁଛି। ଅତିରିକ୍ତ ୫ କିଲୋ ଚାଉଳ ଦେବା ପାଇଁ ସରକାର ଘୋଷଣା କରିଥିଲେ। ମାତ୍ର ଏହି ଘୋଷଣା କୁଆଡ଼େ ଗଲା ବୋଲି ଡଃ ସାହୁ ପ୍ରଶ୍ନ କରିଥିଲେ। ଲୋକଙ୍କ ଭିତରେ ଚାଉଳ ନ ବାଣ୍ଟି ସରକାର ଚୁପ୍ ବସିଛନ୍ତି। ଏହି ଚାଉଳ ବାଣ୍ଟିଲେ ଓଡ଼ିଶା ଲୋକ ଉପକୃତ ହେବେ। ରାଜ୍ୟ ଏବେ ବଳକା ରାଜ୍ୟରେ ପରିଣତ ହୋଇଛି। ସେଗୁଡ଼ିକୁ ସଠିକ ବଣ୍ଟନ କରି ଏକ ଭାରାସମ୍ୟ ରଖିବା ଦରକାର। ହେଲେ ଏ ସରକାର ମୁଣ୍ଡରେ ସେତିକି ପଶୁନି ବୋଲି ସେ କହିଛନ୍ତି।

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନ ହେବା ପୂର୍ବରୁ ରାଜ୍ୟରେ ୧୩ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଚାଉଳ ବଳକା ରହିଥିଲା। ଏହି ଚାଉଳ କେନ୍ଦ୍ର ସରକାରଙ୍କୁ ନେବା ପାଇଁ ବାରମ୍ବାର ଅନୁରୋଧ କରାଯାଉଛି। ପୂର୍ବରୁ ବିଜେଡି ସରକାର ସମୟରେ ମଧ୍ୟ କେନ୍ଦ୍ର ଏମିତି ଚାଉଳ ଉଠାଇବାରେ ବିଳମ୍ବ କରୁଥିବା ବେଳେ ବିଜେପିର ଡବଲ ଇଂଜିନ ସରକାରରେ ମଧ୍ୟ ସମାନ ଘଟଣା ଘଟୁଛି। ତେଣୁ ସରକାର ଏହି ଗଚ୍ଛିତ ଚାଉଳକୁ ବାଣ୍ଟିଦେବା ପାଇଁ ଘୋଷଣା କରି ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଇବାରେ ଅସମର୍ଥ ରହିଛନ୍ତି।

## ଦିନକୁ ୫୦୦ କୋଟି କ୍ଷତି

# ପ୍ରତି ତିନି ମିନିଟରେ ଯାଉଛି ଜଣଙ୍କ ଜୀବନ

ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ସଡ଼କ ଦୁର୍ଘଟଣାରେ ଭାରତ ଅପକୀର୍ତ୍ତି କରିଛି। ଏଭଳି ଦୁର୍ଘଟଣାରେ ବିଶ୍ୱରେ ସର୍ବାଧିକ ଜୀବନ ଭାରତରେ ଯାଉଛି। ଏ ସମ୍ବନ୍ଧିତ ମୃତ୍ୟୁ ହ୍ରାସ ପାଇବା ପରିବର୍ତ୍ତେ କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି। ଏହା ମହାମାରୀ ରୂପ ଧାରଣ କରିନେଲାଣି। ପ୍ରତ୍ୟେକ ଦିନ ଦେଶରେ ଶତାଧିକ ଜୀବନ ଯାଉଛି। ଅନେକ ପରିବାର ଉଜୁଡ଼ି ଯାଉଥିବାବେଳେ ସ୍ତ୍ରୀ ମଥାରୁ ସିନ୍ଦୂର ଲିଭି ଯାଉଛି। ରିପୋର୍ଟ ଅନୁଯାୟୀ, ୨୦୨୪ରେ ଭାରତରେ ୧.୮୦ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ। ସେହି ବର୍ଷ ଦିନକୁ ପ୍ରାୟ ୪୯୪ ଜଣଙ୍କ ମୃତ୍ୟୁ ହୋଇଥିଲା ଅର୍ଥାତ୍ ପ୍ରତି ତିନି ମିନିଟରେ ଜଣଙ୍କ ଜୀବନ ଯାଇଥିଲା। ଖାଲି ସେତିକି ନୁହେଁ, ବର୍ଷକେ ୪ରୁ ୫ ଲକ୍ଷ ଲୋକ ବିକଳାଙ୍ଗ ମଧ୍ୟ ହୋଇଥିଲେ। ସଡ଼କ ଦୁର୍ଘଟଣାରେ ଯୁବ ବର୍ଗ ସର୍ବାଧିକ ପ୍ରଭାବିତ ହେଉଛି। ସଡ଼କ ଦୁର୍ଘଟଣା ଖାଲି ପରିବାରକୁ ସର୍ବସ୍ୱାନ୍ତ କରୁନାହିଁ, ବରଂ ଭାରତୀୟ ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରୁଛି। ଏଥିପାଇଁ ଭାରତର ଦିନକୁ ୫୦୦ କୋଟି ଟଙ୍କା କ୍ଷତି ହେଉଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ରିପୋର୍ଟ ଅନୁଯାୟୀ, ସଡ଼କ ଦୁର୍ଘଟଣାର ବୋଝ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପଡୁଛି। ହସ୍ପିଟାଲର ଜରୁରୀକାଳୀନ ବିଭାଗକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ୨୦-୫୦ ପ୍ରତିଶତ ପର୍ଯ୍ୟନ୍ତ ସଡ଼କ ଦୁର୍ଘଟଣା ପୀଡ଼ିତ ହୋଇଥାନ୍ତି। ହସ୍ପିଟାଲରେ ଭର୍ତ୍ତି ହେଉଥିବା ୧୦-୩୦ ପ୍ରତିଶତ ରୋଗୀ ଏବଂ ଗମ୍ଭୀର ମସ୍ତିଷ୍କ ଆଘାତର ୬୦-୭୦ ପ୍ରତିଶତ ମାମଲା ପାଇଁ ମଧ୍ୟ ଏହା ଦାୟୀ। ନିଯୁକ୍ତିଦାତା ଏବଂ ଶିଳ୍ପ ଉପରେ ମଧ୍ୟ ଦୁର୍ଘଟଣାର ବୋଝ ବଢୁଛି। କାର୍ଯ୍ୟ ନିର୍ଘଣ୍ଟ ହ୍ରାସ ପାଉଥିବାବେଳେ ଗାଡ଼ିମୋଟର କ୍ଷତିଗ୍ରସ୍ତ ହେଉଛି। ଚିକିତ୍ସା ବାବଦକୁ ଅଧିକ ଖର୍ଚ୍ଚ ହେଉଛି। ଏହାର ସର୍ବାଧିକ ପ୍ରଭାବ ପରିବାରର ଆର୍ଥିକ ସ୍ଥିତି ଉପରେ ପଡୁଛି। ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟ ଦୁର୍ଘଟଣାରେ ପ୍ରାଣ ହରାଇଲେ କିମ୍ବା ଦିବ୍ୟାଙ୍ଗ ହୋଇଗଲେ ଆର୍ଥିକ, ସାମାଜିକ ଏବଂ ମାନସିକ ସଙ୍କଟ ସୃଷ୍ଟି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪୫ ଲକ୍ଷ କୋଟିର...

ଦେଇଛି। ଆମେରିକାକୁ ଆସୁଥିବା ଶୁଖିଲା ଫଳ, ସୋୟାବିନ ତେଲ, ନାଳି ବାଜରା ଆଦିରୁ ଭାରତ ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି।

ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟଲ ଶନିବାର ସାମ୍ବାଦିକ ସମ୍ମିଳନୀ କରି ଅନ୍ତରୀଣ ବାଣିଜ୍ୟ ଚୁକ୍ତି ବିଷୟରେ ସୂଚନା ଦେଇଛନ୍ତି। ସେ ରୂପରେଖ ଘୋଷଣାକୁ ପ୍ରଶଂସା କରି କହିଛନ୍ତି ଯେ ଭାରତୀୟ କୃଷି ଉତ୍ପାଦ ଉପରେ ଆମେରିକା କୌଣସି ଶୁଳ୍କ ଲଗାଇବନି। ଶୂନ ଶୁଳ୍କ ଏହି ସାମଗ୍ରୀ ଆମେରିକାକୁ ପଠାଯିବ। ସେହିପରି ଆମେରିକା କୃଷି ଉତ୍ପାଦ ଗୁଡ଼ିକୁ ଭାରତ କୌଣସି ଶୁଳ୍କ ଆଶ୍ୱସ୍ତି ଦେଇ ନାହିଁ। ଅର୍ଥାତ୍ ଆମେରିକା କୃଷିଜାତ ସାମଗ୍ରୀ ମଧ୍ୟ ଭାରତକୁ ରପ୍ତାନୀ କରିପାରିବ। ମାତ୍ର ଏଥିରେ ଅଧିକ ଶୁଳ୍କ ଲଗାଇ ହେବ। ଗୋୟଲ ସ୍ପଷ୍ଟ କରିଛନ୍ତି ଯେ ଏହି ଚୁକ୍ତିରେ ଜେନେଟିକାଲ ମୋଡିଫାଏଡ (ଜିଏମ) ଖାଦ୍ୟ ପଦାର୍ଥକୁ ଭାରତରେ ପ୍ରବେଶ ଅନୁମତି ଦିଆଯାଇ ନାହିଁ। ଏହି ଚୁକ୍ତି ଦ୍ୱାରା ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ୩୦ ଟ୍ରିଲିୟନ ଡଲାର ଅର୍ଥାତ୍ ୨୭.୧୮ ଲକ୍ଷ କୋଟିର ବଜାର ଖୋଲିବ। ସେହିପରି ଭାରତ ଆଗାମୀ ୫ ବର୍ଷରେ ଆମେରିକାଠାରୁ ୫୦ ହଜାର କୋଟି ଡଲାର ଅର୍ଥାତ ୪୫ ଲକ୍ଷ ୩୦ ହଜାର କୋଟି ଟଙ୍କାର ଉତ୍ପାଦ କିଣିବାକୁ ସହମତି ପ୍ରକାଶ କରିଛି।

ଆଇଟିଏ ଅଧିନରେ ଭାରତୀୟ ସାମଗ୍ରୀ ଉପରେ ଆମେରିକା ଟିକସକୁ ୫୦ରୁ ୧୮ ପ୍ରତିଶତକୁ ହ୍ରାସ କରିଦିଆଯାଇଛି। ରୁଷଠାରୁ ତୈଳ କିଣିବାକୁ ଲଗା ଯାଇଥିବା ଅତିରିକ୍ତ ଟିକସ ହଟାଇ ଦିଆଯାଇଛି। ଗୋୟଲ କହିଛନ୍ତି ଯେ ଏହି ଚୁକ୍ତି ଚାଷୀ, ଏମଏସଏମଇ, କାରିଗର, ମତ୍ସ୍ୟଜୀବୀ ଏବଂ ଶିଳ୍ପୀଙ୍କୁ କୌଣସି କ୍ଷତି ହେବନି। ଆମେରିକା ବଜାର ଭାରତ ପାଇଁ ଖୋଲିଯିବ। ଏହା ଦ୍ୱାରା ଦେଶକୁ ଲାଭ ମିଳିବ। ମହିଳା ଏବଂ ଯୁବ ବର୍ଗଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମସଲା, ଚା', କଫି, ନଡ଼ିଆ ତେଲ, କାଜୁ, ଆଭାକୋଡ, କଦଳୀ, ଆମ୍ବ, ସପୁରୀପଣସ, ଛତୁ ଭଳି ଫଳ ପନିପରିବା ଏବଂ କିଛି ବେକେରି ଉତ୍ପାଦ ଗୁଡ଼ିକ ଉପରେ କୌଣସି ଶୁଳ୍କ ଲଗାଯାଇ ନାହିଁ। ଏହି ଦୁଇ ପାକ୍ଷିକ ବାଣିଜ୍ୟ ଚୁକ୍ତି ମାଧ୍ୟମରେ ୨୦୩୦ ସୁଦ୍ଧା ଭାରତ-ଆମେରିକା କାରବାରକୁ ୫୦ ହଜାର କୋଟି ଡଲାର ପର୍ଯ୍ୟନ୍ତ ନେଇଯିବାକୁ ଲକ୍ଷ୍ୟ ରଖାଯାଇଛି। ଘରୋଇ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା କରାଯାଇଛି। କୃଷି କ୍ଷେତ୍ର ପାଇଁ ବଜାରକୁ ଉନ୍ମୁକ୍ତ କରିଦିଆଯାଇଛି। ଗୋୟଲଙ୍କ ଅନୁଯାୟୀ, ଏହି ଚୁକ୍ତିର ଲାଭ ଯେପରି କେବଳ ଆମେରିକା ଏବଂ ଭାରତକୁ ମିଳିବ ଦୁଇ ଦେଶ ତା'ର ବ୍ୟବସ୍ଥା କରିବେ। ଏଥିପାଇଁ କିଛି ନିୟମ ଧାର୍ଯ୍ୟ କରାଯିବ। ଏଥିରେ ନନ୍-ଟାରିଫ ବ୍ୟାରିୟର୍ସ (ଅଣ ଶୁଳ୍କ ପ୍ରତିବନ୍ଧକ) ଦୂର କରିବା ପାଇଁ ଧ୍ୟାନ ଦେବେ। ଏହା ଶୁଳ୍କ ନୁହେଁ, ବରଂ କାରବାର ଜନିତ ସମସ୍ୟା ହୋଇଥାଏ। ଆମେରିକା ମେଡିକାଲ ଡିଭାଇସେସ କମ୍ପାନୀଙ୍କୁ ଭାରତରେ ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ନିୟମ, ପଞ୍ଜିକରଣ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଏସବୁକୁ ଦୂର କରିବା ପାଇଁ ଭାରତ ପ୍ରତିଶ୍ରୁତି ଦେଇଛି। ଏହା ଦ୍ୱାରା ଭାରତୀୟ ହସ୍ପିଟାଲ ଏବଂ ରୋଗୀଙ୍କୁ ସୁଲଭ ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ। ଆମେରିକା ଆଇସିଟି ଉତ୍ପାଦ ପାଇଁ ଭାରତରେ ଲାଇସେନ୍ସ ପ୍ରକ୍ରିୟା ବହୁତ ଜଟିଳ ଏବଂ କଠିନ ଥିଲା। ଏହାକୁ ସରଳ କରିବା ପାଇଁ ଭାରତ କହିଛି। ଏହା ଦ୍ୱାରା ଆମେରିକା ଆଇଟି ଏବଂ ଟେକ କମ୍ପାନୀ ଭାରତୀୟ ବଜାରରେ ପହଞ୍ଚିବା ସରଳ ହୋଇଯିବ। ଆସନ୍ତା ୬ ମାସ ମଧ୍ୟରେ ଏ ନେଇ ଦୁଇ ଦେଶ ଆଲୋଚନା କରିବେ।

ଅନ୍ୟପଟେ ଆମେରିକାର ଅନେକ କୃଷି ଏବଂ ଖାଦ୍ୟ ପଦାର୍ଥ ଉପରୁ ଶୁଳ୍କ ହ୍ରାସ କରାଯିବ। ଏଥିରେ ଡ୍ରାଏଡ ଡିଷ୍ଟିଲର୍ସ ଗ୍ରେନ (ଡିଡିଜି) ଆଦିରୁ ଶୁଳ୍କ ହ୍ରାସ କରିବ। ଏଥିରେ ନାଳି ବାଜରା, ଡ୍ରାଏ ଫ୍ରୁଟ, ଫଳ, ସୋୟାବିନ ତେଲ, ମଦ ଏବଂ ସ୍ପିରିଟ ସାମିଲ ରହିଛି। ଅଧିକାଂଶ ଜିନିଷ ଏବେ ବି ଭାରତ ଆସୁଛି। ସେହିପରି ଆମେରିକା ରାଷ୍ଟ୍ରୀୟ ସୁରକ୍ଷା ନିୟମ ସମ୍ବନ୍ଧିତ ଶୁଳ୍କରୁ ମଧ୍ୟ ସମାଧାନ କରାଯାଇଛି। ଭାରତରୁ ଯାଉଥିବା ବିମାନ ଏବଂ ବିମାନ ଯନ୍ତ୍ରାଂଶ ସମ୍ବନ୍ଧିତ ଷ୍ଟିଲ, ଆଲୁମିନିୟମ ଏବଂ ତମ୍ବା ଉପରେ ଧାରା ୨୩୨ ଅନୁଯାୟୀ ଶୁଳ୍କ ହଟାଇ ଦିଆଯାଇଛି। ଭାରତକୁ ଅଟୋ ପାର୍ଟ୍ସ ପାଇଁ ଏକ ନିର୍ଦ୍ଦିଷ୍ଟ ହାରରେ କୋଟା ମିଳିବ। ଔଷଧ ଉପରେ ଲାଗୁଥିବା ଶୁଳ୍କର ସମୀକ୍ଷା କରାଯିବ। ଏହି ଚୁକ୍ତି ଭୂରାଜନୈତିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି।

### ୫୦ ଶୁଣାଣି...

ପରିଦର୍ଶନ କରିବାକୁ ନିଷ୍ପତ୍ତି ନେଇ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ରାଜ୍ୟ ବିଜେପି ସରକାର ପ୍ରାରମ୍ଭରୁ ଆପୋସ ବୁଝାମଣା ମାଧ୍ୟମରେ ମହାନଦୀ ଜଳ ବିବାଦ ମାମଲାର ସମାଧାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ଉଭୟ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ସ୍ତରରେ ବୈଠକ ହୋଇଥିବା ବେଳେ ଏକାଧିକ ଥର ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇ ସାରିଛି। ମାତ୍ର ଏତେସବୁ ପରେ ମଧ୍ୟ ଅଣମୌସୁମୀ ସମୟରେ ଓଡ଼ିଶାକୁ ଉପରମୁଣ୍ଡରୁ ଜଳ ପ୍ରବାହ ନେଇ କୌଣସି ଆପୋସ ନିଷ୍ପତ୍ତି ହୋଇପାରି ନାହିଁ। ଏପରିକି ଆପୋସ ବୁଝାମଣା ଦିଗରେ ଓଡ଼ିଶା ସରକାର ଅଧିକ ଜୋର୍ ଦେଉଥିଲେ ହେଁ ଛତିଶଗଡ଼ ଏଥିରେ ସମପରିମାଣର ସହଯୋଗ କରୁ ନ ଥିବା ଅନୁଭବ ହେଉଛି ବୋଲି ମହାନଦୀ ଜଳ ବିବାଦ ଘଟଣାରେ ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି।

ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ଆସନ୍ତା ଏପ୍ରିଲ ୧୩ ତାରିଖରେ ଟ୍ରିବ୍ୟୁନାଲ ଅବଧି ଶେଷ ହେବାକୁ ଯାଉଛି। ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି ପାଇଁ ଅନୁରୋଧ କରିସାରିଛନ୍ତି। ୨୦୨୭ ମସିହା ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଉଭୟ ରାଜ୍ୟ ଅନୁରୋଧ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ ୯ ମାସ କାର୍ଯ୍ୟ ହୋଇପାରି ନ ଥିଲା। ଯେଉଁଥିପାଇଁ ଶୁଣାଣି କାର୍ଯ୍ୟକ୍ରମ ବିଳମ୍ବିତ ହୋଇଛି ବୋଲି ଏଜି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

### ସରକାର କେବଳ...

ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ଅନୁପସ୍ଥିତିକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ମହାନଦୀକୁ ନେଇ ରାଜ୍ୟ ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ନବୀନ କଡ଼ା ସମାଲୋଚନା କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଆଜି ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ଜେନେରାଲ୍ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏମିତି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ରହିଲା, ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ? ଟ୍ରିବ୍ୟୁନାଲର ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ଓଡ଼ିଶାବାସୀଙ୍କୁ କ'ଣ ମିଳିଲା ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଶା ବିଜେପି ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉ ନାହାନ୍ତି। ମହାନଦୀ ଆମ ମା', ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜୁ ଜନତା ଦଳର ଲଢ଼େଇ ଆହୁରି ଜୋରଦାର ହେବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଯାଇନି ଶୀତ...

୬.୬ ଡିଗ୍ରୀ ତଳକୁ ଖସିଆସିଛି। ତେବେ ଏହାର ପଡ଼ୋଶୀ ରାଜ୍ୟ ରାଜସ୍ଥାନ ଓ ଛତିଶଗଡ଼ରେ ଫେବୃଆରୀ ପ୍ରଥମ ସପ୍ତାହରେ ହିଁ ତାପମାତ୍ରା ୩୦ ଅତିକ୍ରମ କରି ୩୨ ଡିଗ୍ରୀରେ ପହଞ୍ଚିଛି। ସେହିପରି କିଛିଦିନ ତଳେ ପ୍ରବଳ ଶୀତ ଓ ଥଣ୍ଡାରେ ଥରହର ହେଉଥିବା ହରିୟାଣାର ଅନେକ ଜିଲ୍ଲାରେ ପାରଦ ୨୫ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିଛି।

ଅନ୍ୟପଟେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଏବେ ବି ଶୀତ ଲାଗି ରହିଛି। ନିକଟ ଭବିଷ୍ୟତରେ ତାପମାତ୍ରା ବଢ଼ିବାର ସମ୍ଭାବନା ବି ନାହିଁ। ଅନ୍ୟପକ୍ଷରେ ଆସନ୍ତା ୯ ତାରିଖରୁ ଏହି ହିମାଳୟ ଅଞ୍ଚଳରେ ବର୍ଷା ଓ ବରଫପାତ ହେବ ବୋଲି ସତର୍କତା ଜାରି କରାଯାଇଛି। ଉତ୍ତରକାଶୀ, ଚମୋଲି, ରୁଦ୍ରପ୍ରୟାଗ, ବାଗେଶ୍ୱର ଓ ପିଥୋରଗଡ଼ ଜିଲ୍ଲାରେ ୩ ହଜାର ମିଟରରୁ ଅଧିକ ଉଚ୍ଚତା ଅଞ୍ଚଳରେ ତୁଷାରପାତ ହୋଇପାରେ ବୋଲି ପାଣିପାଗ ବିଭାଗ ତରଫରୁ ସତର୍କ କରାଯାଇଛି। ରାଜଧାନୀ ଦିଲ୍ଲୀରେ ଥଣ୍ଡା ପବନ ବହିବ ବୋଲି ସତର୍କତା ଜାରି କରାଯାଇଛି। ରାଜଧାନୀରେ ବାୟୁର ମାନ ଆଜି ପୁଣି ଖରାପ ହୋଇଥିବାର ଖବର ମିଳିଛି। ସେପଟେ ବିହାରରେ ପ୍ରବଳ କୁହୁଡ଼ି ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି ଓ ଗୋପଳାଗଞ୍ଜ ଓ ମଧୁବନୀରେ ଦୃଶ୍ୟମାନ କ୍ଷମତା ତଥା ଭିଜିବିଲିଟି ଶୂନ ରହିଥିଲା। ରାଜ୍ୟର କିଛି ସ୍ଥାନରେ ଶୀତ ଅନୁଭୂତ ହେଉଥିବା ବେଳେ ଆଉ କିଛି ସ୍ଥାନରେ ତାପମାତ୍ରା ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ ଯେ ଏଥର ପାଣିପାଗ ପୂର୍ବ ବର୍ଷ ତୁଳନାରେ ସଂପୂର୍ଣ୍ଣ ରୂପେ ଭିନ୍ନ ରହିଛି। ଉଭୟ ବର୍ଷା ଓ ଶୀତରେ ଅନେକ ରେକର୍ଡ ଭାଙ୍ଗିଛି। ବର୍ଷାଦିନରେ ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ବିପର୍ଯ୍ୟୟ ଘଟାଇଥିବା ବେଳେ ଶୀତ ଦିନରେ ରେକର୍ଡ ଶୀତ ହୋଇଛି।

### ୧୫ ସୁଦ୍ଧା ୩୭...

ଆକାଶ ନିର୍ମଳ ରହୁଥିବାରୁ ପୃଥିବୀ ଉପରେ ସିଧା ଖରା ପଡୁଛି। ତେଣୁ ଖରା ବଢ଼ିବାରେ ଲାଗିଛି। ଏହି କ୍ରମରେ ଶନିବାର ଝାରସୁଗୁଡ଼ାରେ ତାପମାତ୍ରା ୩୩.୭ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୩୩.୨ ଓ ଭୁବନେଶ୍ୱରରେ ତାପମାତ୍ରା ୩୨.୩ଡିଗ୍ରୀ ରେକର୍ଡ ହୋଇଛି।

ଅନ୍ୟପଟେ, ଆମେରିକାର କଲୋମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ହୋଇଥିବା ମାର୍ଚ୍ଚରୁ ମେ' ମାସର ଆକଳନ ଅନୁଯାୟୀ, ଚଳିତବର୍ଷ ଗରମର ପ୍ରଭାବ ବୃଦ୍ଧି ସହ ଗ୍ରୀଷ୍ମପ୍ରବାହ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ବିଶ୍ୱ ପାଣିପାଗ ସଂସ୍ଥାନର ଆକାଳନ ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ ଜଳବାୟୁ ପ୍ରକ୍ରିୟା ଲା-ନିନା ଦୁର୍ବଳ ହେବା ସହ ଏଲ-ନିନୋ ସକ୍ରିୟ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଚଳିତବର୍ଷ ଅଧିକ ଗରମ ସମ୍ଭାବନା ରହିଛି। ୨୦୧୬ ଏବଂ ୨୦୨୪ରେ ପ୍ରଶାନ୍ତ ମହାସାଗରରେ ଏଲ-ନିନୋ ସକ୍ରିୟ ରହିଥିଲା। ଫଳସ୍ୱରୂପ, ଦେଶର ଅହେତୁକ ଗରମ ସହ ରାଜ୍ୟରେ ମଧ୍ୟ ରେକର୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ୨୦୨୪ ମସିହା ରାଜ୍ୟରେ ସ୍ୱାଭାବିକଠାରୁ ୩ ଗୁଣାରୁ ଅଧିକ ଅଧିକ ଗ୍ରୀଷ୍ମ ପ୍ରବାହ ଦିନ ସହ ପାଖାପାଖି ୩୭ ଦିନ ଗ୍ରୀଷ୍ମ ଲହରୀ ଜାରି ରହିଥିଲା।

ଏ ଦୃଷ୍ଟିରୁ ଚଳିତବର୍ଷ ଗ୍ରୀଷ୍ମ ପ୍ରଭାବ ବଢ଼ିବା ନେଇ ଆକଳନ କରାଯାଉଛି। ୨୦୨୪ ମେ' ୩୧ରେ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୮ ଏପ୍ରିଲ ୨୦୨୪ ରେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୪.୬ଡିଗ୍ରୀ ଏବଂ ୧ମେ' ୨୦୨୪ରେ ୪୫.୧ତାପମାତ୍ରା ରହିଥିଲା। ପାଣିପାଗ କେନ୍ଦ୍ର କହିଛି, ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଆସନ୍ତା ୨ଦିନ ମଧ୍ୟରେ ରାତିର ତାପମାତ୍ରା ୨-୪ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ତେବେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଓ ଜଗତସିଂହପୁର ଆଦି ଜିଲ୍ଲା ଓ ଆସନ୍ତାକାଲି ପୁରୀ, ଗଞ୍ଜାମ ଓ ଜଗତସିଂହପୁରରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଦେଖାଦେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।


Modal Bidding Document 10001/22/2526
Government of Odisha
Health and Family Welfare Department, Odisha
OFFICE OF THE DEAN-PRINCIPAL
GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL

QUOTATION / TENDER CALL NOTICE

No. 01/2026 Date 06.02.2026

Sealed quotation / tenders are invited from interested reputed Travel Agency / Tour Operator / Private individuals for providing (1 no.) of AC petrol / diesel driven vehicles having sitting capacity not more than 5 (five) including driver. Which shall conform to the Terms and conditions (Annexure-I & A) for official use in Dean & Principal of month rental basis. The application form of quotation/tender containing the Quotation information & Terms and condition for Hiring Vehicles etc. will be available from **websites https://kandhamal.odisha.gov.in**. The Quotation completed in all respect should reach the undersigned on or before **02.03.2026 by 5.00 PM** through registered post/courier and shall be opened on **05.03.2026 at 11.30 AM** in presence of bidder or authorized representatives. The undersigned reserves the right reject any or all the tender(s) without assigning any reason thereof.

OIPR-10001/10270/1/25-26/0001

Sd/- N. Behera
Dean & Principal
Govt. Medical College & Hospital, Phulbani, Kandhamal



OHPC
ISO 9001-14001 18001 Certified

OFFICE OF THE SR. GENERAL MANAGER (ELECTRICAL) 32001/33/2526
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP–49/2025-26 DATED 05.02.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Annual Maintenance of Generator Transformers, Unit Auxiliary Transformers, Mobile Oil Purifier & Equipments at 11KV / 33KV / 220KV / 400 KV Switchyard of UIHEP, Mukhiguda for a period of 02 years. | 11,800/- (inclusive of GST) | 51,000/- | From 10.02.2026 to 25.02.2026 upto 12.00 Hrs | 25.02.2026 (upto 13:00Hrs) | 25.02.2026 at 16:30Hrs |

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda

OIPR-32001/32136/1/25-26/0033



**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, no. 159, dated 04.02.2026, I, D. HEMALATAMMA, W/o - Late. D. Krishna Murty, permanent resident of - R.K Colony, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from D. HEMALATA to D. HEMALATAMMA. Henceforth, I shall be known as **D. HEMALATAMMA** for all purposes.

Sd/- D. Hemalatamma

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No. 155, dated 03.02.2026, I, MAHIREEN KHAN, D/o - Nazibulla Khan, permanent resident of Village - Taragaon, PO - Taragaon, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from **MEHRIN KHAN to MAHIREEN KHAN.** Henceforth, I shall be known as **MAHIREEN KHAN** for all purposes.

Sd/- Mahireen Khan

**AFFIDAVIT**

By virtue of an affidavit sworn before The Executive Magistrate, Keonjhar SL.NO- 02, dated 30-01-2026 I, **SHANKARI MUNDA**, Permanent resident of At- Bangurusuni, Po- Masinajodi, PS- Daitari, Dist- Kendujhar, State- Odisha, PIN- 758080, declare that I have changed my name from **KANTARI MUNDA (Old name)** to **SHANKARI MUNDA (New name)**, Henceforth, I shall be known as **SHANKARI MUNDA** for all purposes.

( Sd- SHANKARI MUNDA)

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, no. 174, dated. 07.02.2026, I, DASA GOUDA, S/o- Mangalsai Gouda, permanent resident of Village - Nayakguda, PO - Modeigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed my name from **BASA GOUD to DASA GOUDA.** Henceforth, I shall be known as **DASA GOUDA** for all purposes.

Sd/- Dasa Gouda

## ୫ ଦିନ ପରେ ବି ନିଖୋଜ ନାବିକଙ୍କ ପତ୍ତା ମିଳୁନି

# ସାର୍ଥକଙ୍କ ପରିବାରକୁ ଭେଟିଲେ ବିଜେଡି ଟିମ୍

ଭଦ୍ରକ,୭।୨(ସମିସ)



ଆଙ୍ଗ୍ଲୋ ଇଷ୍ଟର୍ଣ୍ଣସିପ୍ ମ୍ୟାନେଜ୍‌ମେଣ୍ଟ ସଂସ୍ଥାର କ୍ୟାଡେଟ୍ (ନାବିକ) ଭଦ୍ରକର ସାର୍ଥକ ମହାପାତ୍ର(୨୨) ଗତ ୩ ତାରିଖରୁ ନିଖୋଜ ରହିଛନ୍ତି। ସେ ନିଖୋଜ ହେବା ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାର୍ଥକଙ୍କ ପତ୍ତା ମିଳିନାହିଁ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ବିଜେଡିର ଏକ ଟିମ୍ ନିଖୋଜ ସାର୍ଥକ ମହାପାତ୍ରଙ୍କ ପରିବାରକୁ ଭେଟିଛନ୍ତି। ଭଦ୍ରକ ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଭଦ୍ରକ ବ୍ଲକ୍ ବେନ୍ତାଳ ପଞ୍ଚାୟତ କେଶପୁର ଗୋପାଳବିନ୍ଧା ଗାଁରେ ପହଞ୍ଚି ସାର୍ଥକଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ସାର୍ଥକଙ୍କ ଆଈ କୁମୁଦୁନୀ ସାହୁ ଓ ତାଙ୍କ ଅନ୍ୟ ପରିବାର ସଦସ୍ୟଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଟୁଇଟ୍(ଏକ୍ସ) ପରେ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ମଧ୍ୟ ବିରୋଧୀ ଦଳ ନେତା ଡିଜି ସିପିଙ୍ଗ୍ ଓ ଏକ୍ସଟର୍‌ନାଲ ଆଫାୟର୍ସ ମିନିଷ୍ଟ୍ରିଙ୍କୁ ଅବଗତ କରାଇଛନ୍ତି। ତୁରନ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଘଟଣାକୁ ଗୁରୁତ୍ୱର ଭାବେ ନେବା ସହିତ ତୁରନ୍ତ ସାର୍ଥକଙ୍କୁ ଠାବ କରିବାକୁ ବିଜେଡି ଟିମ୍ ଦାବି କରିଛି। ଅନ୍ୟପଟେ ଦୀର୍ଘ ୫ ଦିନ ପରେ ବି ସାର୍ଥକଙ୍କ ପତ୍ତା ନ ମିଳିବାକୁ ନେଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ତୁରନ୍ତ କିପରି ସାର୍ଥକଙ୍କ ପତ୍ତା ମିଳିବ ସେ ନେଇ ତତ୍ପରତା ଦେଖାଇବାକୁ ସରକାରଙ୍କ ନିକଟରେ ପରିବାର ଲୋକେ ଦାବି ଜଣାଇଛନ୍ତି।


ଗତ ଜୁଲାଇ ମାସରେ ସାର୍ଥକ ମର୍ଚ୍ଚାଣ୍ଟ ନେଭିରେ ଯୋଗଦେଇଥିବା ବେଳେ ଆଙ୍ଗ୍ଲୋ ଇଷ୍ଟର୍ଣ୍ଣସିପ୍ କମ୍ପାନୀର ଇଏ ଜର୍ସି ଜାହାଜରେ ସାର୍ଥକ ନିଯୁକ୍ତ ଥିଲେ। ସେ ଚାଇନାରୁ ଭାୟା ମରିସସ୍ ହୋଇ ସିଙ୍ଗାପୁର ଫେରୁଥିବାବେଳେ ୩ ତାରିଖ ସକାଳୁ ନିଖୋଜ ଅଛନ୍ତି। ଏନେଇ ପରିବାର ଲୋକଙ୍କ ସହିତ ଏହି ଟିମ୍ ଆଲୋଚନା କରି ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ନିଖୋଜ ସାର୍ଥକଙ୍କୁ ଠାବ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହ ତାଙ୍କ ପରିବାରକୁ ଅପ୍‌ଡେଟ୍ ତଥ୍ୟ ନିୟମିତ ଯୋଗାଇଦେବାକୁ ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ମଲ୍ଲିକ ଦାବି ରଖିଛନ୍ତି। କେଉଁ ପରିସ୍ଥିତିରେ ସେ ନିଖୋଜ ହେଲେ ଏହାର ତଦନ୍ତ ହେବାକୁ ସେ ଦାବି କରିଛନ୍ତି। ସାର୍ଥକ ଶୀଘ୍ର ଫେରନ୍ତୁ ବୋଲି ମା' ଭଦ୍ରକାଳୀଙ୍କଠାରେ ବିଧାୟକ ଶ୍ରୀ ମଲ୍ଲିକ ପ୍ରାର୍ଥନା କରିଛନ୍ତି। ଭଦ୍ରକର ସାର୍ଥକ ଜାହାଜରୁ ନିଖୋଜ ହେବା ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ନବୀନ ବାବୁଙ୍କ ଟ୍ୱିଟ୍ ପରେ ସମସ୍ତେ ଏଥିପ୍ରତି ତତ୍ପର ହୋଇଥିବା ଚାନ୍ଦବାଲି ବିଧାୟକ ଶ୍ରୀ ରାୟ ତାଙ୍କ ପ୍ରତିକ୍ରିୟାରେ କହିବା ସହ ସେ ଶୀଘ୍ର ଠାବ ଲାଗି ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, 'ଇଏ ଜର୍ସି' ନାମକ ଏକ ମାଲ୍‌ବାହୀ ଜାହାଜ ଭାରତ ମହାସାଗରରେ ଚୀନରୁ ପଶ୍ଚିମ ଆଫ୍ରିକା ଅଭିମୁଖେ ଯାଉଥିବାବେଳେ ଏଥିରେ କାର୍ଯ୍ୟ କରୁଥିବା ସାର୍ଥକ ମରିସସ୍ ନିକଟବର୍ତ୍ତୀ ଅଞ୍ଚଳରେ ନିଖୋଜ ହୋଇଯାଇଥିଲେ। ୩ ତାରିଖ ସକାଳ ୬ଟା ୧୫ରେ ତାଙ୍କୁ ଶେଷଥର ପାଇଁ କ୍ୟାବିନ୍‌କୁ ଯାଉଥିବା ଦେଖାଯାଇଥିଲା। କିନ୍ତୁ ସକାଳ ପ୍ରାୟ ୮ଟା ୩୦ରେ ଚିଫ୍ ଅଫିସର ତାଙ୍କ କ୍ୟାବିନ୍ ଯାଞ୍ଚ କରିବାକୁ ଯାଇଥିବାବେଳେ ତାହା ଖାଲି ଥିଲା। ଏହାପରେ ସମଗ୍ର ଜାହାଜରେ ତଲାସ୍ ଅଭିଯାନ ଆରମ୍ଭ ହୋଇଥିଲା। ସେ ରହିବା ସ୍ଥାନ, ଡେକ୍ ଏବଂ ଅନ୍ୟାନ୍ୟ ଅଂଶକୁ ଯାଞ୍ଚ ପରେ ମଧ୍ୟ ତାଙ୍କର କୌଣସି ସୂଚନା ମିଳି ନ ଥିଲା। ନିଖୋଜ ସାର୍ଥକ ଭଦ୍ରକରେ ନିଜ ମାମୁ ଘର ଭଦ୍ରକରେ ରହି ପାଠ ପଢ଼ିବା ପରେ ସୈନିକ ସ୍କୁଲରେ ନାମ ଲେଖାଇ ନିଜ ମା' ସେବିକା ରଶ୍ମିତା ସାହୁଙ୍କ ପାଖରେ ଭୁବନେଶ୍ୱରରେ ରହୁଥିଲେ। ଶନିବାର ସାର୍ଥକଙ୍କ ପରିବାରକୁ ଯାଇଥିବା ବିଜେଡି ଟିମ୍‌ରେ ବିଜେଡି ନେତା ଅକ୍ଷୟ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ବରିଷ୍ଠ ନେତା ଶଶଧର ନାୟକ, ରାକେଶ ପଣ୍ଡା, ଭାସ୍କର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## 'ସକାଳ' ପ୍ରଭାବ: ମାଟି ଉଠାଣର ତଦନ୍ତ କଲେ ଆର୍‌ଆଇ

ଦୋଳସାହି,୭।୨(ସମିସ): ତିହିଡ଼ି ତହସିଲ୍ ଅଧୀନ ଏକ ସରକାରୀ ଅନାବାଦୀ ଜମିରୁ ମାଟି ଉଠାକୁ ନେଇ ଗତ ୫ ତାରିଖ "ସକାଳ'ରେ ଖବର ପ୍ରକାଶିତ ପରେ ଦୋଳସାହି ଆର୍‌ଆଇ(ରାଜସ୍ୱ ନିରୀକ୍ଷକ) ଶନିବାର ଘଟଣାର କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ନୂଆଶାସନ ଗାଁରେଥିବାଏକଅନାବାଦୀଜମିରୁମାଟିଉଠାଇନେବାକୁନେଇଗ୍ରାମରେଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ଶନିବାର ଦୋଳସାହି ଆର୍‌ଆଇ ସୁଜାତା ଦାସ ଘଟଣାସ୍ଥଳରେ ପହଞ୍ଚି କ୍ଷେତ୍ରୀୟ ତଦନ୍ତ କରିଛନ୍ତି।

## ଠାକୁରାଣୀଙ୍କ ମୁକୁଟ ଚୋରି; ଜଣେ ଅଟକ



ଦୋଳସାହି,୭।୨ (ସିମସ): ତିହିଡ଼ି ଥାନା ଅଞ୍ଚଳରେ ବିଭିନ୍ନ କିସମର ଚୋରଙ୍କ ଦ୍ୱାରା ଚୋରି ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତର ହରିପୁର ଗାଁର ଗ୍ରାମ ଦେବତୀ ମା' କନକ ଦୁର୍ଗାଙ୍କ ୨ଟି ରୁପାର ମୁକୁଟ ଗତ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ମା'ଙ୍କ ମୁକୁଟ ଚୋରି ଘଟଣାରେ ସନ୍ଦେହରେ ଜଣେ ଅଟକ ଥିବା ସୂଚନା ମିଳିଛି।

### ● ଋଣ ପରିଶୋଧ ପାଇଁ ସୁଯୋଗ ନାହିଁ

## ଥାନାରେ ଦ୍ୱାରସ୍ଥ ହେଲେ ଚାଷୀ

ବାରିକପୁର,୭।୨(ସମିସ): ଜଣେ ଚାଷୀ ସମିତିଠାରୁ କୃଷି ଋଣ ଆଣି ପରିଶୋଧ କରିବା ପାଇଁ ଚାହୁଁଛନ୍ତି। ପରିତାପର ବିଷୟ ଏନେଇ ବିଭାଗୀୟ ଅଧିକାରୀ ସହଯୋଗ କରୁ ନ ଥିବା ଚାଷୀ ଜଣକ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପ୍ରାପ୍ତ ଅଭିଯୋଗ ମୁତାବକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ଅଧୀନସ୍ଥ ସରସଦା ପ୍ରାଥମିକ କୃଷି ସମବାୟ ସମିତିଠାରୁ ପ୍ରୀତିସ୍ ରଞ୍ଜନ ନାୟକ କୃଷି ଋଣ ନେଇଥିଲେ। ୨୦୨୪-୨୫ ଆର୍ôଥକ ବର୍ଷରେ ଚାଷ ପାଇଁ ସମିତି ନିକଟରୁ ପ୍ରାୟ ୪୯ ହଜାର ଟଙ୍କା ଋଣ କରିଥିଲେ। ଇତିମଧ୍ୟରେ ସେ ଋଣ ପରିଶୋଧ ପାଇଁ ବାରମ୍ବାର ସମିତି ସମ୍ପାଦକଙ୍କୁ ଜଣାଇଥିଲେ ମଧ୍ୟ ସେ ଏଥିରେ ସହଯୋଗ କରୁନାହାନ୍ତି। ଏପରିକି ଶାଖା କାର୍ଯ୍ୟାଳୟରେ ମଧ୍ୟ ଜଣାଇଛନ୍ତି। ବିଭାଗୀୟ ଅଧିକାରୀମାନେ ଋଣ ପରିଶୋଧ ପାଇଁ ଚାଷୀଙ୍କୁ ସୁଯୋଗ ଦେଉ ନ ଥିବା ପୁଲିସକୁ ଜଣାଇଛନ୍ତି। ପୁଲିସ ପକ୍ଷରୁ ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ନିମ୍ନମାନର କାମ; ଦବିଗଲା ନବନିର୍ମିତ ଧାନଖଳା



ବାରିକପୁର,୭।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଗୃହ ନିକଟରେ ନିର୍ମିତ ନୂତନ ଧାନଖଳା ସମ୍ପୂର୍ଣ୍ଣ ଦବିଯାଇଛି। ଯାହାକୁ ନେଇ ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅପାରଗତା ତଥା ନିମ୍ନମାନର କାମ ଯୋଗୁଁ ଏପରି ହୋଇଥିବା ଅଭିଯୋଗ କରିଛନ୍ତି। ସୂଚନଯୋଗ୍ୟ, ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ ଗୋଦାମ ଗୃହକୁ ଲାଗି ନୂତନ ପିଣ୍ଡି ଓ ଖଳା ନିର୍ମାଣ ହୋଇଥିଲା। ଟେଣ୍ଡର ଜରିଆରେ ଜନୈକ ଠିକା ସଂସ୍ଥା କାମ କରିଥିଲେ ମଧ୍ୟ ଉପଯୁକ୍ତ ତଦାରଖ ଅଭାବରୁ କାର୍ଯ୍ୟଟି ଅତି ନିକୃଷ୍ଟମାନର ହୋଇଥିବା ଚାଷୀମାନେ ଜଣାଇଛନ୍ତି। କାମ ସରିବାର ମାତ୍ର ୧ ମାସ ମଧ୍ୟରେ ଧାନ କ୍ରୟ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଚାଷୀମାନେ ମଣ୍ଡିକୁ ଟ୍ରାକ୍ଟର ଓ ଅଟୋରେ ମଣ୍ଡିକୁ ଧାନ ଆଣିଥିବାବେଳେ ନବନିର୍ମିତ ଖଳାଟି ହଠାତ୍ ଦବିଯାଇଛି। ଏପରିକି ଖଳା ଦବିବା କାରଣରୁ ମଣ୍ଡିରେ କାର୍ଯ୍ୟରତ ଜଣେ ଶ୍ରମିକ ମଧ୍ୟ ଆହତ ହୋଇଛନ୍ତି। ଖଳାରୁ ପେଭର ବ୍ଲକ୍ ଓ ବାଲି ଉଠିଯାଇଥିବା ବେଳେ ଏବେ ଚାଷୀମାନେ ଧାନ ରଖିବାକୁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଖଳା ମରାମତି ହୋଇନାହିଁ। ଠିକା ସଂସ୍ଥା ମଧ୍ୟ କାମ ସାରି ଛୁ ମାରିଥିବା ଜଣାଯାଇଛି। ଏନେଇ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କ'ଣ ହୋଇଛି ଦେଖିବେ ବୋଲି କହିଛନ୍ତି। ଏବେ ଶହଶହ ଚାଷୀ ହଇରାଣ ହେଉଥିବାବେଳେ ଯଥାଶୀଘ୍ର ମରାମତି କାର୍ଯ୍ୟ କରିବା ଜରୁରୀ ହୋଇଛି।

## ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ବାର୍ଷିକ ପାଲା ମହୋତ୍ସବ



ବାସୁଦେବପୁର,୭।୨(ସମିସ): ବାସୁଦେବପୁର ପୌରପାଳିକାର ପ୍ରସନ୍ନ ଦେବଙ୍କ ପୀଠ ପରିସରରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଆନୁକୂଲ୍ୟରେ ୧୦ମ ବାର୍ଷିକ ପାଲା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ଅତିଥି ଭାବେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା କଳା ପରିଷଦର ପୂର୍ବତନ ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ଚୌଧୁରୀ ସତ୍ୟନାରାୟଣ ରାୟ, ଅମୂଲ୍ୟରତ୍ନ ସାହୁ, ପ୍ରଶାନ୍ତ ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସଭାପତି ସନାତନ ପୁରୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ କପିଳନାଥ ଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଲୋକକଳାକୁ ବଞ୍ଚାଇ ରଖିବାକୁ ସରକାର କଳାକାରମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ପୂର୍ବ ସରକାରଙ୍କ ପକ୍ଷରୁ ଲୋକକଳାକୁ ବଞ୍ଚାଇ ରଖିବାକୁ ଅଧିକ ସଂଖ୍ୟକ କଳାକାରଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ତେଣୁ କଳାକାର ସେମାନଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କରି ଏକ ଶୋଭାଯାତ୍ରାରେ ବାସୁଦେବପୁର ସହର ପରିକ୍ରମା କରି ପ୍ରସନ୍ନ ଦେବ ପୀଠରେ ପହଞ୍ଚିଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୁବାସ ମଲ୍ଲିକ, ଦିବ୍ୟସିଂହ ମିଶ୍ର, କୃତିବାସ ସନ୍ଧିବିଗ୍ରହଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପାଲା ମହୋତ୍ସବ ୨ଦିନ ଧରି ଚାଲିବ।

### ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ

## 'ଶବ୍ଦ ସହ ସତ୍ତ୍ୱର ସଂଯୋଗରୁ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଥାଏ'



ଭଣ୍ଡାରିପୋଖରୀ,୭।୨(ସମିସ): ନିଷ୍ଠୁର ଅନୁଭୂତି ସାହିତ୍ୟର ସମ୍ଭାର ଅଟେ। ଶବ୍ଦ ସହ ସତ୍ତ୍ୱର ସଂଯୋଗରୁ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଥାଏ ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ, ଆଲୋଚକ ଓ ସମାଲୋଚକମାନେ ମତବ୍ୟକ୍ତ କରିଛନ୍ତି। ଶାରଦା ବିଦ୍ୟାମନ୍ଦିର ପରିସରରେ ସଂସଦର ସଭାପତି ଡ. ସୁରେନ୍ଦ୍ର ମିଶ୍ରଙ୍କ ସ୍ୱଭାପତିତ୍ୱ ଓ କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ବିଶିଷ୍ଟ ସାହିତ୍ୟିକ ଡ. ବ୍ରଜ ମୋହନ ମିଶ୍ର ଉଦ୍‌ଘାଟନ କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଡ. ଚିନ୍ମୟୀ ମହାପାତ୍ର ମୁଖ୍ୟବକ୍ତା, ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଶାସକ ରମେଶ ଚନ୍ଦ୍ର ରାଉତ, ବାଣୀଚିତ୍ର ସମ୍ପାଦକ ଭାସ୍କର ଜେନା, ଡ. ସୁଧାଂଶୁ ଶେଖର ନାୟକ, ସମାଜସେବୀ ବଦ୍ରିନାରାୟଣ ଧଳ, ସଞ୍ଜୀବ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବିଶିଷ୍ଟ କବି ଅଚ୍ୟୁତାନନ୍ଦ ସାମଲଙ୍କ ଦ୍ୱାରା ସୃଷ୍ଟି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସଂସଦ ସମ୍ପାଦକ ପବନ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ "ମାଟି ମହକ' ଉନ୍ମୋଚିତ ହୋଇଥିଲା। ଏଥିସହ ରତ୍ନମଞ୍ଜରୀ ପଣ୍ଡାଙ୍କ "ପହିଲି ଫୁଲ', ରମାକାନ୍ତ ବେହେରାଙ୍କ "କୋଇଲି କହେ କୁହୁ', ଅଚ୍ୟୁତାନନ୍ଦ ସାମଲଙ୍କ "କବିତା ସହ ଭେଟ', ମୁରଲୀଧର ଦାସଙ୍କ "ପାଦେ ପାଦେ ଆଗକୁ', ପୁରୁଷୋତ୍ତମ ଧଳଙ୍କ "ଗପରୁ ଶିକ୍ଷା', ପ୍ରାଣକୃଷ୍ଣ ସାହୁଙ୍କ "ଏ ଯୁଗର ସାବିତ୍ରୀ' ପାଠକାର୍ପଣ ହୋଇଥିଲା। ସଂସଦ ଉପସଭାପତି ଭରତ ଚନ୍ଦ୍ର କରଣ ମଞ୍ଚ ଆହ୍ୱାନ, ପୁରୁଷୋତ୍ତମ ଧଳ ଅତିଥି ପରିଚୟ ପ୍ରଦାନ, ଉପସଭାପତି ଅନାଦି ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନେକ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ଡ. କ୍ଷୀରୋଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟୋଗୀ ଉଦୟନାରାୟଣ ନନ୍ଦ ଏହି ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଡ. ଭରତ ବେହେରା, ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ଝରଣା ପଟ୍ଟନାୟକ, ଖଗେଶ୍ୱର ମହତାବ, ଡ. ସନ୍ତୋଷ ମହାପାତ୍ର, ପ୍ରାଧାପକ ସୁରଞ୍ଜନ ପଣ୍ଡା, ନିହାର ଦାସ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୁବ୍ରତ କୁମାର ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

## ଗୁଆମାଳ ସେବା ସମବାୟ ସମିତିର ହେବ ଅଡିଟ୍

ଦୋଳସାହି,୭।୨(ସିମସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ସେବା ସମବାୟ ସମିତି ବିଭିନ୍ନ ସମସ୍ୟା ଘେରରେ ରହିଥିବାବେଳେ ଗତ ୮ ବର୍ଷ ଧରି ଏହି ସମିତିର ହିସାବ ନିକାଶ ବା ଅଡିଟ୍ ହେଉ ନ ଥିବା ନେଇ ଦୈନିକ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶ ପରେ ଖୁବ୍‌ଶୀଘ୍ର ଏହି ସମିତିରେ ଅଡିଟ୍ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଗୁଆମାଳ ସେବା ସମବାୟ ସମିତିରେ ଦୀର୍ଘ ୧୦ ବର୍ଷ ପୂର୍ବରୁ ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲାର ବିଚାରାଧୀନ ରହିଥିଲାବେଳେ ଏହି ସମିତିରେ ୮୦୦ରୁ ଅଧିକ ଚାଷୀ ବକେୟା ଋଣ ପରିଶୋଧ କରୁ ନ ଥିବା ଜଣାଯାଇଛି। ସେହିପରି ଏହି ସେବା ସମବାୟ ସମିତିରେ ୮ବର୍ଷ ଧରି ଡିପୋଜିଟ୍ କରୁ ନ ଥିବା ଜଣାଯାଇଛି। ଏହି ସେବା ସମବାୟ ସମିତିର ସମ୍ପାଦକ ଅମରେନ୍ଦ୍ର ନାୟକ ୨ଟି ସମବାୟ ସମିତିର ସମ୍ପାଦକ ଦାୟିତ୍ୱ ତୁଲାଉଥିବା ବେଳେ ସପ୍ତାହରେ ମାତ୍ର ୨ ଦିନ କାର୍ଯ୍ୟାଳୟକୁ ଆସୁଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏହି ସମିତିରେ ଜଣେ ସ୍ଥାୟୀ ସମ୍ପାଦକ, ଜଣେ ଅତିରିକ୍ତ ସମ୍ପାଦକ ଓ ଜଣେ ଡାଟା ଏଣ୍ଟ୍ରି ଅପରେଟର ପଦ ଖାଲି ପଡ଼ିଥିବା ଜଣାଯାଇଛି।

## ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବାଲେଶ୍ୱର ବିଜୟୀ



ଦୋବଲ,୭।୨(ସମିସ): ଧାମନଗର ବ୍ଲକ୍ ଦଳାଙ୍ଗ ପଞ୍ଚାୟତ ଅଧୀନ ଜାହାଙ୍ଗୀର ବଜାର ନିକଟ କାଳିପଡ଼ିଆଠାରେ ମା' ଶ୍ୟାମାକାଳୀ ୟୁଥ୍ କ୍ଲବ୍ ପକ୍ଷରୁ ଦିନିକିଆ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ମହିଳା କ୍ରିକେଟ ଆସୋସିଏସନ ଓ ବାଲେଶ୍ୱର ଓମେନ୍ସ କ୍ରିକେଟ ଆସୋସିଏସନ ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ଭଦ୍ରକ ଦଳ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଦଳ ୧୭.୨ ଓଭରରେ ୯ ୱିକେଟ ହରାଇ ୧୧୦ ରନ୍ କରି ବିଜୟ ହାସଲ କରିଥିଲା। ଅମ୍ପାୟାର ଭାବେ ସନ୍ୟାସୀ ନାୟକ, ପିନାକି ସାହୁ ରହିଥିବାବେଳେ ଧାରାବିବରଣୀ ରାଧେଶ୍ୟାମ ଜେନା, ଶୁଶାନ୍ତ ଦାଶ, ସ୍କୋରର୍ ଚିତ୍ରରଞ୍ଜନ ପଣ୍ଡା ଓ ସୂର୍ଯ୍ୟକାନ୍ତ ଘଡ଼େଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଏଚ୍‌ଆଇର କୋଷାଧ୍ୟକ୍ଷ ଶୁଶାନ୍ତ କୁମାର ଦାସ ଓ ଶିକ୍ଷକ ନିରଞ୍ଜନ ପଣ୍ଡା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କମିଟିର ସଭାପତି ରାକେଶ ବାରିକ୍ ଓ ସମ୍ପାଦକ ମୁକ୍ତିକାନ୍ତ ପାଢ଼ୀଙ୍କ ସହ ବିଶ୍ୱଜିତ୍ ପାଢ଼ୀ, ଆଶିଷ ଦାସ, ଆଶିଷ ମହାପାତ୍ର, ମନୋଜ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ କେନ୍ଦ୍ରାପଡ଼ା



ବାସୁଦେବପୁର,୭।୨(ସମିସ): ବାସୁଦେବପୁର ଅଟଳବିହାରୀ ହାଇସ୍କୁଲ ପଡ଼ିଆରେ ଟାଉନ୍ କ୍ଲବ୍ ଦ୍ୱାରା ଆୟୋଜିତ ୩୮ତମ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ୍‌ରେ ଖୋର୍ଦ୍ଧା ରଘୁନାଥ କ୍ଲବ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି କେନ୍ଦ୍ରାପଡ଼ା ଚାନ୍ଦ କ୍ଲବ୍ ଚଳିତ ଟୁର୍ଣ୍ଣାମେଣ୍ଟର ୨ୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ଏହି ସଂଘର୍ଷପୂର୍ଣ୍ଣ ଖେଳରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଉତ୍ତମ ଖେଳ ପ୍ରଦର୍ଶନ କରିବା ସହିତ ୧-୦ ଗୋଲ୍‌ରେ ବିଜୟଲାଭ କରିଥିଲା। ଅତିଥି ଭାବେ ସ୍ଥାନୀୟ ବିଡିଓ ତନ୍ମିତା କର, ତହସିଲ୍‌ଦାର ପ୍ରିୟବ୍ରତ ଦାସ, ପୌରନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁ, ସମାଜସେବୀ ଚନ୍ଦ୍ରକାନ୍ତ ଦାସ(ବିଟୁ ଭାଇ) ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଖେଳାଳିମାନଙ୍କ ସହ ପରିଚୟ ପର୍ବରେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସଭାପତି ଗଗନବିହାରୀ ମହାନ୍ତି, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ବାରିକ, ବରିଷ୍ଠ ସଦସ୍ୟ ବଂଶୀଧର ବେହେରା, ସାମଶୁଲ ହକ୍, ବରିଷ୍ଠ କମକର୍ତ୍ତା ସୁବାସ ଚନ୍ଦ୍ର ମହାନ୍ତି, ନୀଳାଦ୍ରି ନାୟକ, ନିର୍ମଳ ନାଥ, ରମାକାନ୍ତ ପୁହାଣ, ଅମୀୟ ମହାନ୍ତି, ଅଜୟ ପଟ୍ଟନାୟକ, ଗୌତମ ଦେ, ଅଜୟ ପଳିତା, ତୁଳସୀକଲ୍ୟାଣ ବେହେରା ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ଖେଳରେ ରେଫରୀ ଭାବେ ପ୍ରସନ୍ନ ନାୟକ ପରିଚାଳନା କରିଥିବାବେଳେ ୨ ଲାଇନ୍ସମ୍ୟାନ୍ ଭାବେ ମାନସ ବିଶ୍ୱାଳ ଓ ସୁକାନ୍ତ ସିଂ ସହଯୋଗ କରିଥିଲେ। ରବିବାର ଫାଇନାଲ୍ ଖେଳରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଓ ନଟ୍‌ୟେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

### ଚର୍ଚ୍ଚାରେ ଜିଲ୍ଲା ପୁଲିସର ବଦଳି ନିଷ୍ପତ୍ତି

## ଯୋଗଦେବା ପୂର୍ବରୁ ପୁଣି ୨ ଆଇଆଇସିଙ୍କ ବଦଳି

ଧାମନଗର,୭।୨(ସମିସ)

ଭଦ୍ରକ ଜିଲ୍ଲା ପୁଲିସ ବିଭାଗରେ ଏବେ 'ଡିପ୍ଲୟମେଣ୍ଟ ଅର୍ଡର' ବା ବଦଳି ନିର୍ଦ୍ଦେଶକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମାତ୍ର ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଏସ୍‌ପି ଓ ଜିଲ୍ଲା ପୁଲିସ ବୋର୍ଡ ନିଜର ପୂର୍ବ ନିଷ୍ପତ୍ତିକୁ ବଦଳାଇଦେବା, ସ୍ୱଚ୍ଛତା ଓ ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମେ ଚିଠି ସଂଖ୍ୟା ୧୫୨ ଅନୁଯାୟୀ, ଜିଲ୍ଲା ପୁଲିସ ବୋର୍ଡର ବୈଠକ ପରେ ୪୨ ଜଣ ପୁଲିସ ଅଧିକାରୀଙ୍କ ବଦଳି ତାଲିକା ପ୍ରକାଶ ପାଇଥିଲା। ଏଥିରେ ଧାମନଗର ଥାନା ଆଇଆଇସି ରଞ୍ଜନ ସେଠୀଙ୍କୁ ଜିଲ୍ଲା ମୁଖ୍ୟାଳୟର ମାନବାଧିକାର ସୁରକ୍ଷା ସେଲକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ହେଡ୍‌କ୍ୱାର୍ଟରରେ ଥିବା ସୁବ୍ରତ ଦାସଙ୍କୁ ଧାମନଗର ଥାନାର ନୂତନ ଆଇଆଇସି ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାର ୨୪ ଘଣ୍ଟା ନ ପୂରୁଣୁ ୫ ତାରିଖରେ ପୁନଶ୍ଚ ଏହି ବୋର୍ଡ ଓ ଏସ୍‌ପି



ଆଉ ଏକ ନୂଆ ଚିଠି (ସଂଖ୍ୟା ୧୬୫) ଜାରି କଲେ। ଏହି ନୂତନ ନିର୍ଦ୍ଦେଶରେ ସୁବ୍ରତ ଦାସ ଧାମନଗରରେ ଯୋଗ ଦେବା ପୂର୍ବରୁ ହିଁ ତାଙ୍କୁ ହଟାଇ ଦିଆଗଲା ଏବଂ ତାଙ୍କ ବଦଳରେ ଶୁଭ୍ରଜିତ୍ ଦାସଙ୍କୁ ଧାମନଗର ଥାନାର ଦାୟିତ୍ୱ ଦିଆଗଲା। ଜିଲ୍ଲାର ପୁଲିସ ମୁଖ୍ୟ ଭାବେ ଏସ୍‌ପି ମନୋଜ ରାଉତଙ୍କୁ ଜଣେ ଦକ୍ଷ ଓ ଦୃଢ଼ ଅଧିକାରୀ ଭାବେ ଗଣାଯାଉଥିଲା। ମାତ୍ର ତାଙ୍କ ସହମତିରେ ଏକ ସାମ୍ବିଧାନିକ ବୋର୍ଡ (ଜିଲ୍ଲା ପୁଲିସ ବୋର୍ଡ)ର ନିଷ୍ପତ୍ତି ରାତାରାତି ବଦଳିବା ନେଇ ଚର୍ଚ୍ଚା ହେବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଛିଡ଼ା କରୁଛି। ଯେମିତିକି ମାତ୍ର ୫ ମାସରେ ଧାମନଗର ଆଇଆଇସି ରଞ୍ଜନ କୁମାର ସେଠୀଙ୍କୁ କାହା ଚାପରେ ବଦଳି କରାଗଲା ? ତାଙ୍କ ସ୍ଥାନରେ ସୁବ୍ରତ ଦାସଙ୍କୁ ନିଯୁକ୍ତି ଦେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ସେ କ'ଣ ଏମିତି ଅଯୋଗ୍ୟ ହୋଇଗଲେ ଯେ ତାଙ୍କୁ ହଟାଇବାକୁ ପଡ଼ିଲା ନା ଶୁଭ୍ରଜିତ ଦାସଙ୍କୁ ଆଣିବା ପଛରେ କୌଣସି ପ୍ରଭାବଶାଳୀ ବ୍ୟକ୍ତି ବା 'ଅଦୃଶ୍ୟ ଶକ୍ତି'ର ଚାପ ରହିଥିଲା ? ପୁଲିସ ଭଳି ଏକ ଅନୁଶାସିତ ବିଭାଗରେ ଯଦି ବୋର୍ଡର ନିଷ୍ପତ୍ତି ଏତେ ଶୀଘ୍ର ବଦଳେ, ତେବେ ସାଧାରଣ କର୍ମଚାରୀଙ୍କ ମନୋବଳ ଉପରେ ଏହାର କୁପ୍ରଭାବ ପଡ଼ିବା ସ୍ୱାଭାବିକ। କେବଳ ଧାମନଗର ଆଇଆଇସି ପଦକୁ ନେଇ ଏହି ଛକାପଞ୍ଝା କାହିଁକି ? ଏହା ପଛରେ କୌଣସି ରାଜନୈତିକ ସ୍ୱାର୍ଥ ରହିଛି କି? ଏଭଳି ଘଟଣା ପୁଲିସ ପ୍ରଶାସନର ବିଶ୍ୱସନୀୟତାକୁ କ୍ଷୁଣ୍ଣ କରୁଛି। ପୁଲିସ ପ୍ରଶାସନିକ କ୍ଷେତ୍ରରେ ଏହି 'ୟୁ-ଟର୍ଣ୍ଣ' ଆଗାମୀ ଦିନରେ ଜିଲ୍ଲାର ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ କେତେ ସଫଳ ହେବ ତାହା ଦେଖିବାକୁ ବାକି ରହିଲା।

## ଶୁଷ୍କଗଲାଣି ରେବ ନଦୀ

# ବିପଦରେ ଚାଷୀ ଓ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା

**ଅସୁରାଳି, ୭।୨(ସମିସ)**

ଧାମନଗର ବ୍ଲକ ମଧ୍ୟ ଦେଇ ପ୍ରବାହିତ ରେବ ନଦୀ ଏବେ ପ୍ରାୟ ଶୁଷ୍କ। ପ୍ରାୟ ୧୨ ବର୍ଷ ପୂର୍ବେ ନଦୀ ସଂସ୍କାର ଯୋଜନାରେ ୯ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ନଦୀଶଯ୍ୟା ଖନନ କରାଯାଇଥିଲା। କିନ୍ତୁ ସେହି ପ୍ରୟାସ ଫଳଦାୟକ ହୋଇ ନ ଥିବାରୁ ଏବେ ଚାଷୀ, ମତ୍ସ୍ୟଜୀବୀ ଓ ସାଧାରଣ ଲୋକଙ୍କ ଜୀବନଜୀବିକା ବିପଦରେ ପଡ଼ିଛି।

କେନ୍ଦୁଝର ଜିଲ୍ଲାର ନନ୍ଦିପଦାରୁ ଉତ୍ପତ୍ତି ହୋଇ ରେବ ନଦୀ ପ୍ରାୟ ୫୨ କିମି ଦୈର୍ଘ୍ୟରେ ଭଦ୍ରକ ଜିଲ୍ଲାର ୫ଟି ବ୍ଲକର ୯୦୦ ଗାଁକୁ ଜୀବନଦାୟିନୀ। ଧାମନଗର ବ୍ଲକର ୧୦ରୁ ଅଧିକ ଗ୍ରାମର ୫ହଜାର ଚାଷୀ ଏହି ନଦୀ ଉପରେ ନିର୍ଭରଶୀଳ। ପ୍ରାୟ ୭୦୦ ହେକ୍ଟର ଜମିରେ ଧାନ, ମୁଗ, ବିରି ସହିତ ରବି ଋତୁରେ ପନିପରିବା ଚାଷ ହୋଇଥାଏ। ବର୍ତ୍ତମାନ ନଦୀରେ ପାଣି ନ ଥିବାରୁ ଚାଷୀଙ୍କ ଚାଷ ବିପଦରେ।



୯ କୋଟି ଟଙ୍କା ଖର୍ଚ୍ଚ କରି ହୋଇଥିବା ଖନନ ପରେ କୌଣସି ରକ୍ଷଣାବେକ୍ଷଣ ନ ହେବାରୁ ଘାସ, ଦଳ, ଆବର୍ଜନା ଜମି, ପୋତି ହୋଇ ଜଳ ପ୍ରବାହରେ ବାଧାପ୍ରାପ୍ତ। ଆଡ଼ିବନ୍ଧ ମୁକୁଳା ପଡ଼ିଥିବାରୁ ବର୍ଷାଦିନେ ବନ୍ୟା ପାଣି ଗାଁଗୁଡ଼ିକୁ ପଶି ଫସଲ ନଷ୍ଟ କରୁଛି। ଧାମନଗର ବ୍ଲକର ଦଇପୁର, ଚୁଡ଼ାକୁଟି, କଲ୍ୟାଣୀ, ଗୋବିନ୍ଦପୁର, ଅସୁରାଳି, ଫତେପୁର, କାଶିନ୍ଦପୁର ପଞ୍ଚାୟତର ଚାଷୀମାନେ ଏବେ ନିଜ ଚାଷକୁ କେମିତି ବଞ୍ଚାଇବେ ସେ ଚିନ୍ତାରେ ଅଛନ୍ତି। ମତ୍ସ୍ୟଜୀବୀଙ୍କ ବେଉସା ମଧ୍ୟ ପାଣି ନ ଥିବାରୁ ବୁଡ଼ିଯିବାକୁ ବସିଛି। ସମାଧାନ ପ୍ରସ୍ତାବ ଅନୁଯାୟୀ, କାକୁଡ଼ିଗଡ଼ିଆରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରାଗଲେ, ଚାଷୀମାନେ ବହୁତ ଉପକୃତ ହୁଅନ୍ତେ। ନଦୀର ପୁନଃଖନନ, ଆଡ଼ିବନ୍ଧ ମରାମତି ଓ ପ୍ରବାହ ସୁଚଳ କରିବା ପାଇଁ ଯଥାଶୀଘ୍ର ପଦକ୍ଷେପ ଆବଶ୍ୟକ। ପ୍ରଶାସନର ପ୍ରତିକ୍ରିୟା ଅନୁଯାୟୀ, ଭଦ୍ରକ ଜଳ ନିଷ୍କାସନ ବିଭାଗର ଯନ୍ତ୍ରୀ ପ୍ରଦୀପ୍ତ ମଲ୍ଲିକ କହିଛନ୍ତି, ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ରେବ ନଦୀର

- **୯ କୋଟି ଟଙ୍କା ବିନିଯୋଗ କରି ଖୋଳାଯାଇଥିଲା**
- **ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇ ଜଳ ପ୍ରବାହ ବାଧାପ୍ରାପ୍ତ**

ଶୁଷ୍କତା କେବଳ ପରିବେଶୀୟ ସମସ୍ୟା ନୁହେଁ, ଏହା ଭଦ୍ରକର ହଜାର ଚାଷୀଙ୍କ ଜୀବନଜୀବିକାକୁ ସିଧାସଳଖ ପ୍ରଭାବିତ କରୁଛି। ପୁନଃଖନନ, ଚେକ୍‌ଡ୍ୟାମ୍ ନିର୍ମାଣ ଓ ସଂରକ୍ଷଣ ପଦକ୍ଷେପ ନିଆଗଲେ, ଏହି ନଦୀ ପୁଣିଥରେ ଗାଁଗୁଡ଼ିକର ଜୀବନଦାୟିନୀ ହୋଇପାରିବ।

## ୨୦ରେ ରେଳରୋକକୁ ସଫଳ କରିବା ପାଇଁ ବୈଠକ



**ଭଦ୍ରକ, ୭।୨(ସମିସ):** ଭଦ୍ରକ-ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଧାମରା ବନ୍ଦର ଓ ଧାମରା-ଭଦ୍ରକ ରେଳପଥକୁ ସରକାରଙ୍କ ମାଲିକାନାକୁ ଫେରାଇ ଆଣିବା ଦାବିରେ ଆସନ୍ତା ୨୦ ତାରିଖରେ ଭଦ୍ରକ-ଧାମରା ରେଳପଥରେ ଜନ୍ତୁଆଳି ଛକଠାରେ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ରେଳରୋକ ଆନ୍ଦୋଳନ ଡକରା ଦିଆଯାଇଛି। ଏହି ରେଳରୋକ ଆନ୍ଦୋଳନକୁ ସିପିଆଇ(ଏମ୍) ଘଣ୍ଟେଶ୍ୱର ଶାଖା ପକ୍ଷରୁ ଗୋପିନାଥପୁରଠାରେ ଆହୂତ ସାଧାରଣ ବୈଠକରେ ସମର୍ଥନ କରାଯାଇଛି। ହଜାର ହଜାର ଏକର ଚାଷଜମି, ସାଧାରଣ ଲୋକଙ୍କ ଘରଡିହ, ବିଭିନ୍ନ ଗ୍ରାମର ଶ୍ମଶାନ ଜମି, ଗୋଚର ଆଦି ଭଦ୍ରକ ଜିଲ୍ଲାବାସୀ ସବୁଦିନ ପାଇଁ ହରାଇଥିବାବେଳେ ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ଜିଲ୍ଲାବାସୀଙ୍କ ନ୍ୟାଯ୍ୟ ଦାବି ବୋଲି ସିପିଆଇ(ଏମ୍) ପକ୍ଷରୁ ସାଧାରଣ ବୈଠକରେ ଶନିବାର ପ୍ରକାଶ କରାଯାଇଛି।

ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନସ୍ଥ ଚର୍ଦ୍ଦିଆଠାରେ ଭିଡ଼ ହିଂସା ଯୋଗୁଁ ଜଣେ ଚାଷୀ ଆତ୍ମହତ୍ୟା କରିବା, ମଉସୁଧାଠାରେ ଭୂଇଁବୃତ୍ତି ପଞ୍ଚାୟତର ଜଣେ ନାବାଳକକୁ କିଛି ଅସାମାଜିକ ଯୁବକ ଗଛରେ ବାନ୍ଧି ପିଟିବା ଘଟଣାକୁ ସିପିଆଇ(ଏମ୍) ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ରାଜ୍ୟରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମନ୍ତେଇ ନଦୀରେ ବାଲିଆପାଳ ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା, ପଞ୍ଚୁଟିକ୍ରି ପୋଲ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା, ଗଦି-ପଞ୍ଚୁଟିକ୍ରି ରାସ୍ତା, ଦିଗଛିଆ- ବାଲିଆପାଳ ରାସ୍ତାର ପୁନଃନିର୍ମାଣ, ଘଣ୍ଟେଶ୍ୱର ବଜାରରେ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ଆଦି ଦାବିରେ ଆନ୍ଦୋଳନ କରିବା ପାଇଁ ବ୍ରାଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟରେ ଧାନ ବିକ୍ରିରେ ସରକାରୀ ଅବ୍ୟବସ୍ଥାରେ ସୁଧାର ଆଣିବା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ୍ କରିବା, ପୂର୍ବପରି ମନରେଗା ଯୋଜନାକୁ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ଆସନ୍ତା ୧୨ ତାରିଖ ଭାରତ ବନ୍ଦ ପରିପ୍ରେକ୍ଷୀରେ ଘଣ୍ଟେଶ୍ୱର ଅଞ୍ଚଳରେ ଏହି ବନ୍ଦକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଚାନ୍ଦବାଲି ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଯେନା, ଇଂ. କାହ୍ନୁ କିଶୋର ସାହୁ, ଯୁବନେତା ଦୀପକ ଦାସ, କାର୍ତ୍ତିକ ନାଥ, ବିଜୟ ଜେନା, ବରିଷ୍ଠ ନେତା ଜୟରାମ ଦାସ, ଘଣ୍ଟେଶ୍ୱର ବ୍ରାଞ୍ଚ ସମ୍ପାଦକ ଚକ୍ରଧର ଦାସ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଆଗରପଡ଼ା କଲେଜରେ ସାଂସ୍କୃତିକ ସମାରୋହ



**ବନ୍ତ/ଆଗରପଡ଼ା, ୭।୨(ସମିସ):** ଜିଲ୍ଲାର ଅନ୍ୟତମ ପ୍ରମୁଖ ଆଗରପଡ଼ା କଲେଜର ୪୬ତମ ବାର୍ଷିକ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ପାତ୍ରଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ସାବିତ୍ରୀ ମଞ୍ଜରୀ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଭଦ୍ରକ ସ୍ୱୟଂଶାସିତ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ବଉଳା କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଲେଜ ଉତ୍କୃଷ୍ଟ କଳା, ସାହିତ୍ୟ, ଐତିହ୍ୟ, ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ ପରିଷଦ ସଭ୍ୟ ମହେଶ୍ୱର ମଲ୍ଲିକ ଅତିଥି ପରିଚୟ, ଉପସଭାପତି ଅଧ୍ୟାପକ ବିଜୟ ସେଣ୍ଠ ବାର୍ଷିକ ବିବରଣୀ ପାଠ ଓ ସଭ୍ୟ ଅଧ୍ୟାପକ ବ୍ରଜମୋହନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ଡ. ହରିହର ଦାସ, ଅଧ୍ୟାପକ ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ ସହାୟକ ଅଶୋକ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ଶେଷରେ କଣ୍ଠଶିଳ୍ପୀ ଗୌତମ ବାରିକଙ୍କ ଟିମ୍ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ହୋଇଥିଲା।

### ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଛାତ୍ରଛାତ୍ରୀମାନେ ଉଜ୍ୱଳ ଭବିଷ୍ୟତର ଜ୍ୟୋତି

**ବାରିକପୁର, ୭।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଏକମାତ୍ର ପିଏମ୍‌ଶ୍ରୀ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ମୁଖ୍ୟବକ୍ତା ଭାବେ ଭଦ୍ରକ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ବିନୋଦ ବିହାରୀ ମଲ୍ଲିକ, ମଞ୍ଜୁରୀରୋଡ୍ ହାଇସ୍କୁଲ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତ, ଯଦୁମଣି ଦାସ, ପଞ୍ଚସଖା ଶିକ୍ଷାସେତୁ ଉପସଭାପତି କରୁଣାକର ତରାଇ, ପରିଚାଳନା କମିଟି ଉପସଭାନେତ୍ରୀ ମୀନାରାଣୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଉଜ୍ୱଳ ଭବିଷ୍ୟତର ଜ୍ୟୋତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ତାପସ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରିୟବ୍ରତ ବାରିକ ସ୍ୱାଗତ ଭାଷଣ, ସ୍ମୃତିରେଖା ନାୟକ ଅତିଥି ପରିଚୟ ପ୍ରଦାନ ଓ ନିର୍ମଳ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଉତ୍ସବକୁ ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସାହା, ପୂର୍ଣ୍ଣିମା ଧଳ, ବିଜୟଲକ୍ଷ୍ମୀ ସାହୁ, ଭକ୍ତ ପ୍ରସାଦ ମିଶ୍ର, ଭୀମ ଚରଣ ଟୁଡୁ, ବନିତା ପରିଡ଼ା, ସଞ୍ଜୁଲତା ବେଉରିଆ ପ୍ରମୁଖ ପରିଚାଳନା କରିଥିଲେ।



### ନଟରାଜ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟାରେ 'ଜନ୍ମମାଟି'

## 'ନାଟକ ପ୍ରତି ଦର୍ଶକଙ୍କ ସ୍ୱତନ୍ତ୍ର ରୁଚି ବଢ଼ିଛି'

**ଭଦ୍ରକ, ୭।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଓ ସଙ୍ଗୀତ ନାଟକ ଏକାଡେମୀ ମିଳିତ ସହଯୋଗରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଭଦ୍ରକର ଦ୍ୱାବିଂଶତମ ୪ଦିବସୀୟ ନାଟ୍ୟ ମହୋତ୍ସବ-୨୦୨୬ ତା'ର ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ କରିଛନ୍ତି ସୁଦୂର ରାଉରକେଲାର ନାଟ୍ୟ ସଂସ୍ଥା ସମ୍ପର୍କ ତାର ନାଟକ ଜନ୍ମମାଟି। ପ୍ରଥମ ଓ ଦ୍ୱିତୀୟ ଦିନରେ ଅଭୁତ ସଫଳତା ପରେ ୩ୟ ଦିବସରେ ମଧ୍ୟ ଅଭୁତ ଦର୍ଶକଙ୍କ ଉପସ୍ଥିତି ଭଦ୍ରକରେ ନାଟକକୁ ଲୋକେ ପସନ୍ଦ କରୁଥିବା ଏବଂ ନାଟକ ପ୍ରତି ଲୋକଙ୍କ ସ୍ୱତନ୍ତ୍ର ରୁଚି ବଢ଼ିଥିବା ପ୍ରଦୟମାନ ହୋଇଥିଲା। ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ରଚନା ଓ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ ଜନ୍ମମାଟି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ତୃତୀୟ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକାର ଡ. ସୁଧାଂଶୁ ନାୟକ ସଭାପତିତ୍ୱ କରିଥିଲେ। ରାଉରକେଲାରୁ ଆସିଥିବା ନାଟ୍ୟ ସଂସ୍ଥା ସମ୍ପର୍କ ନାଟ୍ୟ ସଂସ୍ଥାର ନାଟକ ଜନ୍ମମାଟି ବିଷୟରେ ସୂଚନା ଦେଇଥିଲେ। ୩ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଭଦ୍ରକରେ ନାଟକକୁ ଏକ ମହୋତ୍ସବରେ ପରିଣତ କରିଥିବା ନାଟ୍ୟ ଅନୁଷ୍ଠାନ ନଟରାଜକୁ ଧନ୍ୟବାଦ ଦେଇଥିଲେ ଶ୍ରୀ ମଲ୍ଲିକ। ଆଗାମୀ ଦିନରେ କିପରି ନାଟକ ଦର୍ଶକଙ୍କ ଆଦୃତ ହେବ ସେ ନେଇ ଆଲୋଚନା କରିଥିଲେ ଶ୍ରୀ ମଲ୍ଲିକ। ନାଟ୍ୟ ଅନୁଷ୍ଠାନ ତରଫରୁ ଦୁଇ ନାଟ୍ୟକାର ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁଗୁଳର ନାଟ୍ୟକାର ସୁଧାଂଶୁ ଶେଖର ଦ୍ୱିବେଦୀ ଓ ଭଦ୍ରକର ମୋଗଲ ତାମ୍‌ସା ମାଧ୍ୟମରେ ସାରା ଦେଶରେ ସୁନାମ ଅର୍ଜନ କରିଥିବା ନାଟ୍ୟକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ପୁରସ୍କାରପ୍ରାପ୍ତ ନାଟ୍ୟକାର ବିଜୟ ବହଲି ଏବଂ ବାଦଲ ସିକଦାରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନାରେ ଉପସଭାପତି ଶିବ ପ୍ରସାଦ ମହାନ୍ତି, ସମ୍ପାଦକ ଦେବବ୍ରତ ମହାନ୍ତି, ପ୍ରଦୀପ ବାରିକ, କମଳଲୋଚନ ପଣ୍ଡା, ବୃନ୍ଦାବନ ସାହୁ, କାଳନ୍ଦୀ ମଲ୍ଲିକ, ଶୁଭେନ୍ଦୁ ସାହୁ, ନିର୍ମଳ ପରିଡ଼ା, ମନୋଜ ମିଶ୍ର, ଭବେଶ ସାହୁ, ସୁମତି ପଣ୍ଡା, ସନିଆ ସା ସହଯୋଗ କରିଥିଲେ।



### ପାଳସାହି ପଞ୍ଚାୟତରେ ବିଜେଡିର ବନ୍ଧୁ ମିଳନ

## ଦଳୀୟ ଏକତା ଓ ସଂଗଠନ ସୁଦୃଢ଼ ନିମନ୍ତେ ଆହ୍ୱାନ



**ଭଦ୍ରକ, ୭।୨(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ବେତାଳିଗାଁ ବୈଦ ଘେରାରେ ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ବିଜେଡିର ପଞ୍ଚାୟତସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ସଭାରେ ଦଳୀୟ ଏକତା ଓ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ନେତାମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ରଇପୁର ସରପଞ୍ଚ ଜଗଦାନନ୍ଦ ସେଠୀ, ପୂର୍ବତନ ପାଳସାହି ସମିତିସଭ୍ୟା ରଞ୍ଜୁଲତା ମହାଲିକ, ପୂର୍ବତନ ସମିତିସଭ୍ୟ ନିମାଇଁ ଚରଣ ସାହୁ, ପୂର୍ବତନ ସଭାପତି ଅନିଲ କୁମାର ଦାସ, ପଞ୍ଚାୟତ ସଭାପତି ବ୍ରଜେନ୍ଦ୍ର ମହାନ୍ତିଙ୍କ ସହିତ ଦଳର ଅନେକ କର୍ମୀ ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ସଭାରେ ଉପସ୍ଥିତ ନେତାମାନେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ତଳସ୍ତରରୁ ଶକ୍ତିଶାଳୀ କରିବା, ସମସ୍ତ କର୍ମୀ ଏକତାବଦ୍ଧ ହୋଇ କାମ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହିଳା କର୍ମୀ, ଯୁବ କର୍ମୀ ଓ ଦଳର ଶୁଭେଚ୍ଛୁମାନଙ୍କର ବ୍ୟାପକ ଉପସ୍ଥିତି ଦେଖାଯାଇଥିଲା। ଶେଷରେ ସମସ୍ତେ ଦଳର ସଫଳତା ଓ ଅଞ୍ଚଳର ଉନ୍ନତି ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଭଦ୍ରକ, ୭।୨(ସମିସ):** ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ଓ ଚରମ୍ପା ମର୍ଣ୍ଣିଂ ଷ୍ଟାର୍ ଫୁଟ୍‌ବଲ କ୍ଲବ୍ ପକ୍ଷରୁ ଅଲ୍ ଓଡ଼ିଶା ଏମ୍‌ଆର୍ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଶନିବାର ଭଦ୍ରକର ଚରମ୍ପା ରେଲ୍‌ୱେ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ଏହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ରାଜ୍ୟ ଯୁବ ଯାଦବ ମହାସଭା ସଭାପତି ଅମର ନାୟକ ଉଦ୍‌ଘାଟନ କରିଛନ୍ତି। ଚରମ୍ପା ମର୍ଣ୍ଣିଂ ଷ୍ଟାର୍ ଫୁଟବଲ କ୍ଲବ୍‌ର କର୍ମକର୍ତ୍ତା ଓ ଜିଲ୍ଲା ଯୁବ ଯାଦବ ସଂଘର ସଭାପତି ଓ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଏହା ହୋଇଛି। ଏଥିସହ ୮ ତାରିଖ ଉଦ୍‌ଯାପନୀ ଦିବସରେ ଦୁଇ ଖେଳାଳିଙ୍କ ସ୍ମୃତିରେ ସକାଳେ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେବେ ବୋଲି କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। କମଳାକାନ୍ତ ବାରିକ, ମନୋଜ ଚୌଧୁରୀ, ରବୀନ୍ଦ୍ର ପ୍ରଧାନ, ଚନ୍ଦନ ରାଉତ, ଗିରିଜା ନନ୍ଦନ ସିଂ, ଦେବରାଜ କିସ୍କୋ, ଗିରିଶ ଚନ୍ଦ୍ର ରାଓ, ଗଙ୍ଗା ମୁଣ୍ଡା ପ୍ରମୁଖ ଆୟୋଜକ ଭାବେ ଉପସ୍ଥିତ ଥିଲେ।

## ଅଭିରାମ ପରମହଂସଙ୍କ ୧୪ତମ ଭକ୍ତ ସମ୍ମିଳନୀ



**ବନ୍ତ/ଆଗରପଡ଼ା, ୭।୨(ସମିସ):** ବନ୍ତ ଗଣିଜାଙ୍ଗ ପଞ୍ଚାୟତ ତାରିଣୀ ଛକ ନିକଟ ପଡ଼ିଆରେ ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ୨ଦିନିଆ ୧୪ତମ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଣିଜାଙ୍ଗ, ଛୟାଳସିଂହ, ବରପଦା, ରାମକୃଷ୍ଣପୁର ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ସଂଖ୍ୟାରେ ଭକ୍ତ ଉପସ୍ଥିତ ଜୀବନ ଦର୍ଶନର ମାର୍ଗ ବିଷୟରେ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ବାବାଜୀ ହରିଶଙ୍କର ଦାସ ମହାରାଜ, ବାବାଜୀ ଧର୍ମାନନ୍ଦ ଦାସ ମହାରାଜ, ବାବାଜୀ ଶ୍ୟାମ ସୁନ୍ଦର ଦାସ ମହାରାଜ, ବାବାଜୀ ଯୋଗାନନ୍ଦ ଦାସ ମହାରାଜ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଭଜନ ଓ ଜଣାଣ ତଥା ତପ ସାଧନା ସମ୍ପର୍କରେ ଆଲୋଚନା କରି ଭକ୍ତଙ୍କ ଜୀବନଚର୍ଯ୍ୟା ଓ ଲକ୍ଷ୍ୟ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ମଦନ ମୋହନ ମହାନ୍ତି, ଦେବେନ୍ଦ୍ର ବେହେରା, ଶୁଭଙ୍କର ମହାପାତ୍ର, ବ୍ରହ୍ମା ଘଡ଼ାଇ, ପ୍ରଫୁଲ୍ଲ ପରିଡ଼ା, ଉଦୟ ନାଥ ସାହୁ, ପଦ୍ମନାଭ ନାୟକ, ବାବୁ ପ୍ରଧାନ, ସନ୍ତୋଷ ବେହେରା, ରାମ ଚନ୍ଦ୍ର ପଣ୍ଡା, ନାରାୟଣ ବାରିକ୍, ଅନିମା ରାଉତ୍, ସନାତନ ଜେନା, ଅନ୍ତର୍ଯ୍ୟାମୀ ପରିଡ଼ା, ନାରାୟଣ ଧଳ, ସତ୍ୟବ୍ରତ ପଣ୍ଡା, ନିରଞ୍ଜନ ନାୟକ, ନବୀନ ଘିଆ, ନାରାୟଣ ବେହେରାଙ୍କ ସମେତ ସମସ୍ତ ଉପସ୍ଥିତ ଭକ୍ତ ପ୍ରମୁଖ ଏହି ୨ ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାଗୁଳାଇ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

**ଧାମନଗର, ୭।୨(ସମିସ):** ଧାମନଗର ବ୍ଲକ ରାଧାବଲ୍ଲଭପୁର ଜାଗୁଳାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ପ୍ରୀତମ୍ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ସିଆର୍‌ସିସି ସେକ୍ ମୋଜାଫର ହୋସେନ, ଶିକ୍ଷକ ମନ୍ମଥ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଉନ୍ନତମାନର ପାଠପଢ଼ା, ବିଦ୍ୟାଳୟର ଉନ୍ନତି ଏବଂ ବାର୍ଷିକ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗଣେଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଦୀପ, ଧୂପ ଜାଳି ପୂଜାର୍ଚ୍ଚନା ପରେ ବନ୍ଦେ ଉତ୍କଳ ଜନନୀ ଗାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଡ଼ୋଶୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ସିଂହ ଅତିଥି ପରିଚୟ ପ୍ରଦାନ, ଉକ୍ତ ବିଦ୍ୟାଳୟ ସହକାରୀ ଶିକ୍ଷକ ରବୀନ୍ଦ୍ର ସେଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାନବେଳେ ସହଯୋଗ କରିଥିଲେ। ୫ ବ୍ୟକ୍ତିଙ୍କୁ ବିଦ୍ୟାଳୟ ତରଫରୁ ଜାଗୁଳାଇ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟର ବିଭିନ୍ନ ବର୍ଗର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଦିପାନ୍ୱିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ମିଲର୍ ଓ ପ୍ରଶାସନ ଛକାପଞ୍ଝା; ବଳି ପଡୁଛନ୍ତି ଚାଷୀ

**ବାରିକପୁର, ୭।୨(ସମିସ):**

ଚଳିତ ବର୍ଷ ଖରିଫ ଧାନ କ୍ରୟ ବ୍ୟବସ୍ଥା ସୁଚାରୁରୂପେ ପରିଚାଳନା ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରଥମତଃ ବିଳମ୍ବରେ ଧାନ କିଣା ହୋଇଥିବାବେଳେ ଏବେ ସୁଦ୍ଧା ବ୍ୟବସ୍ଥା ତ୍ୱରାନ୍ୱିତ ହୋଇନାହିଁ। ମିଲର ଓ ପ୍ରଶାସନ ମଧ୍ୟରେ ଛକାପଞ୍ଝା ଲାଗିରହିଥିବା ବେଳେ ବିଚରା ଚାଷୀମାନେ ବଳି ପଡୁଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସରକାରୀ ଭାବେ ୧୬ଟି ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ବ୍ୟବସ୍ଥା ରହିଛି। ତନ୍ମଧ୍ୟରୁ ୮ଟି ସମବାୟ ସମିତି ଓ ୮ଟି ଏସ୍‌ଏଚ୍‌ଜି ରହିଛି। ମଣ୍ଡି ଖୋଲିବାକୁ ଏକ ମାସ ବିତି ଯାଇଥିଲେ ମଧ୍ୟ ଏଯାଏଁ ୨୦ ପ୍ରତିଶତ ଧାନ କ୍ରୟ ହୋଇନାହିଁ। ପାଖାପାଖି ୬ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏବେ ମାତ୍ର ୧ ଲକ୍ଷ କ୍ୱିଣ୍ଟାଲରୁ ସାମାନ୍ୟ କିଛି ଅଧିକ ଶସ୍ୟ ଚାଷୀମାନେ ବିକ୍ରି କରିଛନ୍ତି। ମନ୍ଥର ଗତିରେ ମଣ୍ଡି ଚାଲିବା ଯୋଗୁଁ ଧାନ ବିକ୍ରି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କିଛି ଚାଷୀଙ୍କ ଟୋକନ୍ କଟିଯାଇପାରେ ବୋଲି ଅନୁମାନ କରାଯାଉଛି। ଏପଟେ ମିଲରମାନେ ନିଜ ସୁବିଧାକୁ ଦେଖି ମଣ୍ଡିକୁ ଗାଡ଼ି ପଠାଇବା ଯୋଗୁଁ ଆବଶ୍ୟକ ପରିମାଣର ଧାନ କ୍ରୟ ହୋଇପାରୁ ନାହିଁ। ଅନେକ ଅସୁବିଧା ଓ ସମସ୍ୟା ଭିତରେ କଷ୍ଟେମଷ୍ଟେ ଧାନ କିଣା ହେଉଥିବାବେଳେ ରବିବାରଠାରୁ ଭଦ୍ରକ ଜିଲ୍ଲାର ମିଲରମାନେ ପ୍ରଶାସନକୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ତାଙ୍କୁ ସରକାର ଓ ପ୍ରଶାସନ ଆବଶ୍ୟକ ସୁବିଧା ଦେଉନାହାନ୍ତି। ତେଣୁ ମିଲର ସଂଘ ମଣ୍ଡିରୁ ଧାନ ନେବାକୁ ଅରାଜି ହେଉଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଓ ମିଲରମାନଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏ ବାବଦରେ ସନ୍ଧ୍ୟାକାଳୀନ ବୈଠକ ଆହୁତ ହୋଇଥିବାବେଳେ ମିଲର ସଂଘ ଆନ୍ଦୋଳନରୁ ଓହରିବ କି ନାହିଁ ସୂଚନା ମିଳିପାରି ନାହିଁ।



# ବାଇକ୍ ଦୁର୍ଘଟଣାରେ ଯୁବତୀ ମୃତ, ଚାଳକ ଗୁରୁତର

ତେଲକୋଇ, ୭।୨(ସମିସ): ତେଲକୋଇ ଥାନା ଅନ୍ତର୍ଗତ ବ୍ଲକ୍ ମୁଖ୍ୟାଳୟ ଗାଣ୍ଡାନଗର ସାହି ଛକ ପୂର୍ବ ବିଭାଗ ରାସ୍ତାରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ହେଲେ ଖମାର ଥାନା ଓଡ଼ଶ ଗ୍ରାମର ଦୁଃଖ ବେହେରାଙ୍କ ଝିଅ ରେଣୁବାଳା (୧୮)। ଗୁରୁତର ଚାଳକ ଜଣଙ୍କ ହେଲେ ତେଲକୋଇ ଥାନା ଛାମୁଣ୍ଡା ଗ୍ରାମର ମୁଣ୍ଡା ସାହିର ରିଙ୍କୁ (୨୫)। ରେଣୁବାଳା ବୋଲକାପାଳ ରେଭେନ୍ୟୁ ଗୁରୁତରର ଦେରେରାଙ୍କ ଘରକୁ ବୁଲିବାକୁ ଆସିଥିଲେ। ସେଠାରୁ ନିକଟରେ ଥିବା ଗାଣ୍ଡାନଗର ସାହିକୁ ସାଙ୍ଗମାନଙ୍କ ସହିତ ବୁଲିଆ ଆସିଥିଲେ। ଶନିବାର ତେଲକୋଇ ଜଗମୋହନପୁର ରାସ୍ତା ସାହି ଛକ ନିକଟରେ ଶୌଚ ପାଇଁ ୩ଜଣ ଝିଅ ସାଙ୍ଗ ହୋଇ ରାସ୍ତା ପାରି ହେଉଥିବା ବେଳେ ତେଲକୋଇ ବଜାର ପଟୁ ବାଇକ ଯୋଗେ ରିଙ୍କୁ ଏକ ସାଙ୍ଗ ପ୍ରକାଶ ମୁଣ୍ଡା ସହ ଦ୍ରୁତ ଗତିରେ ଜଗମୋହନପୁର ଆଡ଼କୁ ଯାଉଥିଲେ। ରେଣୁଙ୍କୁ ଜୋରରେ ଧକ୍କା ଦେବା ଫଳରେ ୩୦ଫୁଟ ଦୂରକୁ ଛିଟିକି ପଡ଼ିଥିଲେ। ଅନ୍ୟ ୨ ଜଣ ଝିଅ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ରେଣୁଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଗୁରୁତର ରିଙ୍କୁଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଆରମ୍ଭ କରିଛି।

# ଗୋରୁ ସହ ଗାଡ଼ି ଜବତ; ୪ ଅଟକ



ହାଟଡ଼ିହି, ୭।୨(ସମିସ): ନନ୍ଦିପଦା ଥାନା ଜଳକଳଙ୍ଗ ଓ ଏଲକଣା ସୀମା ନିକଟସ୍ଥ କେନାଲ ପାଖରେ ବସବାସ କରୁଥିବା ସନାତନ ମଲ୍ଲିକଙ୍କ ଘରୁ ବାହାର ଅଞ୍ଚଳକୁ ବେଆଇନ ଗୋରୁ ଚାଲାଣ ବେଳେ ରାତିଅଧରେ ମାଡ଼ି ବସିଲା ପୁଲିସ। ଶୁକ୍ରବାର ରାତି ନନ୍ଦିପଦା ଥାନା ଏସଆଇ ସୋଲିନା ନାୟକ ରାତ୍ର ପାଟ୍ରୋଲିଂ କରୁଥିବା ସମୟରେ ଓଡ଼ି-୧୧ଭି-୦୯୧୪ ନମ୍ବର ବିଶିଷ୍ଟ ଏକ ପିକଅପ୍ ଭ୍ୟାନ୍‌କୁ ଅଟକ ରଖି ଯାଞ୍ଚ କରିଥିଲେ। ଉକ୍ତ ଗାଡ଼ିରେ ୪ଟି ଗାଈ ଏବଂ ୩ଟି ବାଛୁରି ଥିଲେ। ଗୋରୁଗୁଡ଼ିକୁ ନିକଟସ୍ଥ ବଡ଼ଗମ୍ଭୀର ଗ୍ରାମରୁ ସଂଗ୍ରହ କରାଯାଇଥିଲା। ବେଆଇନ ଗୋରୁ ଚାଲାଣରେ ସମ୍ପୃକ୍ତିରେ ନନ୍ଦିପଦା ପୁଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅଞ୍ଚଳର ରାମଚନ୍ଦ୍ର ମହାନ୍ତ ଏବଂ ବିଦେଶୀ ବେହେରା ହୋଇଥିବା ବେଳେ ଅନ୍ୟ ଦୁଇଜଣ ହାଟଡ଼ିହୀ ପଞ୍ଚାୟତ ଜଳକଳଙ୍ଗ ଗ୍ରାମର ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଉଦ୍ଧାର କରାଯାଇଥିବା ଗୋରୁଗୁଡ଼ିକୁ ଥାନାରେ ରଖାଯାଇଛି। ଏସଆଇ ବିନିତା ଲାକ୍ରା ଏହାର ତଦନ୍ତ ଭାର ନେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଅଟକ ୪ ଜଣଙ୍କୁ କୋର୍ଟ ଚାଲାଣ କରିଯିବା ନେଇ ପୁଲିସଠାରୁ ସୂଚନା ମିଳିଛି।

# ସ୍କୁଲ ପରିସରରେ କଟୁରି ଧରି ଆତଙ୍କ



**ପ୍ରଧାନଶିକ୍ଷୟିତ୍ରୀଙ୍କ ମଦ୍ୟପ ସ୍ୱାମୀର କାଣ୍ଡରେ ଛାତ୍ରଛାତ୍ରୀ ଭୟଭୀତ**

ତୁରୁମୁଙ୍ଗା, ୭।୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ କୁଣ୍ଡୁଳା ପଞ୍ଚାୟତ ଜୟପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଜଣେ ବ୍ୟକ୍ତି ମଦ ନିଶାରେ କଟୁରି ଧରି ଆତଙ୍କ ଖେଳାଇବା ଭିଡିଓ ଭାଇରାଲ ହୋଇଛି। ଶୁକ୍ରବାର ଏହି ଘଟଣା ଘଟିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ଉକ୍ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପୁନମି ନାଏକଙ୍କ ସ୍ୱାମୀ ବିଜୁ ନାଏକ ବୋଲି ଜଣାପଡ଼ିଛି। ମଦ ପିଇ ବିଭିନ୍ନ ପ୍ରକାର ଅସଭ୍ୟ ଭାଷା ପ୍ରୟୋଗ କରି ପାଟିତୁଣ୍ଡ କରିବା ସହ ହାତରେ କଟୁରି ଧରି ଆତଙ୍କ ଖେଳାଇଥିଲା। ସ୍କୁଲରେ କ୍ଲାସ ଚାଲିଥିବା ସମୟରେ ମଦ ପିଇ ମାତାଲ୍ ଅବସ୍ଥାରେ ସ୍ତ୍ରୀଙ୍କ ସହ କୌଣସି କାରଣରୁ ପାଟିତୁଣ୍ଡ କରିଥିଲା। ଖବର ପାଇ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ହାତରେ କଟୁରି ଧରି ସ୍ତ୍ରୀ ଓ ଗାଁ ଲୋକଙ୍କୁ ମାରିଦେବି କହି ଦୀର୍ଘ ସମୟ ସ୍କୁଲରେ ପରିସରରେ ହଙ୍ଗମା କରିଥିଲା। ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ରହୁଥିବା ବେଳେ ସ୍ୱାମୀ-ସ୍ତ୍ରୀଙ୍କ କଳିକୁ ନେଇ ଛାତ୍ରଛାତ୍ରୀ ଭୟଭୀତ ହୋଇପଡ଼ିଛନ୍ତି। ଏହାସହ ପାଠପଢ଼ାରେ ବାଧାପ୍ରାପ୍ତ ହୋଇଥିଲା। ଫୁଲପାହାଡ଼ି ସିଆରସିସି ଏ ବିବାଦରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲା ପରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍କୁଲ ଭିତରେ ନ ରହିବାକୁ ତାଗିଦ କରାଯାଇଛି।

# ମାଣିଦା ସହିଦ ମେମୋରିଆଲ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ରାସଗୋବିନ୍ଦପୁର, ୭।୨(ସମିସ): ୨୦୨୪-୨୦୨୬ ବର୍ଷ ଦ୍ୱାଦଶ ଶ୍ରେଣୀ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ବିଶ୍ୱରଞ୍ଜନ ନନ୍ଦ ସଭା ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ପରେଶ ମହାପାତ୍ର, ପ୍ରାଣୀ ବିଜ୍ଞାନ ବିଭାଗର ଚକ୍ରଧର ଚାନ୍ଦ, ସ୍ନାତକୋତ୍ତର ଶିକ୍ଷକ ସନ୍ନ୍ୟାସୀ ମାଝୀ, ଗିରିଜା ଶଙ୍କର ମହାପାତ୍ର, ନିର୍ମାଲ୍ୟ ଗୋବିନ୍ଦ ଦାସ, ଶୁଭଶ୍ରୀ ଦାସ, ବିକାଶ ଲାକ୍ରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ବାର୍ଷିକ ପରୀକ୍ଷା ନିମନ୍ତେ ପ୍ରେରଣା ଦେଇଥିଲେ। ଏକାଦଶ ଶ୍ରେଣୀ ବିଜ୍ଞାନର ଛାତ୍ରୀ ରାଜଶ୍ରୀ ମହାନ୍ତି ସଭାର ଉଦ୍ଦେଶ୍ୟ କହିବା ସହିତ ବଡ଼ ଭାଇ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ରୀତା, ରାଜନ, ବ୍ରହ୍ମାନନ୍ଦ, ଅନୀତା ନିଜର ଅନୁଭୂତି ବାଣ୍ଟିଥିଲେ। ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀ ବଡ଼ ଭାଇଭଉଣୀଙ୍କୁ ଶ୍ରଦ୍ଧା ସହିତ କଲମ ଓ ମିଷ୍ଟାନ୍ନ ଦେଇ ଆଗାମୀ ପରୀକ୍ଷା ପାଇଁ ଶୁଭେଚ୍ଛା ଜଣାଇଥିଲେ। ପ୍ରଥମ ବର୍ଷ ଛାତ୍ର ସୁନୀଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାକ୍ଟର ଜବତ: ପୁଣି ବାଲି ମାଫିଆ ସକ୍ରିୟ

ତୁରୁମୁଙ୍ଗା, ୭।୨(ସମିସ):



କେନ୍ଦୁଝର ଜିଲ୍ଲା ପାଟଣା ଥାନା ମିରିଗିଖୋଜି ବୈତରଣୀ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ସମୟରେ ପାଟଣା ପୁଲିସ ଚଢ଼ଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି୦୯ଏଲ୍୩୮୨୪)କୁ ଜବତ କରିଛି। ପାଟଣା ତହସିଲ ଅଞ୍ଚଳରେ ବାଲି ମାଫିଆ ସକ୍ରିୟଥିବା ବେଳେ ସମୟ ବ୍ୟବଧାନରେ ବାଲି ଚୋରା ଚାଲାଣ ବୃଦ୍ଧି ଘଟୁଛି। ଧରାପଡିଲେ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ହିତାଧିକାରୀଙ୍କୁ ମହୁରା କରୁଥିବା ଜଣାପଡ଼ିଛି। କିଛି ଦିନ ତଳେ ତୁରୁମୁଙ୍ଗା ଥାନାଞ୍ଚଳରେ ଗତ ବୁଧବାର ବନ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ଉରେ ୫ଟି ଟ୍ରାକ୍ଟରକୁ ଜବତ କରାଯିବା ପରେ ପୁଣି ଛାଡ଼ି ଦିଆଯାଇଥିଲା। ଏଭଳି ଉନ୍ନୟନ କାର୍ଯ୍ୟରେ ବାଲି ବ୍ୟବହାର ପାଇଁ ଚାଲାଣ ହେଉଥିବା ଦର୍ଶାଯାଇଥିଲା। ଏନେଇ ଉତ୍ତେଜନା ଦେଖାଦେଇଥିଲା। ବାଲି ଚୋରା ଚାଲାଣକାରୀମାନେ ଗ୍ରାମବାସୀ ଏବଂ ମହିଳାଙ୍କୁ ଭୋଜି ଦେବାର ପ୍ରଲୋଭନ ଦେଖାଇ କର୍ମଚାରୀଙ୍କୁ ଅଟକ ରଖିବାକୁ କହିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବାଲି ମାଫିଆଙ୍କ ଦୌରାତ୍ମ୍ୟ ଏବେ ଚରମ ସୀମାରେ ପହଞ୍ଚିଥିବା ବେଳେ ଅଧିକାରୀଙ୍କୁ ମାରି ଦେବାକୁ କହିବାକୁ ପଛାଇ ନଥିଲେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବାଲି ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ମୁରୁସୁଆଁବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବଡ଼ ଗାଡି(ହାଇୱା)ରେ ବାଲି ଚୋରା ଚାଲାଣ ଧରପକଡ଼ ଯୋଗୁଁ ଏବେ ମାଫିଆମାନେ ଟ୍ରାକ୍ଟର ଯୋଗେ ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ କରି ଡିପୋ କରୁଛନ୍ତି। ଟ୍ରାକ୍ଟର ମାଲିକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତୋଦ୍ୟୋୟ ଗୃହ ଯୋଜନାରେ ଆସିଥିବା ହିତାଧିକାରୀଙ୍କ କାର୍ଯ୍ୟାଦେଶକୁ ଆଳ କରି ଶହ ଶହ ଟ୍ରିପ ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ





## ବାଙ୍କ ଉଚ୍ଚ ବିଦ୍ୟାଳୟ

ଚମ୍ପୁଆ, ୭।୨(ସମିସ): ଚମ୍ପୁଆ ବ୍ଲକ୍ ବାଙ୍କସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଲିଲିମୁନି ମୁଣ୍ଡାଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରକୃତି ବନ୍ଧୁ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମକୁମାରୀ ସୌଦାମିନୀ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାକୁଡ ଏବଂ ଅନୁଷ୍ଠାନର ପ୍ରଥମ ବ୍ୟାଚ ଛାତ୍ର ତଥା ଏମ୍ଏମ୍‌ଟିସିର ଅବସରପ୍ରାପ୍ତ ଅଧିକାରୀ ମାଗୁଣୀ ପାତ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଶିକ୍ଷକ ମନୋଜ ଦଳେଇ ଅତିଥିଙ୍କୁ ପରିଚୟ କରାଇଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷକ ପଦ୍ମଚରଣ। ବାର୍ଷିକ କ୍ରୀଡ଼ା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ବନଫୁଲ ଇଂରାଜୀ ମଧ୍ୟମ ବିଦ୍ୟାଳୟ

ତେଲକୋଇ: ତେଲକୋଇ ବ୍ଲକ ତେଲକୋଇ ପଞ୍ଚାୟତ ଦନ୍ଦୁଆ ମୁଣ୍ଡାସ୍ଥିତ ବନଫୁଲ ଇଂରାଜୀ ମଧ୍ୟମ ବିଦ୍ୟାଳୟରେ ଶନିବାର ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରଘୁନାଥ ପରିଡ଼ା, ସମ୍ମାନିତ ଅତିଥି ଭାବେ ବନଫୁଲ ଇଂରାଜୀ ମଧ୍ୟମ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ନରହରି ପ୍ରଧାନ, ତେଲକୋଇ ପ୍ରେସକ୍ଲବର ସଂପାଦକ ବିରଞ୍ଚି ବେହେରା, ସକାଳ ପ୍ରତିନିଧି ଅନୁକୂଳ ବିଶ୍ୱାଳ ଓ ବନଫୁଲ ଇଂରାଜୀ ମଧ୍ୟମ ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ନାରାୟଣ ଦାସ ଅନ୍ତର୍ଭୁକ୍ତ ରହିଥିଲେ। ଉତ୍ସବରେ କୁନି କୁନି ଛାତ୍ରଛାତ୍ରୀଙ୍କ ନୃତ୍ୟ ପ୍ରଦର୍ଶନ ବହୁ ଉଚ୍ଚକୋଟୀର ରହିଥିବା ବେଳେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ପରିଚାଳନା କରିଥିଲେ। ଶିକ୍ଷକ ଦୀପକ ସାହୁଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଦାଦାବଟି ମାଗି ୪ ଗିରଫ

ଯୋଡ଼ା, ୭।୨(ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ଜରିବାହାଲ ରୁଙ୍ଗଟା ଛକ ନିକଟରେ ଏକ କମ୍ପାନୀର ସ୍ଲରୀ ପାଇପ କାର୍ଯ୍ୟ ଚାଲିଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୫ଟା ସମୟରେ ୪ ଜଣ ଯୁବକ କାର୍ଯ୍ୟ ବନ୍ଦ କରିବା ଏବଂ ଏକ ଲକ୍ଷ ଟଙ୍କା ଚାନ୍ଦା ମାଗିବା, କାର୍ଯ୍ୟରତ କର୍ମଚାରୀଙ୍କୁ ମାରପିଟ କରିଥିବା ଅଭିଯୋଗ ହୋଇଛି। ଉପସ୍ଥିତ ଥିବା ଜେଇ ବାଧା ଦେବାରୁ ତାଙ୍କୁ ମଧ୍ୟ ଉକ୍ତ ଯୁବକମାନେ ମାରପିଟ କରି ପାଖରେ ଥିବା ଟଙ୍କାକୁ ଲୁଟ କରିଥିଲେ। କମ୍ପାନୀର ଜୁନିୟର ଇଞ୍ଜିନିଅର କୁମାର ବିଶାଳ ଜିତ ଅଭିଯୋଗ କରିବା ପରେ ବାମେବାରୀ ପୁଲିସ ସମସ୍ତ ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଜୋସ କେତନ ଭୋଇ ପ୍ରକାଶ କରିଛନ୍ତି।

# ଆଇଟିଇପି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ

ବାରିପଦା, ୭।୨(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇଟିଇପି ବିଭାଗ ପକ୍ଷରୁ ପ୍ରଥମ ବର୍ଷ



ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ କ୍ୟାପଟେନ ଡକ୍ଟର ବିଦ୍ୟୁତପ୍ରଭା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରକଳା ମୂର୍ତ୍ତରୁ ଅମୂର୍ତ୍ତଗାମୀ ହୋଇପାରିଲେ ତା'ର ସ୍ୱତନ୍ତ୍ରତା ପ୍ରତିପାଦିତ ହୋଇପାରେ ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ଅନାମ କୁମାର ରାଉଳ, ଡକ୍ଟର ସରୋଜ ନାୟକ, ଉମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କଳା ଅଧ୍ୟାପକ ଈଶ୍ୱର କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ମାଳତୀ ହେମ୍ବ୍ରମ ଓ ସୁଜାତାରାଣୀ ଜେନାଙ୍କ ମଣ୍ଡଳ ଚିତ୍ର, ଅଂଶୁମାନ ମହାନ୍ତଙ୍କ ପଟ୍ଟଚିତ୍ର, ପ୍ରଜ୍ଞାପରମିତା ପଣ୍ଡାଙ୍କ ଗଣ୍ଡଚିତ୍ର, କୌଶିକ ଗିରିଙ୍କ ଦୃଶ୍ୟଚିତ୍ର, ଶ୍ୱେତଲିନା ମହାନ୍ତଙ୍କ କଲାଜଆର୍ଟ ଶ୍ରେଷ୍ଠ ବିବେଚିତ ହୋଇଥିଲା।

# ଗୁଣ୍ଡୁରିଆ ସହିଦ ଦିବସ ପାଳନ



ରାଇରଙ୍ଗପୁର, ୭।୨ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗୁଣ୍ଡୁରିଆଠାରେ ଜନଜାତି ଆଦିବାସୀ ସଂପ୍ରଦାୟ ପକ୍ଷରୁ ସହିଦ ଦିବସ ପାଳିତ ହୋଇଛି। ସହିଦ ଆଦିବାସୀଙ୍କ ସ୍ମୃତିଚାରଣ କରିବା ପାଇଁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ଆଦିବାସୀ ସଂପ୍ରଦାୟ ସହିଦ ଦିବସ ପାଳନ କରିଛନ୍ତି। ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମିଶ୍ରଣକୁ ବିରୋଧ କରି ଆଦିବାସୀ ମହାସଭା ପକ୍ଷରୁ ୧୯୪୯ ଫେବୃଆରୀ ୬ ତାରିଖରେ ଗୁଣ୍ଡୁରିଆଠାରେ ସଭା ଆୟୋଜନ କରାଯାଇଥିଲା। ଆଦିବାସୀ ସମ୍ପ୍ରଦାୟର ଲୋକେ ଓଡ଼ିଶାରେ ମୟୂରଭଞ୍ଜ ମିଶ୍ରଣକୁ ବିରୋଧ କରି ସ୍ୱତନ୍ତ୍ର 'ଦିଶୋମ ରାଜ୍ୟ' ଘୋଷଣା କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ସରକାରଙ୍କ ନିକଟରେ ଦାବି କରିଥିଲେ। ଓଡ଼ିଶା ସହିତ ନ ମିଶିବା ନେଇ ଆଦିବାସୀ ମହାସଭା ରାଷ୍ଟ୍ରୀୟ ଅଧକ୍ଷ ଜୈପାଲ ସିଂ ଓ ସମ୍ପାଦକ ସୁନାରାମ ସୋରେନଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାର କୋହ୍ଲ, ସାନ୍ତାଳ, ଭୂମିଜ, ଧରୁଆ, ହୋ, ବାଥୁଡି, ଭୁଇୟାଁ, ଲୋଧା ଖାଡିଆ ଓ ଅନ୍ୟାନ୍ୟ ଜନଜାତି ସମ୍ପ୍ରଦାୟର ଲୋକେ ଆନ୍ଦୋଳନକୁ ତୀବ୍ରତର କରିଥିଲେ। ଏ ନେଇ ଗୁଣ୍ଡୁରିଆରେ ଏକ ବିଶାଳ ସଭାର ଆୟୋଜନ କରାଯାଇ ଅସଂଖ୍ୟ ଆଦିବାସୀ ସଂପ୍ରଦାୟର ଲୋକେ ଯୋଗ ଦେଇଥିଲେ। ତେବେ କୌଣସି କାରଣବଶତଃ ତତ୍କାଳୀନ ପୁଲିସ ପ୍ରଶାସନ ପକ୍ଷରୁ ନିରୀହ ଆଦିବାସୀଙ୍କ ଉପରେ ଗୁଳି ବର୍ଷଣ କରିଥିଲା। ଏଥିରେ ଶତାଧିକ ଲୋକ ମୃତ୍ୟୁବରଣ କରିଥିଲେ। ଦୀର୍ଘ ବର୍ଷ ପରେ ବି ଘଟଣା ଆଜି ବି ମନରୁ ଲିଭିପାରିନି। ଏ ନେଇ ଆଦିବାସୀ ସଂପ୍ରଦାୟର ଲୋକେ ଗୁଳିକାଣ୍ଡ ସ୍ଥଳ ଗୁଣ୍ଡୁରିଆଠାରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରି ସହିଦଙ୍କୁ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। କେତେ ଜଣ ସହିଦ ହୋଇଥିଲେ ସେମାନଙ୍କୁ ଚିହ୍ନଟ ସହ ସହିଦ ସ୍ତମ୍ଭ ଓ ପୀଠର ନିର୍ମାଣ ପାଇଁ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରି ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ରୋହିଦାସ ସିଂ ନାଗଙ୍କ ଜୟନ୍ତୀ





ବାରିପଦା, ୭।୨(ସମିସ): ଶ୍ୟାମାଖୁଣ୍ଟା ବ୍ଲକ ରଙ୍ଗାମାଟିଆ ଗପଞ୍ଚାୟତର ଶାଳବଣିଠାରେ ମୁଣ୍ଡାରୀ ଭାଷାର ଲିପି ସ୍ରଷ୍ଟା ଅଲ୍ ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଣ୍ଡାରୀ ଭାଷାର ଅନୁଚ୍ଛେଦ ପଠନ ପ୍ରତିଯୋଗିତା, ମୁଣ୍ଡାରୀ ସଂସ୍କୃତି ଆଧାରିତ ପ୍ରବନ୍ଧ ଲିଖନ ପ୍ରତିଯୋଗୀତା, ଅଲ୍ ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା, ମୁଣ୍ଡାରୀ ପାରମ୍ପରିକ ଚିତ୍ରାଙ୍କନ ପ୍ରତିଯୋଗିତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଓଡ଼ିଶା ଓ ଝାଡ଼ଖଣ୍ଡର ୩୨ଟି ମୁଣ୍ଡାରୀ ବିଦ୍ୟାଳୟର ୧୫ ବର୍ଷ ବୟସରୁ କମ୍ ବୟସର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଜିଲ୍ଲା ସମ୍ପାଦିକା ଅନ୍ନପୂର୍ଣ୍ଣା ସିଂ, ମୁଣ୍ଡାରୀ ବାନି ଶିକ୍ଷକ ଶୁକଦେବ ସିଂ ପ୍ରମୁଖ ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିସହିତ ଗତ ଜାନୁଆରୀ ୨୫ ତାରିଖରେ ଅନୁଷ୍ଠିତ ହୋଇଯାଇଥିବା ଅଲ୍ ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗ୍ ମୁଣ୍ଡାରୀ ମେଧାବୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣ ସଭାରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବୀରବଲ ସିଂ ସଭାପତିତ୍ୱ କରିଥିଲେ। ସୁଗୁଦା ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶ୍ୟାମାଖୁଣ୍ଟା ବ୍ଲକ ୪୯ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଲକାନ ପ୍ରଭୁଦୟାଲ୍ ନାଗ୍, ସେନ୍ ଗେ ସୁସୁନ୍ କମିଟିର କାର୍ଯ୍ୟକାରୀ ସଭାପତି ସୁବନ୍ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ବାଉଁଶବିଲା ପଞ୍ଚାୟତ ଆବାହକ ସୁନାରାମ ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡି ଜିଲ୍ଲା କମିଟିରେ କୁଳିଅଣା ବ୍ଲକ୍‌ର ୩

କୁଳିଅଣା, ୭।୨(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଜନତା ଦଳ ପକ୍ଷରୁ ମୟୂରଭଞ୍ଜ-୧ ସାଂଗଠନିକ ଜିଲ୍ଲା କମିଟି ଗଠନ ସହିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସାଂଗଠନିକ ଜିଲ୍ଲା କମିଟିରେ ନିର୍ବାଚନମଣ୍ଡଳୀ ୱାରୀ କର୍ମକର୍ତ୍ତା ରହିଛନ୍ତି। ମୟୂରଭଞ୍ଜ-୧ ସାଂଗଠନିକ ଜିଲ୍ଲାରେ ବାରିପଦା, ମୋରଡା, ବଡ଼ସାହି, ଉଦଳା ଓ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ରହିଛି। ବାଙ୍ଗରିପୋଷୀ ନିର୍ବାଚନମଣ୍ଡଳୀର କୁଳିଅଣା ବ୍ଲକରୁ ଉପସଭାପତି ଭାବେ ଦୁର୍ଗାଚରଣ ମାରାଣ୍ଡି, ସମ୍ପାଦକ ଭାବେ ରବୀନ୍ଦ୍ର କର ଓ ବିମ୍ବାଧର ମହାନ୍ତ ଜିଲ୍ଲା କମିଟିକୁ ମନୋନିତ ହୋଇଛନ୍ତି। ଏହି କର୍ମକର୍ତ୍ତା ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ଜିଲ୍ଲା ବିଜେଡି ସଭାପତି ସୁଦାମ ମାରାଣ୍ଡିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ପାଠଚକ୍ର





ବାରିପଦା, ୭।୨(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଇତିହାସରେ ପୁରାଣ ଓ କିମ୍ବଦନ୍ତୀ ସହ ଭାରତୀୟ ଜ୍ଞାନ ପରମ୍ପରା' ଶୀର୍ଷକ ଏହି ପାଠଚକ୍ରରେ ସ୍ଥାନୀୟ ଶ୍ରୀମା'ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ସେବା ନିବୃତ୍ତ ଅଧ୍ୟାପକ ଡ. ନରସିଂହ ବାରିକ ଯୋଗଦେଇ ପୁରାଣ ଓ କିମ୍ବଦନ୍ତୀ ଆଧାରରେ ଇତିହାସ, ପୁଣି ପୁରାଣ ଓ କିମ୍ବଦନ୍ତୀକୁ ଆଶ୍ରୟ କରି ଅତୀତର ସତ୍ୟ କିପରି ଉଦଘାଟନ ହୋଇଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କ୍ରମରେ ମାଣ୍ଡବ୍ୟ ଋଷି, ରାମାୟଣ, ମହାଭାରତ, ଗ୍ରୀକ, ରୋମାନ ଆଦି କାହାଣୀକୁ ଆଧାର କରି ଐତିହାସିକମାନେ କିପରି ଅତୀତର ସତ୍ୟ ଉଦଘାଟନ କରିବାକୁ ପ୍ରୟାସ କରିଛନ୍ତି ଓ ସଫଳ ହୋଇଛନ୍ତି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅଧକ୍ଷା ଡ. ସାଗରିକା ସିଂହ ଉକ୍ତ ପାଠଚକ୍ରରେ ସଭାପତିତ୍ୱ କରି କହିଥିଲେ, ଆମ ପୁରାଣ ଓ କିମ୍ବଦନ୍ତୀ ଅନେକ କ୍ଷେତ୍ରରେ ଇତିହାସ ସହ ଜଡିତ। ପୁରାଣ ଓ କିମ୍ବଦନ୍ତୀର ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ଫଳରେ ବହୁ ସତ୍ୟ ଉଦଘାଟନ ହୋଇପାରିଛି। ଇତିହାସ ବିଭାଗ ମୁଖ୍ୟ ଲକ୍ଷ୍ମଣ ମୁର୍ମୁ ଅତିଥି ପରିଚୟ ସହ ପାଠଚକ୍ରର ଅଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସମ୍ପିତା ରୂପ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ଦେବକୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଖରାଦିନ ଆରମ୍ଭ ନ ହେଉଣୁ ପାଣି ସମସ୍ୟା**

# ଜଳଯୋଗାଣ କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ

ରାସଗୋବିନ୍ଦପୁର, ୭।୨(ସମିସ):



ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ନାକିଚୁଆ ଗାଁରେ ନିର୍ମାଣ ହୋଇଛି ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ। ତେବେ ଗ୍ରୀଷ୍ମଋତୁ ଆରମ୍ଭ ନ ହେବା ପୂର୍ବରୁ ଦେଖାଦେଇଛି ପାନୀୟଜଳ ସମସ୍ୟା। ନିମ୍ନମାନର କାମ ହୋଇଥିବାରୁ ଆଜି ପାନୀୟଜଳ ପ୍ରକଳ୍ପ ଠପ ହେବାକୁ ଯାଉଛି। ଏଭଳି ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଗାଁ ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ସରପଞ୍ଚ ଲୋକଙ୍କ ସମସ୍ୟା ବୁଝିବା ବଦଳରେ ଦେଖାଉଛନ୍ତି ନାଲି ଆଖି। ଏ ନେଇ ନାକିଚୁଆ ଗ୍ରାମର ମହିଳା ଜଳଯୋଗାଣ କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରିଛନ୍ତି।

ସୂଚନା ମୁତାବକ, ନାକିଚୁଆ ଗାଁରେ ଦୀର୍ଘଦିନରୁ ଜଳଯୋଗାଣ ସୁଚାରୁରୂପେ ହେଉ ନ ଥିବାରୁ ଆଜି ମହିଳାମାନେ ଜଳଯୋଗାଣ କେନ୍ଦ୍ରରେ ତାଲା ପକାଇବା ସହ ପଞ୍ଚାୟତ ଅଫିସ ଫାଟକରେ ତାଲା ପକାଇ ପିଇବା ପାଣି ମିଳୁ ବୋଲି ଦାବି କରିଥିଲେ। ନାକିଚୁଆ ସରପଞ୍ଚ ରୁଣ୍ଡୁ ହାଁସଦା ଉପସ୍ଥିତ ହୋଇ କାହିଁକି ପଞ୍ଚାୟତରେ ତାଲା ପକାଇଲ କହି ମହିଳାଙ୍କୁ ନାଲି ଆଖି ଦେଖାଇଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ଭିଡିଓ ଉତ୍ତୋଳନ କରିବାରୁ ସରପଞ୍ଚ ଦୁର୍ବ୍ୟବହାର କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲେ। ସରପଞ୍ଚ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ଗଣମାଧ୍ୟମର କଣ୍ଠରୋଧ କରିବାକୁ ପ୍ରୟାସ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଜଳଯୋଗାଣ ଅଧିକାରୀ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା, ପାନୀୟ ଜଳ ନ ମିଳିବା ଯାଏ ପଞ୍ଚାୟତର ତାଲା ଖୋଲାଯିବ ନାହିଁ ବୋଲି ଜିଦରେ ଅଡି ବସିଥିଲେ। ମହିଳାମାନେ ସରପଞ୍ଚ, ବିଭାଗୀୟ ଜେଇଙ୍କୁ ଗୋଳିଆ ପାଣି ଦେଖାଇବା ସହ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଛଡାଯିବ ନାହିଁ ବୋଲି ଜିଦରେ ଅଡି ବସିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ରାସଗୋବିନ୍ଦପୁର ଥାନା ସବଇନ୍ସପେକ୍ଟର ହେମନ୍ତ ପାତ୍ର ପହଞ୍ଚି ବୁଝାସୁଝା କରିଥିଲେ। ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ।



# ‘ରକ୍ତ ଗୋଲାପ’ର ଟ୍ରେଲର ରିଲିଜ୍


ନିକଟରେ ମୁକ୍ତିଲାଭ କରିଥିବା ‘ରକ୍ତ ଗୋଲାପ’ର ଟ୍ରେଲର ଦର୍ଶକଙ୍କ ମଧ୍ୟରେ ଏକ ଅଭୁଲା ସ୍ମୃତି ସୃଷ୍ଟି କରିଛି । ଏହି ଚଳଚ୍ଚିତ୍ରଟି ଏକ ନୂତନ କାହାଣୀ ଏବଂ ଉଚ୍ଚକୋଟୀର ଅଭିନୟର ଏକ ଚମତ୍କାର ମିଶ୍ରଣ ଭାବରେ ଉଭା ହୋଇଛି । ଓଡ଼ିଶାର ଦକ୍ଷ ଥିଏଟର କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ଟ୍ରେଲର, ବାସ୍ତବବାଦୀ ଏବଂ ଭାବପୂର୍ଣ୍ଣ ଅଭିନୟର ଏକ ନିଆରା ଅନୁଭୂତି ଦେଇଛି । ମଞ୍ଚ ଜଗତର ଅଭିଜ୍ଞ କଳାକାର ହର ରଥ, ସମରେଶ, ଉଦିତ, ଚୌଧୁରୀ ଜୟପ୍ରକାଶ ଏବଂ ଅଭିଷେକ ଗିରି ସେମାନଙ୍କର ବହୁ ବର୍ଷର ଅଭିନୟ ଅନୁଭୂତିକୁ ପରଦା ଉପରେ ଜୀବନ୍ତ କରିଛନ୍ତି । ସେମାନଙ୍କର ନିଖୁଣ ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସସ୍‌ପେନ୍ସ-ଥ୍ରିଲର୍ କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି । ‘ରକ୍ତ ଗୋଲାପ’ରେ ଏଲିନା ସାମନ୍ତରାୟ ଏକ ଆକର୍ଷଣୀୟ ଭୂମିକାରେ ନଜର ଆସିଛନ୍ତି, ଯାହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ଭାବପୂର୍ଣ୍ଣ ଅଭିନୟ ହେବାକୁ ଯାଉଛି । ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟର ସଂଘର୍ଷକୁ ସେ ଚମତ୍କାର ଭାବେ ରୂପାୟନ କରିଛନ୍ତି । ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି । ଆଶିଷ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଥ୍ରିଲର୍‌ର ପ୍ରଚ୍ଛଦ ମ୍ୟୁଜିକ୍ ଦର୍ଶକଙ୍କ ମନରେ ରୋମାଞ୍ଚ ଓ ଉତ୍ସୁକତା ଭରି ଦେଉଛି । ନିର୍ଦ୍ଦେଶକ ଶିଶିର ପିନାକୀଙ୍କ ସୁନ୍ଦର ନିର୍ଦ୍ଦେଶନା, ‘ରକ୍ତ ଗୋଲାପ’କୁ ଏକ ସମ୍ପୂର୍ଣ୍ଣ ଅଭିନୟ-ଭିତ୍ତିକ ଥ୍ରିଲର୍ ଭାବରେ ପ୍ରତିଷ୍ଠିତ କରିଛି । ଚଳଚ୍ଚିତ୍ରଟି ଆସନ୍ତା ଫେବୃଆରୀ ୧୩ ତାରିଖରେ ରିଲିଜ୍ ହେବ ।

ପରଦା ପଛର କାହାଣୀ

# ଶୈଳେନ୍ଦ୍ର-ଶିବାନୀଙ୍କ ଯୋଡ଼ି

ଫେବୃଆରୀ ୧୩ରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ବର ବଧୂ’ । ସିନେମାର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀଙ୍କୁ ଦେଖିବାକୁ ମିଳିବ । ଦୁହିଁଙ୍କ ଯୋଡ଼ିକୁ ‘ଛିରେ ନନୀ’ ସିନେମାରେ ଦର୍ଶକୀୟ ଆଦୃତି ମିଳିଥିଲା । ତେଣୁ ଏଥର ମଧ୍ୟ ପୂର୍ବ ପରି ଦୁହିଁଙ୍କୁ ଦର୍ଶକଙ୍କ ଭଲପାଇବା ମିଳିବ । ସେହିପରି ସିନେମାରେ ‘କୁନି କୁନି’ ରୋମାଣ୍ଟିକ ଗୀତକୁ ଦର୍ଶକେ ପସନ୍ଦ କରିଛନ୍ତି । ଏଥିରେ ଶିବାନୀ ଓ ଶୈଳେନ୍ଦ୍ରଙ୍କ ଯୋଡ଼ି ଚର୍ଚ୍ଚା ସାଉଁଟୁଛି । ସିନେମାରେ ଶୈଳେନ୍ଦ୍ର ‘ବିଜୁ’ ଏବଂ ଶିବାନୀ ‘ସୁମନ’ ଚରିତ୍ରରେ ଅଭିନୟ କରିଛନ୍ତି । ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହି ସିନେମାର କାହାଣୀରେ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିବେ । ସିନେମାର ନିର୍ଦ୍ଦେଶନାରେ ବିଶ୍ୱ ରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ର ମଣି । ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ ।





ଉକ୍ତ ସିନେମାଟି ୨୦୦୬ ମସିହାରେ ମୁକ୍ତିଲାଭ କରିଥିଲା । ଅବଶ୍ୟ ଫିଲ୍ମଟିର ସିକ୍ୱେଲକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ଲାଗି ରହିଥିଲା । ଏହାର ସିକ୍ୱେଲରେ ଅକ୍ଷୟ କୁମାର ଏବଂ ପରେଶ ରାୱଲ ସାମିଲ ଅଛନ୍ତି । ହେଲେ ଏଥିରେ ଗୋବିନ୍ଦାଙ୍କ ସ୍ଥାନରେ ମନୋଜ ବାଜପେୟୀଙ୍କ ଏଣ୍ଟ୍ରି ହୋଇଛି । ତେବେ ‘ଭାଗମ୍ ଭାଗ୍’ରେ ଗୋବିନ୍ଦାଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ତେଣୁ ଗୋବିନ୍ଦାଙ୍କ ସ୍ଥାନରେ ମନୋଜ ଏହାକୁ କେତେ ଦୂର ନିଭାଇ ପାରିବେ, ତାହା ଫିଲ୍ମ ରିଲିଜ୍ ହେଲେ ପରେ ହିଁ ଜଣାପଡ଼ିବ । ସେହିପରି ସିନେମାରେ ଅକ୍ଷୟଙ୍କ ବିପକ୍ଷରେ ମୀନାକ୍ଷୀ ଚୌଧୁରୀ ନଜର ଆସିବେ । ହେଲେ ମନୋଜଙ୍କ ବିପକ୍ଷରେ କେଉଁ ଅଭିନେତ୍ରୀ କରିବେ, ସେକଥା ଜଣାପଡ଼ି ନାହିଁ । ସିନେମାର ସୁଟିଂ ଆସନ୍ତା ମାସରୁ ମୁମ୍ବାଇରେ ଆରମ୍ଭ ହେବ ।

# ‘ଭାଗମ୍ ଭାଗ୍-୨’ରେ ମନୋଜଙ୍କ ଏଣ୍ଟ୍ରି



ବଲିଉଡ୍‌ରେ ଏବେ ସିକ୍ୱେଲ୍ ସିନେମା ନିର୍ମାଣର ଧାରା ଚାଲିଛି । ଏହି କ୍ରମରେ ଏବେ କମେଡ଼ି ସିନେମା ‘ଭାଗମ୍ ଭାଗ୍’ର ବି ସିକ୍ୱେଲ ନିର୍ମାଣ ହେବାକୁ ଯାଉଛି ।


# ପାଗଳଖାନା ବଦଳରେ ଦୁର୍ଗରେ ସୁଟିଂ



ସଲମାନ ଓ ଭୂମିକାଙ୍କ ଅଭିନୀତ ଫିଲ୍ମ ‘ତେରେ ନାମ’ ୨୦୦୦ ମସିହାର ସବୁଠୁ ଅଧିକ ଲୋକପ୍ରିୟ ରୋମାଣ୍ଟିକ୍ ଫିଲ୍ମ ମଧ୍ୟରୁ ଅନ୍ୟତମ । ଏଥିରେ ସଲ୍‌ମାନ୍ ଏବଂ ଭୂମିକାଙ୍କ ଜବରଦସ୍ତ ଅଭିନୟକୁ ଲୋକେ ଭୂରି ଭୂରି ପ୍ରଶଂସା କରିଥିଲେ । ଫିଲ୍ମର ଗୀତ, କାହାଣୀ ଏବଂ ଦୁଃଖଦାୟକ ସମାପ୍ତି ଏବେ ବି ଦର୍ଶକଙ୍କ ହୃଦୟରେ ସ୍ମୃତି ହୋଇ ରହିଛି । ଏଥିପାଇଁ ଫିଲ୍ମଟି ଏବେ ମଧ୍ୟ ଚର୍ଚ୍ଚାରେ ରହିଛି । ଫିଲ୍ମର ସବୁଠୁ ସ୍ମରଣୀୟ ଦୃଶ୍ୟ ପାଗଳଖାନାର ସୁଟିଂକୁ ନେଇ ଏକ ରୋଚକ କାହାଣୀ ରହିଛି । ଫିଲ୍ମରେ ଦେଖାଯାଇଥିବା ଶ୍ରୀପୁରାଧାମ ଆଶ୍ରମର ଦୃଶ୍ୟ କୌଣସି ପାଗଳଖାନାରେ ସୁଟିଂ ହୋଇ ନ ଥିଲା । ଏହା ହାଇଦ୍ରାବାଦର ଐତିହାସିକ ଗୋଲକୁଣ୍ଡା ଦୁର୍ଗରେ ସୁଟିଂ ହୋଇଥିଲା । ସଲମାନଙ୍କ ଅଭିନୀତ ‘ରାଧେ’ ଚରିତ୍ର ଶ୍ରୀପୁରାଧାମ୍ ଆଶ୍ରମରେ ବିତାଇଥିବା ଯନ୍ତ୍ରଣାଦାୟକ ମୁହୂର୍ତ୍ତ, ଅନ୍ଧାର ଗଳି, ଲୁହା ଗେଟ୍ ଏବଂ ପଥର ପ୍ରାଚୀର ସହ ଦେଖାଯାଇଥିଲା । ଏଥିରେ କାହାଣୀ ଆହୁରି ଭାବ ବିହ୍ୱଳ ହୋଇଥିଲା । ଏହି ଦୃଶ୍ୟ ପାଇଁ ଫିଲ୍ମ ନିର୍ମାତା ଗୋଲକୁଣ୍ଡାର ପ୍ରାଚୀନ ଏବଂ ଶାନ୍ତିପୂର୍ଣ୍ଣ ଦୁର୍ଗକୁ ପସନ୍ଦ କରିଥିଲେ । ଏହାକୁ ପାଗଳଖାନାର ରୂପରେଖ ଦିଆଯାଇଥିଲା । ଦୁର୍ଗର ମଜଭୁତ ପଥର କାନ୍ଥ, ନିଆରା ନିର୍ମାଣ ଶୈଳୀ କୌଣସି ବଡ଼ ସେଟ୍ ବିନା ଏହାକୁ ଭୟଙ୍କର ଏବଂ ବାସ୍ତବିକ ପାଗଳଖାନାର ରୂପ ଦେବାରେ ସହାୟକ ହୋଇଥିଲା । ଏଥିପାଇଁ ବେଶି କିଛି କରିବାକୁ ପଡ଼ି ନ ଥିଲା । ସତୀଶ କୌଶିକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ୨୦୦୩ ମସିହାରେ ମୁକ୍ତିଲାଭ କରିଥିଲା । ସଲମାନ ଖାନ୍‌ଙ୍କ କ୍ୟାରିୟରରେ ‘ତେରେ ନାମ’ ଫିଲ୍ମଟି ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହୋଇଥିଲା । ସଲମାନଙ୍କ ଚରିତ୍ର ଏବେ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଛି । ତେବେ ଐତିହାସିକରୁ ରୋମାଣ୍ଟିକ ଫିଲ୍ମ ଯାଏ ଗୋଲକୁଣ୍ଡା ଦୁର୍ଗରେ ସୁଟିଂ କରାଯାଏ ।

# ୧୨ ବର୍ଷ ପରେ ଏକାଠି ଶାହରୁଖ-ଫରାହ

ପୁଣି ଥରେ ଶାହରୁଖ ଖାନ୍ ଏବଂ ଫରାହ ଖାନଙ୍କ ଯୋଡ଼ି ବଡ଼ ପରଦାକୁ ଫେରିବାକୁ ଯାଉଛନ୍ତି । ଫରାହ ‘ମେଁ ହୁଁ ନା-୨’ ସିନେମାର କାହାଣୀ ଉପରେ ଦୀର୍ଘଦିନରୁ କାମ କରି ଆସୁଥିଲେ । ଏହି ସିନେମାରେ ଶାହରୁଖ ଡବଲ ଚରିତ୍ରରେ ନଜର ଆସିବେ । ଏହା ହିଁ କାହାଣୀକୁ ଅଧିକ ରୋମାଞ୍ଚକ କରିବ ବୋଲି କୁହାଯାଉଛି । ତେବେ ଶାହରୁଖ ଏବଂ ଫରାହ ୧୨ ବର୍ଷ ପରେ ଏକାଠି ଏହି ସିନେମାରେ କାମ କରିବେ । ସେହିପରି ସିନେମାରେ ଶାହରୁଖ ତାଙ୍କ ଚରିତ୍ରକୁ ଜାଣିବା ପରେ ଖୁବ୍ ଉତ୍ସାହିତ ଅଛନ୍ତି । କାରଣ ଏଥିରେ ତାଙ୍କୁ ଦୁଇଟି ବିପରୀତ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବ । ସିକ୍ୱେଲରେ ବି ଦେଶଭକ୍ତି ଓ କମେଡିର ଧାରା ଜାରି ରହିବ । ତେଣୁ କରି ଏଥିରେ ବି ଭରପୂର ଦେଶଭକ୍ତି ଦେଖିବାକୁ ମିଳିବ । ଅନ୍ୟପଟେ ଶାହରୁଖଙ୍କ ବ୍ୟତୀତ ସିନେମାରେ ଅନ୍ୟ ପୁରୁଣା କଳାକାରଙ୍କ ଲେଉଟାଣି ହୋଇପାରେ ବୋଲି କୁହାଯାଉଛି ।




## ସା କ୍ଷା ତ କା ର

ଭଲ ଅଭିନେତ୍ରୀଟିଏ ହେବାକୁ ଅନେକ ଜଣ ସ୍ୱପ୍ନ ଦେଖନ୍ତି । ଆଉ ସେହି ସ୍ୱପ୍ନ ପୂରା କରିବାକୁ ପଡ଼େ ନାନା ସଂଘର୍ଷ ଭିତରେ । ତେବେ ସଂଘର୍ଷକୁ ଖାତିର ନ କରି ଯିଏ ଆଗେଇ ଚାଲନ୍ତି ସେ ହିଁ ସଫଳତାର ସ୍ୱାଦ ଚାଖନ୍ତି । ଏହି କଥାର ସାରମର୍ମକୁ ସେ ବୁଝିଥିଲେ ବୋଲି ଆଜି ସେ ପାଲଟି ଯାଇଛନ୍ତି ଜଣେ ଅଭିନେତ୍ରୀ । କଳାକାରଟିଏ ହେବାକୁ ସେ ଦେଇଛନ୍ତି ଅନେକ ପରୀକ୍ଷା । ଆଉ ଏବେ ସେ ‘ସାଥି ସାତ ଜନ୍ମର’ରେ ସାଲିନି ଭୂମିକାରେ ଅଭିନୟ କରୁଛନ୍ତି । ଏହି ନବାଗତା ନାୟିକା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱରର ସୁଶ୍ରୀ ଅପର୍ଣ୍ଣା ପାଠୀ । ଅଧ୍ୟାପିକା ହେବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ । ନିଶା କିନ୍ତୁ ତାଙ୍କର ଅଭିନୟ କରିବା । ଅଡିସନ୍, ପ୍ରୋମୋସୁଟ୍ ମାଧ୍ୟମରେ ଚୟନ ହୋଇ ସେ ମେଗା ଧାରାବାହିକରେ ପାଦ ଥାପିଛନ୍ତି । ଏଥିପାଇଁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।

# “ମୋର ଇଚ୍ଛା ନିଜକୁ ମୁଖ୍ୟ ଚରିତ୍ରରେ ଦେଖିବା”

**ସୁଶ୍ରୀ ଅପର୍ଣ୍ଣା ପାଠୀ, ଅଭିନେତା**



**ଅଭିନେତ୍ରୀ ହେବାକୁ କାହିଁକି ଭାବିଲେ?**

● ମୁଁ ଜଣେ ସ୍ନାତୋକତ୍ତର (ଓଡ଼ିଆ) ଛାତ୍ରୀ । ଇଚ୍ଛା ଅଛି ମୋ ନାମ ପୂର୍ବରୁ ଡକ୍ଟର ଲାଗିବ । ଅଧ୍ୟାପିକା ହେବା ମୋର ମୂଳ ଲକ୍ଷ୍ୟ । ହେଲେ ପିଲାଟି ଦିନରୁ ଅଭିନୟ ପ୍ରତି ମୋର ଅହେତୁକ ଦୁର୍ବଳତା ରହିଛି । ତେଣୁ ମୁଁ ସ୍କୁଲ, କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଅଭିନୟ କରୁଥିଲି । ପ୍ରଥମେ ମ୍ୟୁଜିକ୍ ଭିଡିଓ କରିବା ଆଶାରେ ଏକ ଅଡିସନ୍ ଦେଇଥିଲି । କୌଣସି କାରଣବଶତଃ ସେଥିରେ ଚୟନ ହେଲିନି । କିଛି କ୍ଷଣ ପାଇଁ ମନ ଦୁଃଖ ହୋଇଥିଲା । ତଥାପି ମୁଁ ମୋର ସଂଘର୍ଷ ଜାରି ରଖିଥିଲି । ‘ସିନେ ଷ୍ଟାର୍ କି ଖୋଜ୍’ ରିଆଲିଟି ଶୋ’ରେ ମୋତେ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିଥିଲା । ପରେ ପରେ ଏକ ପ୍ରୋମୋସୁଟ୍ ଦ୍ୱାରା ‘ସାଥି ସାତ ଜନ୍ମର’ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା ।

**ଏଥିପାଇଁ କେତେ ସଂଘର୍ଷ କରିଛନ୍ତି?**

● ବହୁତ ସଂଘର୍ଷ କରିବାକୁ ପଡ଼ିଛି । ଏକ ମ୍ୟୁଜିକ୍ ଭିଡିଓରେ କାମ ନ ମିଳିବା ପରେ ମୁଁ ଅନେକ ପ୍ରଡକ୍ସନ ହାଉସ୍‌କୁ ଯାଇଛି । ଫଟୋସୁଟ୍ କରିଛି । ଦୀର୍ଘ ଦିନ ଧରି ଗୋଟେ କାମ ମିଳିବାକୁ ଅପେକ୍ଷା କରିବାକୁ ପଡ଼ିଛି । ବାସ୍ତବରେ ସେ ସମୟ ମୋ’ ପାଇଁ ବହୁତ କଷ୍ଟକର ଥିଲା ।

**ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି?**

● ଏ ଲାଇନ୍‌ରେ ମୁଁ ନୂଆ ନୂଆ ଆସିଥାଏ । ମନରେ ଭୟ ଥିଲା । କେମିତି କ୍ୟାମେରାକୁ ସାମ୍ନା କରିବି, ସେ ଚିନ୍ତା ଥାଏ । ତା’ ସାଙ୍ଗକୁ ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ । ହେଲେ ଧାରାବାହିକର ପୂରା ଟିମ୍ ମୋର ସହ-କଳାକାର ଓ ଗୁରୁଜନମାନେ ମୋତେ ଭୟଛାଡ଼ି କାମ କରିବାକୁ ପ୍ରେରଣା ଦେଇଥଲେ । କାମକୁ ନେଇ ସିରିୟସ୍ ହୋଇ ସଟ୍ ଦେଇଥିଲି ।

**‘ସାଲିନି’ ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ‘ସାଥି ସାତ ଜନ୍ମର’ ଏକ ଲୋକପ୍ରିୟ ଧାରାବାହିକ । ସାଲିନି ଚରିତ୍ରକୁ ଫିଟ୍ ଭାବି ନିର୍ମାତା ମୋତେ ଏହି ଚରିତ୍ର ଦେଇଛନ୍ତି । ଏଥିରେ ମୁଁ ଦେବଙ୍କ ଭାଇ ବୋହୂ ଚରିତ୍ରରେ ଅଭିନୟ କରୁଛି । ସାଲିନି ଜଣେ କ୍ରୋଧୀ ମହିଳା । ତା’ ଭିତରେ ନକାରାତ୍ମକ ପ୍ରବୃତ୍ତି ଭରି ରହିଛି । ସବୁବେଳେ ତା’ର ସ୍ୱାମୀଙ୍କ କଥା ମଝିରେ ପଶି କଥାକୁ ଏପଟ ସେପଟ କରୁଛି ।

**ସୁଟିଂ ନ ଥିଲେ କ’ଣ କରନ୍ତି?**

● ପଢ଼ାପଢ଼ି କରେ । ପରିବାର ସହିତ ସମୟ ବିତାଏ ।

**ଫିଟ୍‌ନେସର ରାଜ୍?**

● ଜିମ୍ ଯାଏ । ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ଅଭିନୟ ମାର୍ଜିତ କରିବାକୁ କ’ଣ କରିବା ଦରକାର?**

● ଯେଉଁ କାମ ଆପଣଙ୍କୁ ଖୁସି ଦେଉଛି ତାହା ପ୍ରତି ସେତିକି ସମର୍ପିତ ରହିବା ଜରୁରି । ଠିକ୍ ସେମିତି ଅଭିନୟକୁ ମାର୍ଜିତ କରିବାକୁ ଭିନ୍ନ ଭିନ୍ନ ଚରିତ୍ରକୁ ଅନୁକରଣ କରିବା ଦରକାର । ଦର୍ପଣ ସାମ୍ନାରେ ପ୍ରତିଦିନ କିଛି ନା କିଛି ସଂଳାପ କହି ନିଜକୁ ପ୍ରସ୍ତୁତ କରିବା ଜରୁରି । ଯେଉଁମାନେ ଏହି ଲାଇନ୍‌ରେ ଆସିବାକୁ ଚାହୁଁଛନ୍ତି, ସେମାନେ ନିଜକୁ ସେତିକି ପ୍ରସ୍ତୁତ କରି ଆସନ୍ତୁ । ଏବେ ଏହି ଲାଇନ୍‌କୁ ପ୍ରବେଶ କରିବାକୁ ଅନେକ ପ୍ଲାଟ୍‌ଫର୍ମ ରହିଛି । ତେଣୁ ନିଜର ପ୍ରତିଭାକୁ ପ୍ରଦର୍ଶନ କରି ଜଣେ ଅଭିନେତା, ଅଭିନେତ୍ରୀ ହୋଇପାରିବେ ।

**ଆଗାମୀ ଯୋଜନା?**

● ମୁଖ୍ୟ ଚରିତ୍ରରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛି । କେବଳ ସେତିକି ନୁହେଁ, ପ୍ରତ୍ୟେକ କଳାକାର ବଡ଼ ପରଦାରେ ନିଜକୁ ଦେଖିବାକୁ ଚାହାଁନ୍ତି । ମୁଁ ମଧ୍ୟ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛି । ଦର୍ପଣ ଆଗରେ ଅଭ୍ୟାସ ଜାରି ରଖିଛି । ତେବେ ଦର୍ଶକଙ୍କ ଭଲପାଇବା ମୋତେ ଆଗକୁ ନେବ ବୋଲି ମୋର ଆଶା ।

## ଆମେରିକାର ଶାଡ୍‌ଲୀଙ୍କ ଘାତକ ବୋଲିଂ

# ସମ୍ମାନ ରଖିଲେ ସୂର୍ଯ୍ୟକୁମାର



ମୁମ୍ବଇ,୭।୨(ଏଜେନ୍ସି)

୩୭ ବର୍ଷୀୟ ମିଡିୟମ୍ ପେସ୍ ବୋଲର ଶାଡ୍‌ଲୀ ଭାନ୍ ସ୍କାଲ୍‌କ୍ୱିକ୍‌ଙ୍କ ଘାତକ ବୋଲିଂ ବଳରେ ଏଠାରେ ଆଜି ଅନୁଷ୍ଠିତ ଆମେରିକା ବିପକ୍ଷ ବିଶ୍ୱକପ୍ ମୁକାବିଲାରେ ଭାରତ ବ୍ୟାଟିଂରେ ସଂଘର୍ଷ କରିଛି । ଆଜି ଖେଳାଯାଇଥିବା ଗ୍ରୁପ୍-ଏ'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସୂର୍ଯ୍ୟକୁମାର ଯାଦବ (୪୯ ବଲ୍‌ରେ ଅପରାଜିତ ୮୪ରନ୍)ଙ୍କ ଅର୍ଦ୍ଧଶତକ ବଳରେ ସମ୍ମାନ ରକ୍ଷା ହୋଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୬୧ ରନ୍ କରିପାରିଛି । ଦଳ ପକ୍ଷରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୮୪, ତିଳକ ବର୍ମା ୨୫, ଇଶାନ କିଶାନ ୨୦ ଓ ଅକ୍ଷର ପଟେଲ ୧୪ ରନ୍ କରିଥିଲେ । ଆମେରିକା ପକ୍ଷରୁ ଶାଡ୍‌ଲୀ ଭାନ୍ ସ୍କାଲ୍‌କ୍ୱିକ୍ ୪ ଓଭରରେ ୨୫ ରନ୍ ଦେଇ ୩ଟି ୱିକେଟ ପାଇଥିଲେ । ପାକିସ୍ତାନୀ ବଂଶୋଦ୍ଭବ ଅଲି ଖାନ୍‌ଙ୍କୁ ଗୋଟିଏ ୱିକେଟ ମିଳିଛି । ଅଭିଷେକ ଶର୍ମାଙ୍କୁ ସେ ପ୍ରଥମ ବଲ୍‌ରେ ଆଉଟ କରିଦେଇଥିଲେ ।

ପୂର୍ବରୁ ଆମେରିକା ଅଧିନାୟକ ମୋନାକ ପଟେଲ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ । ଭାରତ ଇଶାନ ଓ ଅଭିଷେକଙ୍କୁ ଇନିଂସ ଓପନ କରିବାକୁ ସୁଯୋଗ ଦେଇଥିଲେ । ପ୍ରଥମ ଓଭରରେ ଇଶାନ ସଂଘର୍ଷ କରିଥିଲେ ମଧ୍ୟ ୮ ରନ୍ କରିଥିଲେ । କିନ୍ତୁ ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା ଆଉଟ ହୋଇଥିଲେ । ପାକିସ୍ତାନୀ ବୋଲର ଅଲି ଖାନ୍‌ଙ୍କ ବୋଲିଂରେ କ୍ୟାଚ୍ ଧରିଥିଲେ ସଞ୍ଜୟ କ୍ରିଷ୍ଣମୂର୍ତ୍ତି । ନଂ-୩ରେ ଖେଳିବାକୁ ଆସି ତିଳକ ବର୍ମା କିଛିଟା ହାତଖୋଲା ସଟ୍ ଖେଳି ୧୬ ବଲ୍‌ରୁ ୨୫ ରନ୍ ଉଠାଇଥିଲେ । ତାଙ୍କ ପରେ ଶିବମ ଦୁବେ ୦, ରିଙ୍କୁ ସିଂ ୧୪ ବଲ୍‌ରେ ୬, ହାର୍ଦ୍ଦିକ ପାଣ୍ଡ୍ୟା ୫ ରନ୍ କରି ଆଉଟ ହୋଇଥିଲେ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଧୈର୍ଯ୍ୟପୂର୍ଣ୍ଣ ଭାବେ ଖେଳି ଭାରତର ସ୍କୋରକୁ ୧୦୦ ରନ୍ ପାର କରାଇବାରେ ସମର୍ଥ ହୋଇଥିଲେ । ଶେଷରେ ସେ ୪୯ ବଲ୍ ଖେଳି ୧୦ ଚୌକା ଓ ୪ ଛକା ବଳରେ ୮୪ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ ।

### ଅସୁସ୍ଥ ବୁମ୍‌ରା ଖେଳିଲେନି

ଏହି ମ୍ୟାଚ୍‌ରେ ଭାରତ ଅସୁସ୍ଥ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ବାଦ୍ ଦେଇ ଖେଳିଥିଲା । ବୁମ୍‌ରାଙ୍କ ସହ ୱାଶିଂଟନ ସୁନ୍ଦର, ସଞ୍ଜୁ ସାମସନ ଓ କୁଲଦୀପ ଯାଦବଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା । ସଞ୍ଜୁଙ୍କ ସ୍ଥାନରେ ଭାରତ ଇଶାନଙ୍କୁ ଇନିଂସ ଓପନ କରିବାକୁ ସୁଯୋଗ ଦେଇଥିଲା । ଅନ୍ୟ ପକ୍ଷରେ ଗୁଜରାଟୀ ଖେଳାଳି ମୋନାକ ପଟେଲଙ୍କ ନେତୃତ୍ୱରେ ଆମେରିକା ଏହି ମ୍ୟାଚ୍ ଖେଳିଥିଲା । ଚୂଡ଼ାନ୍ତ ଏକାଦଶରେ ୭ଜଣ ଭାରତୀୟ, ୨ ଜଣ ପାକିସ୍ତାନୀ, ଜଣେ ଲେଖାଏଁ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକୀୟ ବଂଶୋଦ୍ଭବ ଖେଳାଳି ଖେଳୁଛନ୍ତି । ମୁମ୍ବଇରେ ଖେଳୁଥିବା ସୌରଭ ନେତ୍ରାଭାଲକର ଓ ହରମିତ୍ ସିଂହ ଆମେରିକା ଦଳରେ ସାମିଲ ହୋଇଛନ୍ତି ।

**ସଂକ୍ଷିପ୍ତ ସ୍କୋର**

**ଭାରତ ଇନିଂସ : ୧୬୧/ ୯ , ୨୦ ଓଭର (ସୂର୍ଯ୍ୟକୁମାର ଯାଦବ- ୮୪*, ତିଳକ ବର୍ମା- ୨୫, ଇଶାନ କିଶାନ-୨୦, ଅଭିଷେକ ଶର୍ମା-୦, ଶିବମ ଦୁବେ-୦, ରିଙ୍କୁ ସିଂ-୬, ହାର୍ଦ୍ଦିକ ପାଣ୍ଡ୍ୟା-୫, ଶାଡ୍‌ଲୀ ଭାନ୍ ସ୍କାଲକ୍ୱିକ୍-୪/୨୫, ହରମିତ ସିଂହ-୨/୨୬) ।**

# ପାକିସ୍ତାନକୁ ପରାଜୟରୁ ରକ୍ଷା କଲେ ଫହୀମ୍



କଲମ୍ବୋ,୭।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲାରେ ପାକିସ୍ତାନ ୩ ୱିକେଟରେ ନେଦରଲାଣ୍ଡସକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡସ ପ୍ରତିପକ୍ଷ ପାକିସ୍ତାନ ଆଗରେ ୧୪୮ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଏହି ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଏକଦା ୨ ୱିକେଟରେ ୯୮ ରନ୍ କରିଥିଲାବେଳେ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭ ୱିକେଟରେ ୧୧୪ ରନ୍‌ରେ ପହଞ୍ଚିଥିଲା । ଏହି ସମୟରେ ଫହୀମ ଅଶ୍ରଫ୍ ଓ ସାହିନ ଆଫ୍ରିଦୀ ବ୍ୟାଟିଂ କରୁଥିଲେ । ଶେଷ ୨ ଓଭରରେ ପାକିସ୍ତାନକୁ ମ୍ୟାଚ୍ ଜିତିବାକୁ ୨୯ ରନ୍ ଆବଶ୍ୟକ ହେଉଥିଲା । ଏହି ସମୟରେ ପ୍ରଭାବୀ ବୋଲିଂ କରିଥିବା ଲୋଗାନ ଭାନ୍ ୱିକ୍ ୧୯ତମ ବୋଲିଂ କରିବାକୁ ଆସିଥିଲେ । ଦ୍ରୁତ ବ୍ୟାଟିଂ ଲାଗି ଖ୍ୟାତିଅର୍ଜନ କରିଥିବା ଫହୀମ ଏହି ଓଭରରେ ବିସ୍ଫୋରକ ବ୍ୟାଟିଂ କରି ୩ଟି ଛକା ଓ ଗୋଟିଏ ଚୌକା ସହ ୨୪ ରନ୍ ଉଠାଇ ପାକିସ୍ତାନକୁ ଏକ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ । ଫହୀମ ଏହି ଓଭରର ପ୍ରଥମ ବଲ୍‌କୁ ଛକା ମାରିବା ପରେ ଦ୍ୱିତୀୟ ବଲ୍‌କୁ ଆଉଏକ ଶକ୍ତିଶାଳୀ ସଟ୍ ମାରିବାକୁ ଯାଇ ଲଙ୍ଗଅନ୍ ଅଞ୍ଚଳରେ ସୁଯୋଗ ଦେଇଥିଲେ । ଏଠାରେ ଫିଲ୍ଡିଂ କରୁଥିବା ମ୍ୟାକ୍ସ ଓ ଦାଉଦ୍ କିନ୍ତୁ ଏହି ସୁଯୋଗକୁ ହାତଛଡ଼ା କରିଥଲେ । କ୍ୟାଚ୍ ଧରିଥିଲେ ସେ ନେଦରଲାଣ୍ଡସକୁ ମ୍ୟାଚ୍ ଜିତାଇଥାନ୍ତେ, କିନ୍ତୁ କ୍ୟାଚ୍ ଡ୍ରପ୍ କରିବା ପରେ ପାକିସ୍ତାନ ଆଉ ୩ଟି ବଲ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଫହୀମ ମାତ୍ର ୧୧ଟି ବଲ୍‌ରୁ ୨ ଚୌକା ଓ ୩ଟି ବିଶାଳ ଛକା ସହ ୨୯ ରନ୍‌ରେ ଅପରାଜିତ ରହିଥିଲେ । ଓପନର ସାହିବଜାଦା ଫରହାନ ସର୍ବାଧିକ ୪୭, ବାବର ଆଜମ ୧୫ ରନ୍ କରିଥିଲେ । ପୂର୍ବରୁ ନେଦରଲାଣ୍ଡସ ୧୯.୫ ଓଭରରେ ମାତ୍ର ୧୪୭ ରନ୍ କରିଥିଲା । ବାସ୍ ଡି ଲିଡ୍ ସର୍ବାଧିକ ୩୦ ରନ୍ କରିଥିଲାବେଳେ ପାକିସ୍ତାନର ସଲମାନ ମିର୍ଜା ୩ଟି, ମହମ୍ମଦ୍ ନୱାଜ, ଆବ୍ରାର ଅହମ୍ମଦ୍ ଓ ସାଏମ ଆୟୁବ ୨ଟି ଲେଖାଏଁ ୱିକେଟ ପାଇଥିଲେ ।

# ହେଟମାୟରଙ୍କ ଅର୍ଦ୍ଧଶତକ, ଶେଫର୍ଡଙ୍କୁ ୫ ୱିକେଟ



କୋଲକାତା,୭।୨(ଏଜେନ୍ସି): ବିସ୍ଫୋରକ ବ୍ୟାଟର ସିମରନ ହେଟମାୟରଙ୍କ ଅର୍ଦ୍ଧଶତକ ଓ ରୋମାରିଓ ଫେଫର୍ଡଙ୍କ ୫ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଅନୁଷ୍ଠିତ ଗ୍ରୁପ୍-ସି' ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି । ହେଟମାୟର ମାତ୍ର ୨୨ଟି ବଲ୍‌ରେ ୫୦ ରନ୍ ପୂରଣ କରି ଇଣ୍ଡିଜ୍‌ର ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି । ସେ ମୋଟରେ ୩୬ ବଲ୍‌ରୁ ୬୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୨ ରନ୍ କରିଥିଲା । ଅନ୍ୟମାନଙ୍କ ମଧ୍ୟରୁ ବ୍ରାଣ୍ଡନ କିଙ୍ଗ୍ ୩୫, ସେର୍ଫାନ ରଦରଫୋର୍ଡ ୨୬, ରୋଭମାନ ପାୱେଲ ୨୪ରନ୍‌ର ଯୋଗଦାନ କରିଥିଲେ । ଜବାବରେ ସେଫର୍ଡ ୨୦ ରନ୍‌ରେ ୫ ଓ ଜେସନ ହୋଲ୍ଡର ୩୦ ରନ୍‌ରେ ୩ ୱିକେଟ ନେବା ଫଳରେ ୧୮୩ ରନର ଟାର୍ଗେଟକୁ ପିଛା କରି ସ୍କଟଲାଣ୍ଡ ୧୮.୫ ଓଭରରେ ୧୪୭ ରନ୍‌ରେ ଅଲ୍‌ଆଉଟ ହୋଇଥିଲା । ଅଧିନାୟକ ରିଚି ବେରିଂଟନ ସର୍ବାଧିକ ୪୨ ଓ ଟମ୍ ବ୍ରୁସ୍ ୩୫ ରନ୍ କରିଥିଲେ ।



| ଆଜିର ବିଶ୍ୱକପ୍ ମ୍ୟାଚ୍ | |
|---|---|
| ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ | ଆରମ୍ଭ : ପୂର୍ବାହ୍ଣ ୧୧ଟା, ଚେନ୍ନଇ |
| ଇଂଲଣ୍ଡ-ନେପାଳ | ଆରମ୍ଭ : ଅପରାହ୍ଣ ୩ଟା, ମୁମ୍ବଇ |
| ଶ୍ରୀଲଙ୍କା-ଆୟର୍ଲାଣ୍ଡ | ଆରମ୍ଭ : ରାତି ୭ଟା, କଲମ୍ବୋ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | |

● ବିଶ୍ୱକପ୍‌ରେ ଭାରତକୁ ବୟକଟ

## ଆଇସିସି-ପିସିବି'ର ଆଲୋଚନା ଆରମ୍ଭ

ଦୁବାଇ,୭।୨(ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଭାରତ ସହ ମୁକାବିଲାକୁ ପାକିସ୍ତାନ ବୟକଟ କରିବା ପରେ ଏହାର ସମାଧାନ ଲାଗି ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ) ଓ ପିସିବି (ପାକିସ୍ତାନ କ୍ରିକେଟ ବୋର୍ଡ) ମଧ୍ୟରେ ଗତକାଲିଠାରୁ ଆଲୋଚନା ଆରମ୍ଭ ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ଇ-ମେଲ ଯୋଗେ ଆଲୋଚନା ହୋଇଛି । ଭାରତ ସହ ଖେଳିବାକୁ ପାକିସ୍ତାନ କ୍ରିକେଟ ଦଳ ପଡ଼ିଆକୁ ଓହ୍ଲାଇବ ନାହିଁ ବୋଲି ସରକାରଙ୍କ 'ଏକ୍ସ'ରେ ଘୋଷଣା କରିବା ପରେ ଏହାକୁ ନେଇ ହଟଚମଟ ସୃଷ୍ଟି ହୋଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କୁ ମନାଇବା ସକାଶେ ପିସିବିକୁ ଆଇସିସି ଅନୁରୋଧ କରିଛି । ଆଇସିସି ଏହି ମେଲ୍‌ରେ ପାକିସ୍ତାନ ଏହି ମୁକାବିଲାରୁ ଓହରିଗଲେ ଟୁର୍ଣ୍ଣାମେଣ୍ଟର, କ୍ରିକେଟର ଓ ପାକିସ୍ତାନ କ୍ରିକେଟ କି ପ୍ରକାର କ୍ଷତି ହେବ ତାହା ମଧ୍ୟ ପିସିବିକୁ ଅବଗତ କରାଯାଇଛି । ଆଇସିସି ପକ୍ଷରୁ ଏହି ଆଲୋଚନାରେ ଭାଗନେଉଥିବା ପ୍ରତିନିଧିମାନଙ୍କୁ ଧୈର୍ଯ୍ୟର ସହ ସ୍ଥିତିକୁ ଉପସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଫୋର୍ସ ମେଜର ମାଧ୍ୟମରେ ପିସିବି ଭାରତ ସହ ଖେଳିବାକୁ ଯିବ ନାହିଁ ବୋଲି ଦାବି ଉପସ୍ଥାପନ କରିଛି । କିନ୍ତୁ ସର୍ବସାଧାରଣରେ ଏହା ଭାରତ ସହ ମ୍ୟାଚ୍ ବୟକଟ ସମ୍ପର୍କରେ କିଛି ସୂଚନା ଦେଇନାହିଁ । ଏଣୁ ଭାରତ ସହ ଖେଳିବାକୁ ପାକିସ୍ତାନ ନରମ ମନୋଭାବ ପୋଷଣ କରିବ ବୋଲି ଆଶା କରାଯାଉଛି ।



ପାକିସ୍ତାନ-ନେଦରଲାଣ୍ଡସ ମ୍ୟାଚ୍ ପୂର୍ବରୁ କଲମ୍ବୋ ଷ୍ଟାଡିୟମକୁ ଆଇସିସି ଟି-୨୦ ବିଶ୍ୱକପ୍ ଟ୍ରଫି ସହ ଆକାଶମାର୍ଗରୁ ଓହ୍ଲାଉଛନ୍ତି ଜଣେ ବ୍ୟକ୍ତି ।

ସାଫ୍ ୧୯ ବର୍ଷରୁ କମ୍ ମହିଳା ଫୁଟ୍‌ବଲ

## ବାଂଲାଦେଶକୁ ହରାଇ ଭାରତ ଚାମ୍ପିଅନ

ନୂଆଦିଲ୍ଲୀ, ୭ ।୨ (ଏଜେନ୍ସି): ସାଫ୍ ୧୯ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଭାରତ ଚାମ୍ପିଅନ ହୋଇଛି । ଶନିବାର ନେପାଳର ପୋଖରା ରଙ୍ଗଶାଳା ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୪-୦ ଗୋଲରେ ଏକପାଖିଆ ଭାବେ ଡିଫେଣ୍ଡିଂ ଚାମ୍ପିଅନ ବାଂଲାଦେଶକୁ ହରାଇଥିଲା । ଝୁଲଣ ନୋଙ୍ଗମୈଥେମ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ୍ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧରେ ଏଲିଜାବେଦ ଲାକ୍ରା, ପିଅର୍ଲ ଫର୍ଣ୍ଣାଣ୍ଡିଚ ଓ ଅନୱିତ ରଘୁରାମ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ରାଉଣ୍ଡ-ରବିନ ପର୍ଯ୍ୟାୟରେ ବାଂଲାଦେଶ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା । ଏବେ ଫାଇନାଲରେ ଭାରତ ବିଜୟୀ ହୋଇ ମଧୁର ପ୍ରତିଶୋଧ ନେଇଛି ।

ରଣଜୀ ଟ୍ରଫି କ୍ୱାର୍ଟର ଲଢ଼େଇ

## ମୁମ୍ବଇ-କର୍ଣ୍ଣାଟକ ମ୍ୟାଚରେ ବୋଲରଙ୍କ ରାଜୁତି

ମୁମ୍ବଇ, ୭ ।୨ (ଏଜେନ୍ସି): ଘରୋଇ ମୁମ୍ବଇ ଓ କର୍ଣ୍ଣାଟକ ମଧ୍ୟରେ ସ୍ଥାନୀୟ ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ୪ର୍ଥ କ୍ୱାର୍ଟର ଫାଇନାଲରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି । ମ୍ୟାଚର ଦୁଇ ଦିନରେ ୨୨ଟି ୱିକେଟ୍ ପତନ ଘଟିସାରିଛି । ମୁମ୍ବଇର ୧୨୦ ରନ ଜବାବରେ ତାରକା ଖଚିତ କର୍ଣ୍ଣାଟକ ପ୍ରଥମ ପାଳିରେ ୧୭୩ ରନରେ ସୀମିତ ରହିଛି । ଦଳ ପକ୍ଷରୁ ମୟଙ୍କ ଅଗରୱାଲ ୯୨ ରନ କରିଥିଲେ । ଲୋକେଶ ରାହୁଲ (୨୮ ରନ) ଓ ଅଧିନାୟକ ଦେବଦତ୍ତ ପଡ଼ିକଲ୍ (୧୭)ଙ୍କୁ ଛାଡ଼ିଦେଲେ ଅନ୍ୟକେହି ଦୁଇଅଙ୍କ ସ୍କୋର କରିପାରି ନ ଥିଲେ । ମୁମ୍ବଇର ମୋହିତ ଅବସ୍ଥି ଓ ତୁଷାର ଦେଶପାଣ୍ଡେ ୪ଟି ଲେଖାଏ ୱିକେଟ୍ ବାଣ୍ଟି ନେଇଥିଲେ । ଜବାବରେ ୫୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ମୁମ୍ବଇ ଶନିବାର ୨ୟ ଦିବସ ଶେଷ ସୁଦ୍ଧା ୨ ୱିକେଟରେ ୧୮୯ ରନ ସଂଗ୍ରହ କରିଛି । ଆକାଶ ଆନନ୍ଦ ୫୩ ଓ ମୁସିର ଖାନ ୪୯ ରନ କରି ଅପରାଜିତ ରହିଛନ୍ତି । ଯଶସ୍ୱୀ ଜୟସ୍ୱାଲ ୩୬ ରନ କରି ଆଉଟ୍ ହୋଇଥିଲେ ।

ସେହିଭଳି କୋଲକାତାରେ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟରରେ ଘରୋଇ ବେଙ୍ଗଲ ଦଳ ଅଗ୍ରଣୀ ପାଇଁ ସଂଘର୍ଷ ଜାରି ରଖିଛି । ଆନ୍ଧ୍ରର ୨୯୫ ରନ ଜବାବରେ ବେଙ୍ଗଲ ୫ ୱିକେଟରେ ୧୯୯ ରନ କରିଛି । ସୁଦୀପ ଘରାମୀ ୧୧୨ ରନ କରି ଅପରାଜିତ ରହିଛନ୍ତି । ପ୍ରଥମ କ୍ୱାର୍ଟରରେ ଝାଡ଼ଖଣ୍ଡ ବିପକ୍ଷରେ ଉତ୍ତରାଖଣ୍ଡ ପ୍ରଥମ ପାଳିରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି । ଝାଡ଼ଖଣ୍ଡ ପ୍ରଥମ ପାଳିରେ ୨୩୫ ରନରେ ସୀମିତ ରହିଥିଲା । ଜବାବରେ ଉତ୍ତରାଖଣ୍ଡ ୫ ୱିକେଟ୍‌ରେ ୨୮୨ ରନ ସଂଗ୍ରହ କରିଛି । ଇନ୍ଦୋରରେ ଘରୋଇ ମଧ୍ୟପ୍ରଦେଶ



ଓ ଜମ୍ମୁ-କାଶ୍ମୀର ମଧ୍ୟରେ ଖେଳାଯାଉଥିବା ଅନ୍ୟ ଏକ କ୍ୱାର୍ଟର ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ଜମ୍ମୁର ୧୯୪ ରନ ଜବାବରେ ଘରୋଇ ମଧ୍ୟପ୍ରଦେଶ ୧୫୨ ରନରେ ସୀମିତ ରହିଛି । ଆକ୍ୱିନ ନବୀଙ୍କୁ ୭ଟି ୱିକେଟ୍ ମିଳିଥିଲା । ୪୨ ରନରେ ଆଗୁଆ ଥିବା ଜମ୍ମୁ ୨ୟ ପାଳିରେ ୫ ୱିକେଟ୍‌ରେ ୮୪ ରନ କରି ସଙ୍କଟରେ ପଡ଼ିଛି । ଜମ୍ମୁ ଏବେ ମୋଟ୍ ଉପରେ ୧୨୬ ରନରେ ଆଗୁଆ ରହିଛି ।

# ସିକେ ନାଇଡୁ ଟ୍ରଫି: ଓଡ଼ିଶାର ଲଢୁଆ ବ୍ୟାଟିଂ



ଭୁବନେଶ୍ୱର, ୭ ।୨ (ସମିସ): ବରଗଡ଼ର ବିକାଶ ଗ୍ରାଉଣ୍ଡରେ ବେଙ୍ଗଲ ବିପକ୍ଷରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଦମ୍‌ଦାର ବ୍ୟାଟିଂ କରିଛି । ବେଙ୍ଗଲର ପ୍ରଥମ ପାଳି ସ୍କୋର ୩୪୩ ରନ ଜବାବରେ ଓଡ଼ିଶା ଶନିବାର ଦ୍ୱିତୀୟ ଦିବସ ସୁଦ୍ଧା ୪ ୱିକେଟ୍‌ରେ ୨୧୯ ରନ କରିଛି । ସୁଜଳ ସିଂ ସର୍ବାଧିକ ୬୫ ଓ ଶ୍ରେୟାଂଶ ଭରଦ୍ୱାଜ ୪୯ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଓମ୍ ଟି ମୁଣ୍ଡେ ୯, ଦୀନେଶ ମାଝି ୩୦ ରନ କରିଥିଲେ । ଷ୍ଟମ୍ପବେଳକୁ ସମ୍ବିତ ବେଜ ୩୪ ଓ ଆଶୀର୍ବାଦ ସ୍ୱାଇଁ ୧୯ ରନ କରି ଖେଳୁଛନ୍ତି । ପାଳି ଅଗ୍ରଣୀ ଲାଗି ଓଡ଼ିଶା ବଳକା ୬ ୱିକେଟ୍‌ରେ ଆହୁରି ୧୨୫ ରନ ଆବଶ୍ୟକ କରୁଛି । ପୂର୍ବଦିନର ଅସମାପ୍ତ ସ୍କୋର ୩୦୧/୬ ରନରୁ ଶନିବାର ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ବେଙ୍ଗଲ ଆଉ ୪୨ ରନ ଯୋଡ଼ି ୩୪୩ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଓପନର ଆୟୁଷ ସିଂ ସର୍ବାଧିକ ୧୦୭ ରନ କରିଥିଲେ । ଘରୋଇ ଓଡ଼ିଶାର ପକ୍ଷରୁ ସଫଳ ବୋଲର ଭାବେ ବାମହାତୀ ସ୍ପିନର ବାଦଲ ବିଶ୍ୱାଳଙ୍କୁ ୬ଟି ୱିକେଟ୍ ମିଳିଥିଲା ।

## ତମାଣ୍ଡୋ ପ୍ରିମିୟର ଲିଗ୍ ଆଜିଠାରୁ

ଭୁବନେଶ୍ୱର,୭।୨(ସମିସ): ତମାଣ୍ଡୋ ପ୍ରିମିୟର ଲିଗ୍‌ର ୮ମ ସଂସ୍କରଣ ଆସନ୍ତାକାଲିଠାରୁ ଫେବୃଆରୀ ୨୨ ତାରିଖଯାଏ ସ୍ଥାନୀୟ ତମାଣ୍ଡୋ କ୍ରିକେଟ ପଡ଼ିଆରେ ଖେଳାଯିବ । ୮ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୫ଟି ମ୍ୟାଚ୍ ଖେଳାଯିବ । ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଏକ ଲକ୍ଷ ୫୦ ହଜାର ଓ ରନର୍ସ ଅପ୍ ଦଳକୁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଭାପତି ଆଶିଷ ପଟ୍ଟନାୟକ ଜଣାଇଛନ୍ତି । ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆସନ୍ତାକାଲି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ମୁଖ୍ୟବକ୍ତା ଓ ବିଧାୟକ ଅନନ୍ତନାରାୟଣ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

**ଖେଳସୂଚୀ** : ୮।୨- ଆଦିତ୍ୟ ଏକାଦଶ ବନାମ ଏମ୍‌ଏମ୍‌ସିସି, ସମ୍ବଲପୁର, ୯।୨- ଟିସିସି, ଭୁବନେଶ୍ୱର ବନାମ ଆର୍‌ସି ବ୍ରହ୍ମପୁର, ୧୦।୨- ବିଜେତା ୱାରିଅର୍ସ ବନାମ ଯୁବି ରକ୍‌ଷ୍ଟାର୍ସ, ୧୧।୨-ଏମ୍‌ସିସି, କାକଟପୁର ବନାମ ମାଇଟି ୟଙ୍ଗ୍‌ଷ୍ଟର୍ସ, ୧୨।୨- ବିଜେତା ୱାରିୟର୍ସ ବନାମ ଆର୍‌ସି ବ୍ରହ୍ମପୁର, ୧୩।୨- ଏମ୍‌ସିସି, କାକଟପୁର ବନାମ ଆଦିତ୍ୟ ଏକାଦଶ, ୧୪।୨- ବିଜେତା ୱାରିଅର୍ସ ବନାମ ଟିସିସି, ଭୁବନେଶ୍ୱର, ୧୫।୨- ଏମ୍‌ସିସି, କାକଟପୁର ବନାମ ଏମ୍‌ଏମ୍‌ସିସି, ସମ୍ବଲପୁର, ୧୬।୨- ଆର୍‌ସି ବ୍ରହ୍ମପୁର ବନାମ ଯୁବି ରକ୍‌ଷ୍ଟାର୍ସ, ୧୭।୨- ଏମ୍‌ଏମ୍‌ସିସି, ସମ୍ବଲପୁର ବନାମ ମାଇଟି ୟଙ୍ଗ୍‌ଷ୍ଟାର୍ସ, ୧୮।୨- ଟିସିସି, ଭୁବନେଶ୍ୱର ବନାମ ଯୁବି ରକ୍‌ଷ୍ଟାର୍ସ, ୧୯।୨-ଆଦିତ୍ୟ ଏକାଦଶ ବନାମ ମାଇଟି ୟଙ୍ଗ୍‌ଷ୍ଟାର୍ସ, ୨୦।୨- ପ୍ରଥମ ସେମିଫାଇନାଲ, ୨୧।୨- ଦ୍ୱିତୀୟ ସେମିଫାଇନାଲ, ୨୨।୨- ଫାଇନାଲ ।

**ଆଇସିସିର ନିୟମ**

# ସିନିଅର ଦଳରୁ ଏବେ ଖେଳିପାରିବେନି ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୭ ।୨ (ଏଜେନ୍ସି)

୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ବିସ୍ଫୋରକ ଶତକୀୟ ପାଳି ଖେଳି ବୈଭବ ସୂର୍ଯ୍ୟବଂଶୀ ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଏହି ଫାଇନାଲ ମ୍ୟାଚରେ ସୂର୍ଯ୍ୟବଂଶୀ ମାତ୍ର ୮୦ଟି ବଲ୍ ଖେଳି ୧୭୫ ରନର ଶତକୀୟ ପାଳି ଖେଳିଥିଲେ । ଏହି ରେକର୍ଡ ପାଳିରେ ସୂର୍ଯ୍ୟବଂଶୀ ୧୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ବିହାରର ଏହି ୧୪ ବର୍ଷୀୟ ବାମହାତୀ ବ୍ୟାଟର୍ ଏଥିପୂର୍ବରୁ ଆଇପିଏଲ୍ ଓ ଭାରତୀୟ ଘରୋଇ କ୍ରିକେଟ୍‌ରେ ମଧ୍ୟ ନିଜ ଛାପ ଛାଡ଼ିସାରିଛନ୍ତି । ଏବେ ବୈଭବଙ୍କୁ ଭାରତୀୟ ସିନିଅର ଦଳରେ ସୁଯୋଗ ଦେବା ନେଇ ପ୍ରଶଂସକମାନେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ବିସିସିଆଇ ନିକଟରେ ଦାବି କରିଛନ୍ତି । କିନ୍ତୁ ଅନେକେ ଜାଣି ନ ଥିବେ ଯେ ବିସିସିଆଇ ଚାହିଁଲେ ମଧ୍ୟ ସୂର୍ଯ୍ୟବଂଶୀଙ୍କୁ ବର୍ତ୍ତମାନ ସିନିଅର ଦଳରେ ଖେଳାଇପାରିବ ନାହିଁ । ଏହା ପଛରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ଏକ ନିୟମ ବାଧକ ସାଜିଛି । ସୂର୍ଯ୍ୟବଂଶୀଙ୍କୁ ବର୍ତ୍ତମାନ ସିନିଅର କ୍ୟାପ୍ ହାସଲ କରିବାରେ ପ୍ରମୁଖ ବାଧକ ହେଉଛି ଆଇସିସିର ସର୍ବନିମ୍ନ ବୟସ ନିୟମ । ଯୁବ ଖେଳାଳିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ ଆଇସିସି ୨୦୨୦ ମସିହାରେ ଏହି ନିୟମ ପ୍ରଚଳନ କରିଥିଲା । ଏହି ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ହେଲେ ଅତିକମ୍‌ରେ ୧୫ ବର୍ଷ ବୟସ ହୋଇଥିବା ଆବଶ୍ୟକ । ୨୭ ମାର୍ଚ୍ଚ ୨୦୧୧ରେ ଜନ୍ମଗ୍ରହଣ କରିଥିବା ସୂର୍ଯ୍ୟବଂଶୀଙ୍କୁ ବର୍ତ୍ତମାନ ୧୪ ବର୍ଷ ଚାଲିଛି । ତେଣୁ ଭଲ ପ୍ରଦର୍ଶନ ସତ୍ତ୍ୱେ ସିନିଅର ଦଳରୁ ଖେଳିବା ଲାଗି ତାଙ୍କୁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ । ସେହିଭଳି ସୂର୍ଯ୍ୟବଂଶୀ ଥରେ ଭାରତୀୟ ଦଳ ପକ୍ଷରୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିସାରିଥିବାରୁ ଭବିଷ୍ୟତରେ ସେ ଆଉ ଏହି ମେଗା ଇଭେଣ୍ଟରେ ଖେଳିପାରିବେ ନାହିଁ । ବିସିସିଆଇ ଏହାର ଖେଳାଳିଙ୍କ ଲାଗି ଏହି ନିୟମ କରିଛି । ଅଧିକରୁ ଅଧିକ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ବିସିସିଆଇ ଏହି ନିୟମ ଆଣିଛି ।



## ଆୟୁଷ ସେନାକୁ ବିସିସିଆଇର ୭.୫ କୋଟି ପୁରସ୍କାର

ରେକର୍ଡ ଷଷ୍ଠଥର ଲାଗି ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଯୁବ ଭାରତୀୟ କ୍ରିକେଟ୍ ଦଳକୁ ବିସିସିଆଇ ପୁରସ୍କାର ଅଜାଡ଼ି ଦେଇଛି । ଯୁବ ଭାରତୀୟ ଦଳକୁ ୭.୫ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ଲାଗି ଶନିବାର ବିସିସିଆଇ ଘୋଷଣା କରିଛି । ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ବିଶ୍ୱ ବିଜୟୀ ଦଳର ସମସ୍ତ ଖେଳାଳିଙ୍କ ସମେତ କୋଚିଂ ଷ୍ଟାଫ୍, ଜୁନିଅର କ୍ରିକେଟ୍ କମିଟିର ସଦସ୍ୟଙ୍କ ମଧ୍ୟରେ ଏହି ଆର୍ଥିକ ପୁରସ୍କାର ରାଶି ବଣ୍ଟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ଏକ ଅଫିସିଆଲ୍ ବିବୃତିରେ କହିଛନ୍ତି । ହୃଷିକେଶ କାନିତକରଙ୍କ ପ୍ରଶିକ୍ଷଣରେ ଏହି ବିଶ୍ୱକପ୍ ଖେଳିଥିବା ଭାରତ ସମସ୍ତ ମ୍ୟାଚ୍ ଜିତି ଅପରାଜେୟ ରହିଥିଲା । ବୈଭବ ସୂର୍ଯ୍ୟବଂଶୀଙ୍କ ବିଧ୍ୱଂଶୀ ଶତକୀୟ ପାଳି ବଳରେ ଭାରତ ଫାଇନାଲରେ ୧୦୦ ରନରେ ଇଂଲଣ୍ଡ ଯୁବ ଦଳକୁ ପରାସ୍ତ କରି ୬ଷ୍ଠଥର ଲାଗି ବିଶ୍ୱକପ୍ ଟ୍ରଫି ଜିତିଥିଲା । ୧୪ ବର୍ଷୀୟ ବୈଭବ ଏହି ମ୍ୟାଚରେ ୮୦ ବଲରୁ ୧୭୫ ରନ ସଂଗ୍ରହ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS